# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ମାର୍ଚ୍ଚ ୨୯/ ୨୦୨୦ (୧୨ ପୃଷ୍ଠା) | Rayagada, Sunday, March 29/ 2020

୧୦ମ ଭାଗ ୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada

ମୂଲ୍ୟ ₹୫/-



ଅନ୍‌ଲାଇନ୍‌ରେ ପଢନ୍ତୁ
ଧରିତ୍ରୀ
DHARITRI
www.dharitriepaper.in
www.dharitri.com




**ଲକ୍‌ଡାଉନକୁ ଶ୍ରଦ୍ଧାଙ୍କ ବେଖାତିର**

ଟେଲି ସିରିୟଲର ଶ୍ରଦ୍ଧା ଆର୍ଯ୍ୟା ନିଜ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ସମୁଦ୍ର କୂଳରେ ବୁଲୁଥିବା ନଜର ଆସୁଛନ୍ତି।

୧୦

୧୨

**ସହାୟତାର ହାତ ବଢ଼ାଇଲେ ରାଇନା**



# ଲକ୍‌ଡାଉନ ବଢ଼ାଇଲା ଦାଦନ ଦୁଃଖ



କରୋନାର ମୁକାବିଲା ପାଇଁ ଲକ୍‌ଡାଉନ ଘୋଷଣା କରାଯାଇଥିବାବେଳେ ଉତ୍ତରପ୍ରଦେଶର ଗାଜିଆବାଦରୁ ନିଜ ଗାଁକୁ ଫେରୁଛନ୍ତି ଦାଦନ ଶ୍ରମିକ।

## କେନ୍ଦ୍ରକୁ ଦୋଷ ଦେଲା କଂଗ୍ରେସ

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସୋନିଆ

ଦାଦନ ଶ୍ରମିକଙ୍କ ଏଭଳି ସମସ୍ୟା ପାଇଁ ବିରୋଧୀ ଦଳ କଂଗ୍ରେସ ସରକାରଙ୍କୁ ଦାୟୀ କରିଛି। ନାଗରିକମାନଙ୍କୁ ଏଭଳି ଅବସ୍ଥାକୁ ଆଣିବା ଏକ ବଡ଼ ଅପରାଧ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଲକ୍‌ଡାଉନ ଘୋଷଣା ପୂର୍ବରୁ ଦାଦନ ଶ୍ରମିକମାନଙ୍କ ପାଇଁ ଉପଯୁକ୍ତ ପଦକ୍ଷେପ ନେବାର ଆବଶ୍ୟକତା ଥିଲା ବୋଲି ବିଭିନ୍ନ ଦଳ ପକ୍ଷରୁ କୁହାଯାଇଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖି ଦାଦନଙ୍କୁ ଘରେ ପହଞ୍ଚାଇବା ଦିଗରେ ସହାୟତା ଲାଗି ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ବିଭିନ୍ନ ସ୍ଥାନରେ ଅଟକିଥିବା ଦାଦନଙ୍କୁ ଖାଦ୍ୟ ପାନୀୟ ଯୋଗାଇଦେବାକୁ ରାହୁଲ ଗାନ୍ଧୀ କଂଗ୍ରେସ କର୍ମୀମାନଙ୍କୁ ଅନୁରୋଧ କରିଛନ୍ତି। ବିଦେଶରେ ଥିବା ଭାରତୀୟଙ୍କୁ ଫେରାଇଆଣିବା ଲାଗି ସରକାର ବିମାନ ପଠାଉଥିବାବେଳେ ଦେଶର ମେରୁଦଣ୍ଡ କୁହାଯାଉଥିବା ଶ୍ରମିକମାନଙ୍କୁ ଘରକୁ ଫେରିବା ଲାଗି ପରିବହନ ସୁବିଧା ଯୋଗାଇଦିଆଯାଉନାହିଁ କାହିଁକି ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରଶ୍ନ କରିଛନ୍ତି। ସେହିପରି ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ଦାଦନ ସମସ୍ୟାକୁ ସରକାରଙ୍କ ପ୍ରସ୍ତୁତି ଅଭାବର ଦୃଷ୍ଟାନ୍ତ ବୋଲି କହିଛନ୍ତି।

- ରୋଗ ଭୟକୁ ବଳିଗଲା ଖାଦ୍ୟ ଚିନ୍ତା
- ସହାୟତା ପାଇଁ ନିବେଦନ କଲେ ୨୦୦ ବିଶିଷ୍ଟ ନାଗରିକ
- ଅଟକିଥିବା ଦାଦନଙ୍କୁ ଘରେ ପହଞ୍ଚାଇବା ପାଇଁ ବସ୍ ଯୋଗାଇଲେ ୟୁପି ସରକାର
- ବଦଳିଲା ଏସ୍‌ଡିଆର୍‌ଏଫ୍ ସହାୟତା ନିୟମ

ନୂଆଦିଲ୍ଲୀ,୨୮।୩

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ସରକାର ସାରା ଦେଶରେ ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରିଥିବାବେଳେ ବିଭିନ୍ନ ରାଜ୍ୟକୁ ଯାଇ କାର୍ଯ୍ୟ କରୁଥିବା ଦାଦନ ଶ୍ରମିକଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ନା ସେମାନଙ୍କୁ ମିଳୁଛି କାମ, ନା ଘରକୁ ଫେରିବା ପାଇଁ ଗାଡ଼ିର ସୁବିଧା। ଲକ୍‌ଡାଉନ ଜନିତ କଟକଣା ଯୋଗୁ ଶ୍ରମିକମାନଙ୍କୁ ପିଲାଛୁଆ ଧରି ଚାଲି ଚାଲି ନିଜ ରାଜ୍ୟକୁ ଫେରିବାକୁ ପଡୁଥିବାବେଳେ ବିଭିନ୍ନ ସ୍ଥାନରେ ସେମାନଙ୍କୁ ପୋଲିସ ଜୁଲମର ସାମ୍ନା କରିବାକୁ ହେଉଛି। ସେମାନେ ବିଭିନ୍ନ ସ୍ଥାନରେ ଅଟକି ରହି ଖାଦ୍ୟାଭାବର ସମ୍ମୁଖୀନ ହୋଇଛନ୍ତି। ଫଳରେ ରୋଗ ଭୟକୁ ବଳିଯାଇଛି କ୍ଷୁଧା। ଅଟକି ରହିଥିବା ଦାଦନମାନଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଦେଶର ୨୦୦ ବିଶିଷ୍ଟ ନାଗରିକ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ସେମାନଙ୍କ ମଧ୍ୟରେ ଜିନ୍ ଡ୍ରେଜ୍, ଅରୁଣା ରାୟ, ସଞ୍ଜୟ ବାରୁ, ହର୍ଷ ମନ୍ଦର, ମେଧା ପାଟେକରଙ୍କ ସମେତ ବହୁ ଶିକ୍ଷାବିତ୍, ଅର୍ଥନୀତିଜ୍ଞ, ସାମାଜିକ କର୍ମୀ, ଆଇନଜୀବୀ, ରାଜନୈତିକ ସମୀକ୍ଷକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଛନ୍ତି।

ସୀମାନ୍ତ ଜିଲାଗୁଡ଼ିକରେ ଅଟକି ରହିଥିବା ଦାଦନ ଶ୍ରମିକଙ୍କୁ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ଉତ୍ତରପ୍ରଦେଶ ସରକାର ୧୦୦୦ ବସ୍‌ର ବ୍ୟବସ୍ଥା କରିଛନ୍ତି। ଏଥିସହିତ ସେମାନଙ୍କୁ ଖାଦ୍ୟ, ପାଣି ଯୋଗାଇଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସକାଳୁ କାନପୁର, ବାଲିଆ, ☞ପୃଷ୍ଠା-୪

## ଅନ୍ୟ ରାଜ୍ୟରେ ଫସିଛନ୍ତି ଓଡ଼ିଆ ଶ୍ରମିକ

**ସହାୟତା ପାଇଁ ଆସୋସିଏଶନଗୁଡ଼ିକୁ ଅନୁରୋଧ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨୮।୩(ବ୍ୟୁରୋ)

କରୋନା ଭୂତାଣୁ(କୋଭିଡ୍-୧୯)ର କରାଳ ରୂପ ସମଗ୍ର ବିଶ୍ୱକୁ ଗ୍ରାସ କରିଛି। ଭାରତରେ ମଧ୍ୟ ଏହା କାୟା ବିସ୍ତାର କରିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଚ୍ଚ ୨୪ ତାରିଖ ମଧ୍ୟରାତ୍ରିରୁ ସମଗ୍ର ଦେଶକୁ ଲକ୍‌ଡାଉନ୍ ଘୋଷଣା କରିବା ପରେ ସବୁ କିଛି ବନ୍ଦ ହୋଇଯାଇଛି। ଏହି ଲକ୍‌ଡାଉନ୍ ଯୋଗୁ ରାଜ୍ୟ ବାହାରକୁ କାମ ଅନ୍ୱେଷଣରେ ଯାଇଥିବା ଓଡ଼ିଶାର ଶ୍ରମିକଗୋଷ୍ଠୀ ବହୁଳଭାବେ ପ୍ରଭାବିତ ହୋଇଛନ୍ତି। ବିଭିନ୍ନ ଜିଲାରୁ ନିଜର ପେଟପାଟଣା ପାଇଁ ତାମିଲନାଡୁ, ଦିଲ୍ଲୀ, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, କେରଳ, ଉତ୍ତର ପ୍ରଦେଶ, ଗୁଜରାଟ ଆଦି ରାଜ୍ୟକୁ ଯାଇଥିବା ଶ୍ରମିକଙ୍କ ଦୁର୍ଦ୍ଦଶା ଏବେ ବଢ଼ି ଯାଇଛି। ସରକାରଙ୍କ ଲକ୍‌ଡାଉନ୍ ବିଷୟରେ ଅଜ୍ଞ ଥିବା ଏହି ଶ୍ରମିକମାନଙ୍କର ଜୀବିକା ସେଠାରେ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି । ବାହାର ରାଜ୍ୟରେ ବିନା ଶ୍ରମରେ ନିଜ ପିଲାଛୁଆଁଙ୍କ ମୁହଁରେ ଦାନା ଦେବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଛି। କାମଧନ୍ଦା ବନ୍ଦ ହୋଇଯିବା ପରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଏବେ ଅନ୍ୟ ରାଜ୍ୟରେ ଫସିରହିଛନ୍ତି। ବିଶେଷକରି କେନ୍ଦ୍ରାପଡ଼ା, ବଲାଙ୍ଗୀର, ବରଗଡ଼, ଭଦ୍ରକ, ସୁବର୍ଣ୍ଣପୁର, ଗଞ୍ଜାମ, ସମ୍ବଲପୁର, ଝାରସୁଗୁଡ଼ା, ରାୟଗଡା ଆଦି ଜିଲାରୁ ବହୁ ସଂଖ୍ୟାରେ ଯାଇଥିବା ଶ୍ରମିକମାନେ ଲକଡାଉନର ଚତୁର୍ଥଦିନରେ ଏକ ପ୍ରକାର ଅସହାୟ ହୋଇପଡିଛନ୍ତି। ଟଙ୍କା ପଇସା ସରିଯାଇଥିବାରୁ ଖାଇବାକୁ ପାଖରେ ପଇସା ନାହିଁ। ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ସେମାନେ ଘରକୁ ଫେରିପାରୁ ନାହାନ୍ତି। ସେମାନେ ଫେରିବା ପାଇଁ ସୁବିଧା କରିବା ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆକୁଳ ନିବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ କେତେକେ ପିଲାଛୁଆଙ୍କୁ ଧରି ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଛି। କୋଭିଡ୍-୧୯ର ପ୍ରଭାବ କେବେ କମିବ କାମଧନ୍ଦା ମିଳିବ କି ନାହିଁ ସେହି ଆଶଙ୍କାରେ ଶ୍ରମିକମାନେ ଅନ୍ୟ ରାଜ୍ୟ ଛାଡି ନିଜ ଗାଁ ଆଡେ ମୁହାଁଇଛନ୍ତି । ରାୟଗଡା, ଗଞ୍ଜାମରୁ ଯାଇଥିବା କେତେକ ଶ୍ରମିକ ମାଇଲ ମାଇଲ ଦୂର ଚାଲିଚାଲି ଯାଉଥିବା ଦେଖାଯାଇଛି। ପ୍ରତ୍ୟେକ ଦିନ ସେମାନେ ୫୦ରୁ ୬୦ କିଲୋମିଟର ଚାଲିଚାଲି ନିଜ ଘରେ ପହଞ୍ଚିଯିବେ ବୋଲି ଆଶା ରଖିଛନ୍ତି। ବାଟରେ ପୋଲିସ କିମ୍ବା କୌଣସି ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଦିଆଯାଉଥିବା ହାତଟେକା ଖାଦ୍ୟ ପୁଡିଆକୁ ଭରସା କରି ଦୀର୍ଘ ପଥ ଚାଲିଚାଲି ଯିବାକୁ ଅଣ୍ଟା ଭିଡିଛନ୍ତି। ତାମିଲନାଡୁ, କେରଳ ଏବଂ ଉତ୍ତର ପ୍ରଦେଶରେ ଥିବା ଶ୍ରମିମାନଙ୍କ ପକ୍ଷେ ଏତେଦୂର ଆସିବା ସମ୍ଭବ ନ ଥିବାରୁ ସହାୟତା କରିବାକୁ ☞ପୃଷ୍ଠା-୪


**ଛୁଟିଦିନ**
ଅନ୍‌ଲାଇନରେ ପଢ଼ନ୍ତୁ
www.dharitriepaper.in
www.dharitri.com




## ଗ୍ରୀଷ୍ମପ୍ରବାହ: ପାରଦ ଛୁଇଁଲା ୪୦ ଡିଗ୍ରୀ

ଭୁବନେଶ୍ୱର,୨୮।୩(ବ୍ୟୁରୋ)

**ଆଜିଠୁ ୩୧ ଯାଏ ଝଡ଼ବର୍ଷା ସମ୍ଭାବନା**

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ପାରଦ ୪୦ ଡିଗ୍ରୀ ସେଲ୍‌ସିୟସକୁ ଛୁଇଁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୩୯.୧, ଟିଟିଲାଗଡ ୩୯, ଚାନ୍ଦବାଲି ୩୭.୨, କଟକ ୩୮.୨, ଭୁବନେଶ୍ୱର ୩୭.୭, ବାରିପଦା ୩୯, ସମ୍ବଲପୁର ୩୭.୧, ତାଳଚେର ୩୮, ଭବାନୀପାଟଣା ୩୭.୫, ସୋନପୁର ୩୮.୪, ନୟାଗଡ ୩୭ ଏବଂ ବୌଦ୍ଧ ଜିଲାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତାତି ସାଙ୍ଗକୁ ଝାଞ୍ଜି ପବନ ପରିବେଶକୁ ଉତ୍ତପ୍ତ କରିଛି। ତେବେ ରବିବାରଠାରୁ ମାର୍ଚ୍ଚ ୩୧ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ବିହାର ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ରାୟଗଡା, ଗଜପତି, ଗଞ୍ଜାମ, ବୌଦ୍ଧ, ଅନୁଗୋଳ, ମୟୂରଭଞ୍ଜ ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ବୁଲା ବିକାଳିଙ୍କୁ ୩୦୦୦ ଟଙ୍କା ସହାୟତା

ଭୁବନେଶ୍ୱର,୨୮।୩(ବ୍ୟୁରୋ)



ଶହୀଦନଗରରୁ ନିୟମିତ ହାଟ ଉଠିଯିବା ପରେ ରମାଦେବୀ ବିଶ୍ୱବିଦ୍ୟାଳୟ ନିକଟରେ ପରିବା ବିକୁଥିବା ଷ୍ଟ୍ରିଟ୍ ଭେଣ୍ଡର।

**କରୋନା ମୁକାବିଲା**
- ନିରାଶ୍ରୟଙ୍କୁ ରନ୍ଧାଖାଦ୍ୟ
- ଏସ୍‌ଏଚ୍‌ଜି ନେବେ ଦାୟିତ୍ୱ
- ଘରେ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ ଜାରି ରହିଛି। ଏହା ଦ୍ୱାରା ସାଧାରଣ ଜନଜୀବନ ବହୁଳ ଭାବେ ପ୍ରଭାବିତ ହୋଇଛି। ବିଶେଷକରି ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ରୋଜଗାରରୁ ବଞ୍ଚିତ ହୋଇଛନ୍ତି। ତେଣୁ ରାଜ୍ୟରେ ଏହି ବର୍ଗର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ନିଷ୍ପତ୍ତି ନେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ର ସୂଚନାନୁଯାୟୀ, ପ୍ରତି ପଞ୍ଚାୟତରେ ଶହେରୁ ଦୁଇ ଶହ ପର୍ଯ୍ୟନ୍ତ ଗରିବ ଲୋକଙ୍କୁ ପ୍ରତିଦିନ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ। ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ଦ୍ୱାରା ଏହି କାର୍ଯ୍ୟ କରାଯିବ। ଏପରି କି ରନ୍ଧା ଖାଦ୍ୟ ଘରକୁ ନେଇ ମଧ୍ୟ ଖାଇହେବ। ଏଥିରେ ପ୍ରାୟ ୧୦ ଲକ୍ଷ ନିରାଶ୍ରୟ ଲୋକ ଉପକୃତ ହେବେ ବୋଲି ନବୀନ କହିଛନ୍ତି। ଅନୁରୂପଭାବେ ରାଜ୍ୟର ୧୧୪ ପୌରାଞ୍ଚଳର ଷ୍ଟ୍ରିଟ୍ ଭେଣ୍ଡରମାନଙ୍କ ପାଇଁ ୩୦୦୦ ଟଙ୍କା ଲେଖାଏ ସହାୟତା ଦିଆଯିବ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ପଞ୍ଜୀକୃତ ହୋଇଥିବା ୬୫,୦୦୦ ଷ୍ଟ୍ରିଟ୍ ଭେଣ୍ଡରମାନେ ଉପକୃତ ହେବେ। କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ଶନିବାର ଆଉ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି ଯେ, କରୋନା ବିରୋଧରେ ସଂଗ୍ରାମକୁ ଆହୁରି ଜୋରଦାର କରାଯାଇଛି। ଲୋକମାନଙ୍କୁ ଘର ବାହାରକୁ ନ ଆସିବା ପାଇଁ ଅନୁରୋଧ କରାଯାଇଛି। କେବଳ ଘରେ ରହିବା ଦ୍ୱାରା ହିଁ ଏହି ସଂଗ୍ରାମକୁ ଜିତିପାରିବା। ଏହି ସଂଗ୍ରାମ ଗରିବ ଲୋକ, ମଜଦୁର ଭାଇ ଓ ଭଉଣୀମାନଙ୍କ ରୋଜଗାର ଉପରେ ବିଶେଷ ପ୍ରଭାବ ପକାଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଲକ୍‌ଡାଉନ୍ ଚାଲିଥିଲେ ବି ରାଜ୍ୟର କୌଣସି ନାଗରିକ ଯେପରି ଅସୁବିଧା ନ ଭୋଗିବେ, ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ପୂର୍ବରୁ ଗରିବ ଲୋକଙ୍କ ପାଇଁ ୩ମାସର ରାଶନ, ଚାରି ମାସର ଭତ୍ତା ସହ ଅନ୍ୟାନ୍ୟ ଘୋଷଣା ମଧ୍ୟ କରାଯାଇଛି।

**ଆମେରିକାରେ ଲକ୍ଷେ ଟପିଲା ସଂକ୍ରମିତଙ୍କ ସଂଖ୍ୟା**

୩

**ଆଜିର ସମ୍ପାଦକୀୟ**

**ଭାରତରେ ଲକ୍‌ଡାଉନ କାହିଁକି?**

**ଆଜିର ମନ୍ତବ୍ୟ**

"ଘରମୁହାଁ ଶ୍ରମିକଙ୍କୁ ଖାଦ୍ୟ, ପିଇବା ପାଣି ଓ ଆଶ୍ରୟ ଯୋଗାଇଦେବା ଲାଗି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି।

-ନୀତିନ୍ ଗଡକରୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ


Vencobb FRESH CHICKEN

28.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |
| BMP | 62 | 109 | 119 |

*Conditions Apply

Issued in the Interest of Consumers


## କରୋନା ଭୟରେ ପାରୋଲ୍ କୋହଳ

କଟକ ଅଫିସ୍,୨୮।୩

**ଉଚ୍ଚକ୍ଷମତା ସମ୍ପନ୍ନ କମିଟିର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି**
- ମୁକୁଳିବେ ୭ବର୍ଷ ଦଣ୍ଡ ପାଇଥିବା ଦୋଷୀ
- ଜେଲରୁ ବାହାରିପାରନ୍ତି ୧୭୨୭ ବିଚାରାଧୀନ କଏଦୀ
- ଭିଡ଼ କମାଇବାକୁ ସ୍ଥାନାନ୍ତର ହେବେ ଅନ୍ତେବାସୀ

ଜେଲ୍‌ରେ ବହୁ ସଂଖ୍ୟକ ଅନ୍ତେବାସୀ ଗୋଟିଏ ସ୍ଥାନରେ ରହୁଥିବାରୁ ସେମାନେ କରୋନା ଭୂତାଣୁରେ ସଂକ୍ରମଣ ହେବାର ଆଶଙ୍କା ଦେଖାଦେଇଛି। ଏଣୁ ଜେଲ୍‌ଗୁଡ଼ିକରେ ଯଥାସମ୍ଭବ ଭିଡ଼କୁ କମାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଉଚ୍ଚକ୍ଷମତା ସମ୍ପନ୍ନ କମିଟି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ସଞ୍ଜୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଗୃହ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ଏବଂ ଡିଜି (ଜେଲ୍) ସନ୍ତୋଷ କୁମାର ଉପାଧ୍ୟାୟ ଏଥିରେ ଭାଗନେଇଥିଲେ। ପାରୋଲ୍ ପ୍ରଦାନ ବ୍ୟବସ୍ଥାକୁ ଏହି କମିଟି ଅନେକ ପରିମାଣରେ କୋହଳ କରିଛନ୍ତି।

ବୈଠକରେ ପାରୋଲ ପ୍ରଦାନ ପ୍ରସଙ୍ଗ ନେଇ ଅଧିକ ସମୟ ଆଲୋଚନା ହୋଇଥିଲା। ଯେଉଁ କଏଦୀମାନେ ୭ବର୍ଷ କିମ୍ବା ତା'ଠାରୁ କମ୍ ସମୟ ଲାଗି ଦଣ୍ଡ ପାଇଛନ୍ତି, ସେମାନଙ୍କୁ ପାରୋଲ୍ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଯଦି ସମ୍ପୃକ୍ତ କଏଦୀଙ୍କ ବିରୋଧରେ ଅନ୍ୟ ମାମଲା ବିଚାରାଧୀନ ଥିବ, ତେବେ ଗତ ପାରୋଲ୍‌ର ଶୃଙ୍ଖଳାକୁ ବିଚାର କରି ନିଷ୍ପତ୍ତି ନିଆଯିବ। ଯେଉଁମାନେ ବର୍ତ୍ତମାନ ପାରୋଲ୍‌ରେ ଅଛନ୍ତି, ସେମାନଙ୍କ ଅବଧି ବଢ଼ାଇବା ସମ୍ପର୍କରେ ଅଧିକାରୀମାନେ ନିଷ୍ପତ୍ତି ନେଇପାରିବେ। ଯେଉଁ କଏଦୀଙ୍କ ବୟସ ୬୫ବର୍ଷରୁ ଅଧିକ ଏବଂ ଏକାଧିକ ମାମଲାରେ ଜଡ଼ିତ ନ ଥିବେ କିମ୍ବା ଏନ୍‌ଡିପିଏସ୍ ଆକ୍ଟ, ବଳାତ୍କାର, ଏସିଡ୍ ଆକ୍ରମଣ କିମ୍ବା ପୋକ୍ସୋ ଆକ୍ଟରେ ଦଣ୍ଡିତ ହୋଇ ନ ଥିବେ ସେମାନଙ୍କୁ ପାରୋଲ୍ ଦିଆଯାଇପାରିବ। ତେବେ ଏସବୁ ଅପରାଧରେ ଦଣ୍ଡିତ ସତ୍ତ୍ୱେ ବୟସ ୭୦ରୁ ଅଧିକ ହୋଇଥିଲେ କରୋନା ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ପାରୋଲ୍ ପ୍ରଦାନ ନେଇ ଅଧିକାରୀମାନେ ନିଷ୍ପତ୍ତି ନେଇପାରିବେ ବୋଲି ସ୍ଥିର ହୋଇଛି।

ସେହିଭଳି ବିଚାରାଧୀନ କଏଦୀଙ୍କୁ ପାରୋଲ୍ ପ୍ରଦାନ ନେଇ ମଧ୍ୟ ଏହି କମିଟି କେତେକ ନିଷ୍ପତ୍ତି ନେଇଛି। ୭ବର୍ଷ ଜେଲ୍ ଦଣ୍ଡ ଭଳି ଅପରାଧରେ ସାମିଲ୍ ଥିବା ବିଚାରାଧୀନ କଏଦୀଙ୍କୁ ଅନ୍ତରୀଣ ଜାମିନ୍ ଦେବା ଲାଗି ଜିଲା ସ୍ତରରେ ଅଣ୍ଡର୍ ଟ୍ରାଏଲ୍ ସମୀକ୍ଷା କମିଟି ଆବଶ୍ୟକ ଅନୁଯାୟୀ ନିଷ୍ପତ୍ତି ନେବ। ଗୁରୁତର ଅପରାଧରେ ଅଭିଯୁକ୍ତ ନ ଥିବା ବିଚାରାଧୀନ କଏଦୀଙ୍କୁ ଜାମିନ୍ ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ। ବର୍ତ୍ତମାନ ରାଜ୍ୟର ୮୭ଟି ଜେଲ୍‌ରେ ୧୭୨୭ଜଣ ଏଭଳି ବିଚାରାଧୀନ କଏଦୀ ଥିବା ଡିଜି (ଜେଲ୍) ଉପାଧ୍ୟାୟ ସୂଚନା ରଖିବା ସହ ଜାମିନ୍ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଜିଲା ଆଇନ୍ ସେବା ପ୍ରାଧିକରଣ ଏ ଦିଗରେ କାର୍ଯ୍ୟ କରିବ। ☞ପୃଷ୍ଠା-୪

## କରୋନା ମୁହଁରୁ ଫେରିଲେ ଶତାୟୁ

ରୋମ୍,୨୮।୩

କରୋନା ମହାମାରୀରେ ଇଟାଲୀ ସର୍ବାଧିକ ପ୍ରଭାବିତ ଦେଶ। ଏହି ଦେଶରେ କରୋନା ସଂକ୍ରମଣ ଯୋଗୁ ୯ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଏଥିରୁ କିନ୍ତୁ ଆରୋଗ୍ୟ ଲାଭ କରିଛନ୍ତି ଜଣେ ୧୦୧ ବର୍ଷୀୟ ବୃଦ୍ଧ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଘଟଣାଟି ସତ। ଉପକୂଳବର୍ତ୍ତୀ ଇଟାଲୀ ସହର ରିମିନିର ମିଷ୍ଟର ପି ନାମକ ଏହି ବୃଦ୍ଧ କରୋନା ସଂକ୍ରମିତ ଥିବା ଜଣାପଡ଼ିବା ପରେ ଗତ ସପ୍ତାହେ ତଳେ ତାଙ୍କୁ ସେଠାକାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହାପରେ ସେ ସେଠାରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଯାଇଥିବା ଜଣାପଡ଼ିଛି। ବୁଧବାର ପରିବାର ଲୋକେ ତାଙ୍କୁ ଘରକୁ ଆଣିଛନ୍ତି।

**ଏୟାର ଇଣ୍ଡିଆ ବିମାନରେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ**

ଲକ୍‌ଡାଉନ ଯୋଗୁ ପରିବହନ ସମସ୍ୟା ସୃଷ୍ଟି ହୋଇଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀ ବିଭିନ୍ନ ରାଜ୍ୟରେ ପହଞ୍ଚାଇବା ଲାଗି ଏୟାର ଇଣ୍ଡିଆ ଆଗେଇ ଆସିଛି। ଶନିବାର ଏୟାର ଇଣ୍ଡିଆର କେତେକ କାର୍ଗୋ ବିମାନ ଦେଶର ବିଭିନ୍ନ ସ୍ଥାନକୁ ଔଷଧ, ମେଡିକାଲ ଯନ୍ତ୍ରପାତି ଆଦି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରିଛନ୍ତି। ଏୟାର ଇଣ୍ଡିଆର ସବ୍‌ସିଡିଆରୀ ଆଲିଆନ୍ସ ଏୟାର ମଧ କେତେକ ବିମାନକୁ ଏହି କାର୍ଯ୍ୟରେ ଲଗାଇଛି।


ପ୍ରୟାଗରାଜରେ ଦାଦନ ଶ୍ରମିକମାନେ ଚାଲିଚାଲି ନିଜ ରାଜ୍ୟକୁ ଫେରୁଛନ୍ତି।


ବିଜୟୱାଡ଼ାର ଏକ ସୁପରମାର୍କେଟ ବାହାରେ ଲୋକେ ଜିନିଷ କିଣିବାକୁ ଧାଡ଼ିରେ ଛିଡା ହୋଇଛନ୍ତି।


ନୂଆଦିଲ୍ଲୀର କଶ୍ମୀର ଗେଟ୍‌ଠାରେ ପୋଲିସ ଦିନ ମଜୁରିଆଙ୍କୁ ଖାଦ୍ୟ ବାଣ୍ଟୁଛି।

# ଆଗକୁ ବଡ଼ ଚ୍ୟାଲେଞ୍ଜ୍

**ନୂଆଦିଲ୍ଲୀ,୨୮।୩(ପି.ଟି.)**



- ମୁକାବିଲା ପାଇଁ ସରକାରଙ୍କ ପ୍ରସ୍ତୁତି
- କରୋନା ସଂକ୍ରମଣ ତୃତୀୟ ପର୍ଯ୍ୟାୟରେ ପହଞ୍ଚିଥିବା ଆଶଙ୍କା
- ଗୋଷ୍ଠୀ ସଂକ୍ରମଣକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଖଣ୍ଡନ

କରୋନା ଭୂତାଣୁ ଭାରତରେ ଗୋଷ୍ଠୀ ସଂକ୍ରମଣ ପର୍ଯ୍ୟାୟକୁ ଆସିଥିବା ଆଶଙ୍କା କରାଯାଉଥିବାବେଳେ ଆଗାମୀ ଦିନରେ ସୃଷ୍ଟି ହେବାକୁ ଯାଉଛି ବଡ଼ ଚ୍ୟାଲେଞ୍ଜ। ଏହାର ମୁକାବିଲା ପାଇଁ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ଉପରେ ଜୋର୍ ଦେଉଛନ୍ତି। ବିଭିନ୍ନ ରାଜ୍ୟରେ ସଂକ୍ରମିତ ଲୋକଙ୍କ ପାଇଁ ସ୍ୱତନ୍ତ୍ର ହସ୍ପିଟାଲ ବ୍ୟବସ୍ଥା କରାଯାଉଛି। ଅଧିକ ଭେଣ୍ଟିଲେଟର ସଂଗ୍ରହ କରାଯିବା ସହ ରେଲୱେ ଓ ସଶସ୍ତ୍ର ବାହିନୀକୁ ଏଥିରେ ସାମିଲ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ସୁଦ୍ଧା ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୦୦ ଟପିଥିବାବେଳେ ୨୧ ଜଣଙ୍କର ମୃତ୍ୟୁ ଘଟିଲାଣି। କରୋନା ଗୋଷ୍ଠୀ ସଂକ୍ରମଣର ରୂପ ନେଇଥିବା ନେଇ ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ନିକଟରେ ଯଥେଷ୍ଟ ପ୍ରମାଣ ନାହିଁ। ତେବେ ଆଗକୁ ଏଭଳି ସ୍ଥିତି ଦେଖାଦେଲେ ତାହାର ମୁକାବିଲା କିପରି କରାଯିବ ସେ ନେଇ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

କରୋନା ମୁକାବିଲା ଲାଗି ସରକାର ମଙ୍ଗଳବାରଠାରୁ ୨୧ଦିନିଆ ଲକ୍‌ଡାଉନ ଘୋଷଣା କରିଛନ୍ତି। ରାଜ୍ୟର ପ୍ରମୁଖ ହସ୍ପିଟାଲଗୁଡ଼ିକରେ କେବଳ କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସା କରାଇବା ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ କହିଥିବା ଜଣାପଡିଛି। ଅଧିକ ସଂଖ୍ୟାରେ ମାମଲାର ସମ୍ମୁଖୀନ ହେବା ଲାଗି ଚିକିତ୍ସା ବ୍ୟବସ୍ଥା ବଢ଼ାଇବାକୁ କୁହାଯାଇଛି। ୧୭ଟି ରାଜ୍ୟ ଏ ଦିଗରେ କାର୍ଯ୍ୟ ଆରମ୍ଭ କରିସାରିଲେଣି। ସଶସ୍ତ୍ର ବାହିନୀ କରୋନା ରୋଗୀଙ୍କୁ ଚିକିତ୍ସା କରିବା ଲାଗି ୨୮ଟି ସର୍ଭିସ ହସ୍ପିଟାଲକୁ ପ୍ରସ୍ତୁତ କରି ରଖିଛି। ଏହାବାଦ୍ ୫ଟି ହସ୍ପିଟାଲ କେବଳ କୋଭିଡ୍-୧୯ ପରୀକ୍ଷାରେ ନିୟୋଜିତ ହୋଇଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌କୁ ଭେଣ୍ଟିଲେଟର ନିର୍ମାଣ ଦାୟିତ୍ୱ ଦିଆଯାଇଥିବାବେଳେ ପ୍ରତିରକ୍ଷା ଗବେଷଣା ଲାବୋରେଟୋରି ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଲାଗି ହ୍ୟାଣ୍ଡ ସାନିଟାଇଜର ଓ ଫେସ୍ ମାସ୍କ ତିଆରି କାର୍ଯ୍ୟରେ ନିୟୋଜିତ ରହିଛି। ମେଡିକାଲ ଓ କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲିବା ଲାଗି ଶୁକ୍ରବାର ସରକାର ସେନା କର୍ପସ୍ ଓ ଡିଭିଜନାଲ କମାଣ୍ଡରମାନଙ୍କୁ ଜରୁରୀ ଆର୍ଥିକ କ୍ଷମତା ପ୍ରଦାନ କରିଥିଲେ। ସେହିପରି ରେଲୱେକୁ ଏହାର ଅଣବାତାନୁକୂଳିତ ବଗିଗୁଡ଼ିକୁ କରୋନା ରୋଗୀଙ୍କ ପାଇଁ ଆଇସୋଲେଶନ ୱାର୍ଡରେ ପରିବର୍ତ୍ତନ କରିବାକୁ ମଧ କୁହାଯାଇଛି। ପ୍ରତି ରେଲୱେ ଜୋନ୍ ପ୍ରତି ସପ୍ତାହରେ ୧୦ଟି କୋଚ୍ ବିଶିଷ୍ଟ ରେକ୍ ପ୍ରସ୍ତୁତ କରିବେ।

ଯଦି ଲକ୍‌ଡାଉନ ଓ କ୍ୱାରାଣ୍ଟାଇନ ନିୟମ କଡ଼ାକଡ଼ି ପାଳନ କରା ନ ଯାଏ ତେବେ ଦେଶରେ କରୋନା ସଂକ୍ରମଣ ତୃତୀୟ ପର୍ଯ୍ୟାୟରେ ପହଞ୍ଚିପାରେ ବୋଲି ଶୁକ୍ରବାର କେତେକ ପ୍ରମୁଖ ହସ୍ପିଟାଲର ଡାକ୍ତର ଆଶଙ୍କା ବ୍ୟକ୍ତ କରିଥିଲେ। ଏଥିପାଇଁ ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲରେ କରୋନା ରୋଗୀଙ୍କ ନିମନ୍ତେ ଆଇସୋଲେଶନ ସୁବିଧା କରି କେତେକ ଶଯ୍ୟା ସଂରକ୍ଷିତ ରଖିବା ଲାଗି ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ରୋଗୀଙ୍କୁ ତୁରନ୍ତ ହସ୍ପିଟାଲରୁ ବିଦା କରିବାକୁ ମଧ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ସ୍ଥିତିର ସମ୍ମୁଖୀନ ହେବା ଲାଗି ହସ୍ପିଟାଲ ଓ ମେଡିକାଲ କଲେଜଗୁଡ଼ିକୁ ପର୍ଯ୍ୟାପ୍ତ ଭେଣ୍ଟିଲେଟର ଓ ହାଇଫ୍ଲୋ ଅକ୍ସିଜେନ ମାସ୍କ ସଂଗ୍ରହ କରି ରଖିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହପରି ଅତି ଜରୁରୀ ନ ଥିବା ଅସ୍ତ୍ରୋପଚାରକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଜରୁରୀ ସହାୟତା ପାଣ୍ଠି ଗଠନ କଲେ ମୋଦି

**ନୂଆଦିଲ୍ଲୀ,୨୮।୩(ପି.ଟି.)**



**ଦାନ କରିବା ଲାଗି ଜନସାଧାରଣଙ୍କୁ ଅନୁରୋଧ**

କରୋନା ସଂକ୍ରମଣ ରୋକିବା ସହ ପରିସ୍ଥିତିର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଜରୁରିକାଳୀନ ସହାୟତା ପାଣ୍ଠି ଗଠନ ଲାଗି ଶନିବାର ଘୋଷଣା କରିଛନ୍ତି। ସୁସ୍ଥ ଭାରତ ଗଠନରେ ପ୍ରଧାନମନ୍ତ୍ରୀଙ୍କ ନାଗରିକ ସହାୟତା ଓ ଜରୁରୀ ସ୍ଥିତିରେ ରିଲିଫ ପାଣ୍ଠି (ପିଏମ୍-କେୟାର୍ସ ଫଣ୍ଡ) ସହାୟକ ହେବ ବୋଲି ସେ ଟୁଇଟ୍ କରିଛନ୍ତି। କୋଭିଡ୍-୧୯ ବିରୋଧରେ ଭାରତର ଲଢ଼େଇ ଲାଗି ଦାନ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତି ଏ ସମ୍ପର୍କରେ ଜଣାଇପାରିବେ। ଏହି ପାଣ୍ଠିକୁ ମଧ ଅନ୍ୟ ବିପର୍ଯ୍ୟୟ ସମୟରେ ଉପଯୋଗ କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଏହି ନୂଆ ଦାତବ୍ୟ ଟ୍ରଷ୍ଟର ଅଧକ୍ଷ ରହିବାକୁ ଥିବାବେଳେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହାର ସଦସ୍ୟ ରହିବେ ବୋଲି ଜଣାପଡିଛି। ଏହି ପାଣ୍ଠିକୁ ଦାନ କରିବା ଲାଗି ବହୁ ବିଶିଷ୍ଟ ବ୍ୟକ୍ତି ଆଗେଇ ଆସିଛନ୍ତି। ବଲିଉଡ୍ ଅଭିନେତା ଅକ୍ଷୟ କୁମାର ୨୫ କୋଟି ଟଙ୍କା ଦାନ କରିବାକୁ ଟୁଇଟର ଯୋଗେ ଘୋଷଣା କରିଛନ୍ତି। ବର୍ତ୍ତମାନ ସମୟରେ ଦେଶବାସୀଙ୍କ ଜୀବନ ବଡ଼। 'ଜାନ୍ ହୈ ତୋ ଜହାଁ ହୈ' ବୋଲି ସେ ଟୁଇଟ୍ କରିଛନ୍ତି।

## ବିଦେଶରୁ ଆସିଛନ୍ତି ୧୫ ଲକ୍ଷ ଯାତ୍ରୀ

**ନୂଆଦିଲ୍ଲୀ,୨୮।୩**

**ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସତର୍କ କରାଗଲା**

ପ୍ରାଣଘାତୀ କରୋନାକୁ ରୋକିବା ଲାଗି କେନ୍ଦ୍ର ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ବିଦେଶରୁ ଆସୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖିବା ଲାଗି କୁହାଯାଇଛି। ଗତ ଜାନୁୟାରୀ ୧୮ରୁ ଏପର୍ଯ୍ୟନ୍ତ ଭାରତକୁ ମୋଟ ୧୫ ଲକ୍ଷ ଯାତ୍ରୀ ବିଦେଶରୁ ଫେରିଥିବା କ୍ୟାବିନେଟ ସଚିବ ରାଜୀବ ଗୌବା ସୂଚନା ଦେଇଛନ୍ତି। ଏଥିଲାଗି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନିକ ଅଧିକାରୀମାନେ ଯତ୍ନଶୀଳ ହୋଇ ପଦକ୍ଷେପ ଗ୍ରହଣ କରିବାକୁ ସେ ପତ୍ର ମାଧ୍ୟମରେ ପରାମର୍ଶ ଦେଇଛନ୍ତି। ସେମାନଙ୍କୁ ତୁରନ୍ତ ଚିହ୍ନଟ କରିବା ଓ ପରୀକ୍ଷାନିରୀକ୍ଷା କରିବା ଲାଗି ଗୌବା ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ କିଛିଦିନ ଆମ ଲାଗି ଗୁରୁତ୍ୱପୂର୍ଣ୍ଣ। କାହା ପାଖରେ ଯଦି କିଛି କରୋନା ଲକ୍ଷଣ ଦେଖାଯାଏ, ତେବେ ତାଙ୍କୁ ତୁରନ୍ତ ହସ୍ପିଟାଲରେ କ୍ୱାରାଣ୍ଟାଇନ୍ କରାଯାଇ ସ୍ଥାନୀୟ ଅଧିକାରୀ ପଦକ୍ଷେପ ନେଇପାରିବେ। ଏନେଇ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଗୌବା ପରାମର୍ଶ ଦେଇଛନ୍ତି। ବିଦେଶାଗତଙ୍କୁ ତୁରନ୍ତ ଚିହ୍ନଟ କରିବା ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କଠାରେ ଦେଖାଦେଉଥିବା ବିଭିନ୍ନ ଲକ୍ଷଣକୁ ପରଖିବା ମୁଖ୍ୟ କାମ। ଏହାକୁ ଅବହେଳା କଲେ ପରିସ୍ଥିତି ସଙ୍ଗିନ ହୋଇପଡ଼ିବ ବୋଲି ଗୌବା କହିଛନ୍ତି। ବିମାନବନ୍ଦରଗୁଡ଼ିକରେ ସ୍କ୍ରିନିଂ କରାଯାଉଥିଲେ ହେଁ ବାହାରୁ ଆସିଥିବା ଲୋକଙ୍କ ପ୍ରତି ଅଧିକ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି। ଯେପରି କରୋନା ମହାମାରୀ ନ ବ୍ୟାପେ ସେଥିପ୍ରତି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସତର୍କ ଓ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

## ୪ ଲକ୍ଷ ଲୋକଙ୍କୁ ଖାଦ୍ୟ ଯୋଗାଇଲେ ଦିଲ୍ଲୀ ସରକାର

**ନୂଆଦିଲ୍ଲୀ,୨୮।୩(ପି.ଟି.)**

ଲକ୍‌ଡାଉନ ସମୟରେ ନିଜ ନିଜ ରାଜ୍ୟକୁ ଫେରି ନ ଯାଇ ଦିଲ୍ଲୀରେ ରହିବା ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଦାଦନ ଶ୍ରମିକମାନଙ୍କୁ ଅନୁରୋଧ କରିଛନ୍ତି। ଏଥିପାଇଁ ଦିଲ୍ଲୀ ସରକାର ୮୦୦ରୁ ଅଧିକ ସ୍ଥାନରେ ସେମାନଙ୍କ ପାଇଁ ମଧ୍ୟାହ୍ନ ଓ ରାତ୍ର ଭୋଜନ ଯୋଗାଇଦେଉଛନ୍ତି। ୨୩୮ଟି ରାତ୍ର ଆଶ୍ରୟସ୍ଥଳ ସମେତ ୫୬୮ଟି ସ୍କୁଲ୍‌ରେ କ୍ଷୁଧା ରିଲିଫ କେନ୍ଦ୍ର ଖୋଲାଯାଇ ୪ ଲକ୍ଷ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଉଥିବା କେଜ୍‌ରିୱାଲ ଏକ ଡିଜିଟାଲ କନ୍‌ଫରେନ୍ସ ଜରିଆରେ ଗଣମାଧ୍ୟମକୁ କହିଛନ୍ତି। ଏଥିସହିତ ରିଲିଫ୍ କ୍ୟାମ୍ପରେ ପହଞ୍ଚି ପାରୁ ନ ଥିବା ଲୋକଙ୍କୁ ମୋବାଇଲ ଭ୍ୟାନ ଜରିଆରେ ଖାଦ୍ୟ ଯୋଗାଇ ଦିଆଯାଉଛି। ଆମ୍ ଆଦ୍‌ମୀ ପାର୍ଟିର ବିଧାୟକ ଓ ଦଳୀୟ କର୍ମୀମାନେ ଦାଦନ ଶ୍ରମିକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଫେରି ନ ଯିବା ଲାଗି ପ୍ରବର୍ତ୍ତାଉଛନ୍ତି।

## ସାଂସଦ ପାଣ୍ଠିରୁ ସବୁ ଭାଜପା ଏମ୍‌ପି କୋଟିଏ ଦେବେ

**ନୂଆଦିଲ୍ଲୀ,୨୮।୩:** କରୋନା ଭାଇରସ୍‌ର ମୁକାବିଲା କରିବା ଲାଗି ସମସ୍ତ ଭାଜପା ଏମ୍‌ପି ସେମାନଙ୍କ ଅଞ୍ଚଳର ବିକାଶ ଲାଗି ଉଦ୍ଦିଷ୍ଟ ବାର୍ଷିକ ବିକାଶ ପାଣ୍ଠି(ଏମ୍‌ପି ଲ୍ୟାଡ୍)ରୁ କୋଟିଏ ଟଙ୍କା ଲେଖାଏ କେନ୍ଦ୍ରୀୟ ରିଲିଫ ପାଣ୍ଠିକୁ ଦାନ କରିବେ ବୋଲି ଭାଜପା ଅଧକ୍ଷ ଜେ.ପି. ନଡ୍ଡା ଶନିବାର ଘୋଷଣା କରିଛନ୍ତି। ଏଥିସହ ସେ ଟୁଇଟ କରି କହିଛନ୍ତି, ଦଳର ସମସ୍ତ ଏମ୍‌ପି ଓ ବିଧାୟକମାନେ ସେମାନଙ୍କ ଗୋଟିଏ ମାସର ଦରମା ମଧ ଏଥିଲାଗି ଦାନ କରିବେ। ପ୍ରକାଶଥାଉ କି, ଏବେ ଭାଜପାର ୩୮୬ ଏମ୍‌ପି ଅଛନ୍ତି। ସେମାନଙ୍କ ମଧ୍ୟରୁ ଲୋକ ସଭାରେ ୩୦୩ ଓ ରାଜ୍ୟ ସଭାରେ ୮୩ ସଦସ୍ୟ ଅଛନ୍ତି। ପ୍ରତିବର୍ଷ ବାର୍ଷିକ ବିକାଶ ପାଣ୍ଠି(ଏମ୍‌ପି ଲ୍ୟାଡ୍) ବାବଦ ପ୍ରତ୍ୟେକ ଏମ୍‌ପିଙ୍କୁ ନିଜ ଅଞ୍ଚଳର ବିକାଶ ଲାଗି ୫ କୋଟି ଟଙ୍କାର ଅନୁଦାନ ମିଳିଥାଏ। ବିଭିନ୍ନ କ୍ଷେତ୍ରରୁ ସହଯୋଗ ମିଳିଲେ ସରକାର କରୋନା ଭାଇରସ୍‌ର ମୁକାବିଲା କରିବାରେ ସଫଳ ହୋଇପାରିବେ ବୋଲି ନଡ୍ଡା କହିଛନ୍ତି।


ଲକ୍‌ଡାଉନ ହୋଇଥିବାରୁ ଦାଦନ ଶ୍ରମିକ ସେମାନଙ୍କ ଜିନିଷପତ୍ର ଟ୍ରଲିରେ ଲଦି ନୂଆଦିଲ୍ଲୀ ଛାଡୁଛନ୍ତି।

## ଦାଦନଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ: ଶାହା

**ନୂଆଦିଲ୍ଲୀ,୨୮।୩(ପି.ଟି.)**

୨୧ ଦିନିଆ ଲକ୍‌ଡାଉନ ବେଳେ ଦାଦନ ଶ୍ରମିକମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଶନିବାର କହିଛନ୍ତି। ନିଜ ରାଜ୍ୟକୁ ଫେରି ନ ପାରି ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଦାଦନ ଶ୍ରମିକ ଓ ତୀର୍ଥଯାତ୍ରୀମାନଙ୍କ ଲାଗି ତୁରନ୍ତ ରିଲିଫ୍ କ୍ୟାମ୍ପ ସ୍ଥାପନ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଦାଦନ ଶ୍ରମିକଙ୍କୁ ସମସ୍ତ ସୁବିଧା ଯୋଗାଇଦିଆଯିବ ବୋଲି କୋଭିଡ୍-୧୯ ମୁକାବିଲା ସମ୍ପର୍କିତ ସ୍ଥିତି ସମୀକ୍ଷା ବେଳେ ଶାହା କହିଛନ୍ତି। ଏଥିପାଇଁ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି (ଏସ୍‌ଡିଆର୍‌ଏଫ୍)ରୁ ଅର୍ଥ ବ୍ୟୟ କରିବାକୁ ରାଜ୍ୟଗୁଡ଼ିକୁ ଅନୁମତି ଦିଆଯାଇଛି। ଆସନ୍ତା ଆର୍ଥିକ ବର୍ଷ ଲାଗି ସରକାର ଏସ୍‌ଡିଆର୍‌ଏଫକୁ ୨୯,୦୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ଦାଦନଙ୍କ ସ୍ୱାସଥ୍ୟ ପରୀକ୍ଷା ଲାଗି କ୍ୟାମ୍ପ କରିବା ପାଇଁ ମଧ ରାଜ୍ୟଗୁଡ଼ିକୁ କୁହାଯଇଛି।

## ଦୂରଦର୍ଶନରେ ଶାହରୁଖଙ୍କ 'ସର୍କସ୍'

**ମୁମ୍ବାଇ,୨୮।୩**

କରୋନା ଭାଇରସ୍ ଲାଗି ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ବେଳେ ଲୋକମାନଙ୍କୁ ଘରେ ମନୋରଞ୍ଜନର ଖୋରାକ୍ ଯୋଗାଇବା ଲାଗି ରାମାୟଣ ଓ ମହାଭାରତ ଦୂରଦର୍ଶନରେ ପ୍ରସାରଣ କରାଯାଉଛି। ଏଥିସହ ବଲିଉଡ୍‌ର କିଙ୍ଗ୍ ଖାନ୍ ଭାବେ ପରିଚିତ ଶାହରୁଖ୍ ଖାନ୍ ଅଭିନୀତ ୧୯୮୯ ସିରିଜ୍‌ର 'ସର୍କସ୍' ଓ ରଜିତ୍ କପୁର ଅଭିନୀତ ୧୯୯୩ର 'ବ୍ୟୋମୋକେଶ ବକ୍ସି' ଡିଡି ନ୍ୟାଶନାଲରେ ପ୍ରସାରଣ କରାଯିବ। ମାର୍ଚ୍ଚ ୨୮ ରାତି ୮ଟାରେ ଡିଡି ନ୍ୟାଶନାଲରେ ଏହାକୁ ପ୍ରସାରଣ କରାଯିବା ଲାଗି ବ୍ୟବସ୍ଥା କରାଯାଇଛି। ରାମନନ୍ଦ ସାଗରଙ୍କ ରାମାୟଣ ଏବଂ ବି.ଆର୍ ଚୋପ୍ରାଙ୍କ ମହାଭାରତ ପୁନଃପ୍ରସାରଣ ପାଇଁ ସୋସିଆଲ ମିଡ଼ିଆରେ ଅନୁରୋଧ କରାଯାଇଛି।



## ଭାରତରେ ସଂକ୍ରମିତଙ୍କ ସଂଖ୍ୟା ହଜାରେ ଟପିଲା

**ନୂଆଦିଲ୍ଲୀ,୨୮।୩**

ଭାରତରେ ବିଭିନ୍ନ କଟକଣା ସତ୍ତ୍ୱେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଶନିବାର ସନ୍ଧ୍ୟା ସୁଦ୍ଧା ଭାରତରେ ୨୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୧୦୦୩ରେ ପହଞ୍ଚିଛି। ଗତ ଦୁଇଦିନରେ ସଂକ୍ରମିତଙ୍କ ସଂଖ୍ୟା ୨୦୦ରୁ ଊର୍ଦ୍ଧ୍ୱ ହୋଇଥିବା ଜଣାପଡିଛି। ସଂକ୍ରମଣକୁ ରୋକିବା ଲାଗି ବିଭିନ୍ନ ରାଜ୍ୟକୁ ସତର୍କ କରାଯିବା ସହ ଅଧିକ ପରୀକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଉଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲଭ୍ ଅଗ୍ରୱାଲ ପ୍ରକାଶ କରିଛନ୍ତି। ପ୍ରତି ରାଜ୍ୟରେ ହସ୍ପିଟାଲ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିଲାଗି ୧୭ ରାଜ୍ୟରେ କାମ ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ କେନ୍ଦ୍ରର ଆଲୋଚନା ଜାରି ରହିଛି। ଥଣ୍ଡା, ଜ୍ୱର ଓ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବା ସମସ୍ତ ବ୍ୟକ୍ତିଙ୍କ ପରୀକ୍ଷା କରାଯାଉଛି। ତୃଣମୂଳ ସ୍ତରରୁ ଲୋକେ ସଚେତନ ହେଲେ ଓ ସତର୍କ ରହିଲେ କରୋନା ମହାମାରୀକୁ ରୋକାଯାଇ ପାରିବ ବୋଲି ଅଗ୍ରୱାଲ ପ୍ରକାଶ କରିଛନ୍ତି।

## କେରଳରେ ପ୍ରଥମ କରୋନା ମୃତ୍ୟୁ

**କୋଚି,୨୮।୩:** କରୋନା ସଂକ୍ରମଣ ଦ୍ୱାରା କେରଳରେ ପ୍ରଥମ ଥର ଲାଗି ଶନିବାର ଜଣେ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ବୟସ ୬୯ ବର୍ଷ ହେବ। ସଂକ୍ରମଣର ଶିକାର ହେବା ପରେ ଏର୍ନାକୁଲମ୍ ମେଡିକାଲ କଲେଜ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ। ଏର୍ନାକୁଲମ୍‌ର ଚୁଲ୍ଲିକ୍କାଲରେ ତାଙ୍କ ଘର। ଦୁବାଇରୁ ଫେରିବା ପରେ ସେ ମାର୍ଚ୍ଚ ୨୨ରେ ଆଇସୋଲେଶନ ୱାର୍ଡରେ ରହି ଚିକିତ୍ସିତ ହେଉଥିଲେ। ନିମୋନିଆରେ ଆକ୍ରାନ୍ତ ହେବା ପରେ ତାଙ୍କର କରୋନା ପଜିଟିଭ ବାହାରିଥିଲା। ହାଇ ବ୍ଲଡ୍‌ପ୍ରେସର ସହ ହୃଦ୍‌ରୋଗ ମଧ ତାଙ୍କର ଥିଲା। ଫଳରେ ବାଇପାସ୍ ସର୍ଜରି କରାଯାଇଥିଲା। ତାଙ୍କ ସ୍ତ୍ରୀ ଓ ଟାକ୍ସି ଡ୍ରାଇଭରଙ୍କଠାରେ କରୋନା ପଜିଟିଭ ବାହାରିଛି। ସେମାନେ ଏବେ ଆଇସୋଲେଶନରେ ଅଛନ୍ତି। ଏନେଇ ଶନିବାର ରାଜ୍ୟ କୃଷିମନ୍ତ୍ରୀ ଭି.ଏସ୍. ସୁନୀଲ କୋଚିଠାରେ ଖବରଦାତାଙ୍କୁ ସୂଚନା ଦେଇ କହିଛନ୍ତି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ୮୬ ଜଣଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କେ. କେ. ଶୈଳଜା କହିଛନ୍ତି, ହସ୍ପିଟାଲରେ ଭର୍ତ୍ତିହେବା ବେଳେ ବୃଦ୍ଧ ଜଣକ ଗୁରୁତର ଥିଲେ। ତାଙ୍କୁ ବଞ୍ଚାଇବା ଲାଗି ପ୍ରାଣପଣେ ପ୍ରୟାସ କରାଯାଇଥିଲା।

**ପୋଖରୀରେ ବୁଡ଼ି ନାବାଳକ ମୃତ**

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ଚିଲିଖମା ଗ୍ରାମ ଭାଲୁଆ ସାହିସ୍ଥିତ ପୋଖରୀରେ ବୁଡ଼ି ଶନିବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଗବାନ ଆରୁଖଙ୍କ ଏକମାତ୍ର ପୁଅ ଗୋବର୍ଦ୍ଧନ(୭)। ଗୋବର୍ଦ୍ଧନ ମଧ୍ୟାହ୍ନରେ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ସେମାନେ ଗୋବର୍ଦ୍ଧନ ପୋଖରୀରେ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା।



ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ୫-ଟି ସଚିବ ଭି. କେ. ପାଣ୍ଡିଆନ ଭୁବନେଶ୍ୱରସ୍ଥିତ କିମ୍ସ ପରିଦର୍ଶନ କରି ପ୍ରସ୍ତାବିତ କୋଭିଡ୍-୧୯ ହସ୍ପିଟାଲର ଅଗ୍ରଗତି ନେଇ ସମୀକ୍ଷା କରୁଛନ୍ତି।

# ତୃତୀୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଛନ୍ତି ୧୧୨

- ପରୀକ୍ଷା ପାଇଁ ଗଲା ୧୧ଜଣଙ୍କ ନମୁନା
- ପରୋକ୍ଷ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ଉପରେ ନଜର

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ରାଜ୍ୟରେ ଚିହ୍ନଟ ହୋଇଥିବା ତୃତୀୟ କରୋନା ଆକ୍ରାନ୍ତଙ୍କୁ ନେଇ ଏବେ ଚିନ୍ତା ବଢ଼ିଛି। କାରଣ ତାଙ୍କ ସଂସ୍ପର୍ଶରେ ସିଧାସଳଖ ୧୧୨ଜଣ ଆସିଛନ୍ତି। ସେହିପରି ଏମାନଙ୍କ ସଂସ୍ପର୍ଶରେ ମଧ୍ୟ ବହୁଲୋକ ଆସିଥାଇପାରନ୍ତି। ତେଣୁ ତୃତୀୟ ଆକ୍ରାନ୍ତଙ୍କ ପାଇଁ 'ସୁପର ସ୍ପ୍ରେଡର' ସ୍ଥିତି ଉପୁଜିବା ନେଇ ଆଶଙ୍କା ରହିଥିବା କରୋନା ଭୂତାଣୁ ସଂକ୍ରମଣ ସଚେତନ କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ସେ କହିଛନ୍ତି, ତୃତୀୟ ଆକ୍ରାନ୍ତ ଜଣକ ବିମାନରେ ୩୨ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି। ଘରେ ପରିବାରରେ ସ୍ତ୍ରୀ, ଝିଅ ସମେତ ଡ୍ରାଇଭର ଓ ୩ଜଣ ସହାୟିକା ଏବଂ ଯେଉଁ ବ୍ୟାଙ୍କରେ କାର୍ଯ୍ୟ କରନ୍ତି ସେଠାରେ ୪୪ଜଣ ସହକର୍ମୀଙ୍କ ସଂସ୍ପର୍ଶରେ ଆସିଛନ୍ତି। ବିଧାନସଭାର ୭ କର୍ମଚାରୀ, ଯେଉଁ କ୍ଲିନିକ୍‌ରେ ଆଡ୍‌ମିଟ୍ ହୋଇଥିଲେ ସେଠାରେ ୨୧ଜଣ ଓ ରକ୍ତ ପରୀକ୍ଷା କରାଯାଇଥିବା ପାଥୋଲାବ୍‌ରେ ୩ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି। ଏହି ୧୧୨ଜଣଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଛି। ଅନ୍ୟମାନଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ୧୫ଜଣଙ୍କ ସହିତ ହୋଇପାରିନି। ତେବେ ଏମାନଙ୍କ ମଧ୍ୟରୁ ୧୧ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ଜଣଙ୍କର ନେଗେଟିଭ୍ ଆସିଥିବାବେଳେ ଆଉ ୧୦ଜଣଙ୍କ ରିପୋର୍ଟ ହସ୍ତଗତ ହୋଇନାହିଁ ବୋଲି ବାଗ୍‌ଚୀ ସୂଚନା ଦେଇଛନ୍ତି। ଯେହେତୁ ଆକ୍ରାନ୍ତ ଜଣକ ଏତେ ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି, ତେଣୁ ତାଙ୍କ ଦ୍ୱାରା ସୁପର ସ୍ପ୍ରେଡର ହେବାର ଆଶଙ୍କା ରହିଛି। ଏପରି ଖବର ଦେଇ ମୁଁ ଜନସାଧାରଣଙ୍କୁ ଭୟଭୀତ ନୁହେଁ, ସଚେତନ କରିବା ପାଇଁ ଚାହୁଁଛି ବୋଲି ବାଗ୍‌ଚୀ କହିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ତୃତୀୟ ଆକ୍ରାନ୍ତ ଜଣକ ଏକ ବ୍ୟାଙ୍କର କର୍ମଚାରୀ। ଆସନ୍ତା ୩୧ତାରିଖ ତାଙ୍କର ଶେଷ କାର୍ଯ୍ୟ ଦିବସ ଥିଲା। ତେଣୁ ଅବସର ପୂର୍ବରୁ ସେ ଏଲ୍‌ଟିସିରେ ପରିବାର ସହିତ ବାହାରକୁ ବୁଲିବା ପାଇଁ ଯାଇଥିଲେ। ୧୦ ତାରିଖରେ ଦିଲ୍ଲୀରୁ ବିମାନ ଯୋଗେ ଫେରିଥିଲେ। ୧୨ତାରିଖ ଦିନ ଉକ୍ତ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ଏକ ଭୋଜିର ଆୟୋଜନ କରାଯାଇଥିଲା। ସେଠାରେ ପ୍ରାୟ ୪୦ରୁ ୪୫ଜଣ କର୍ମଚାରୀ ଏକାଠି ହୋଇଥିଲେ। ସରକାରଙ୍କ ପକ୍ଷରୁ ଆକ୍ରାନ୍ତଙ୍କ ସହଯୋଗୀ କର୍ମଚାରୀଙ୍କ ସହିତ ଯୋଗାଯୋଗ ହେଉଛି। ତେବେ ସେହି ଭୋଜିରେ ଯେଉଁ କର୍ମଚାରୀମାନେ ଆସିଥିଲେ ସେମାନଙ୍କ ପରିବାର ଲୋକ ଓ ଆକ୍ରାନ୍ତ ସଂସ୍ପର୍ଶରେ ଆସିଥିବା ଅନ୍ୟମାନେ ସତର୍କ ରହିବା ସହ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଜରୁରୀ ହୋଇପଡ଼ିଛି। ସେହିପରି ସେମାନଙ୍କ ଉପରେ ମଧ୍ୟ ନଜର ରଖାଯିବାର ଆବଶ୍ୟକତା ରହିଛି।

# ୧୦୪ ନମ୍ବରର କ୍ଷମତା ବୃଦ୍ଧି ହେବ

- ଆଜି ୧ଘଣ୍ଟା ପାଇଁ ସେବା ବନ୍ଦ ରହିବ
- ହସ୍ପିଟାଲ ଆଇସୋଲେଶନରେ ୫୬ କରୋନା ସନ୍ଦିଗ୍ଧ

ଭୁବନେଶ୍ୱର,୨୮।୩(ବ୍ୟୁରୋ)

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ବିଦେଶରୁ ଓ ବିଭିନ୍ନ ରାଜ୍ୟରୁ ଫେରିଥିବା ବ୍ୟକ୍ତିଙ୍କ ପଞ୍ଜୀକରଣ ବ୍ୟବସ୍ଥା କରି ସ୍ଥିତି ଉପରେ ନଜର ରଖିଛନ୍ତି। ଟୋଲ୍ ଫ୍ରି ଫୋନ୍ ନଂ.୧୦୪ ସହ ଏକ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ ଓ ଅନ୍ୟ କେତେକ ସେବା ପ୍ରଦାନ କରାଯାଉଛି। ତେବେ ଏହି ୧୦୪ ନମ୍ବରର କ୍ଷମତା ବୃଦ୍ଧି ହେବ। ଏଥିପାଇଁ ଆବଶ୍ୟକ କେତେକ ରକ୍ଷଣାବେକ୍ଷଣ ଓ ବୈଷୟିକ ଉନ୍ନତୀକରଣ କାର୍ଯ୍ୟ ନିମନ୍ତେ ରବିବାର ୧ ଘଣ୍ଟା ଧରି ଏହି ନମ୍ବର ବନ୍ଦ ରହିବ। ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ସେବା ମିଳିପାରିବ ନାହିଁ। ଏଥିପାଇଁ ଜନସାଧାରଣଙ୍କୁ ସହଯୋଗ କରିବାକୁ କରୋନା ଭୂତାଣୁ ସଂକ୍ରମଣ ସଚେତନ କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ଅନୁରୋଧ କରିଛନ୍ତି। ସେପଟେ ଶନିବାର ସୁଦ୍ଧା ଅନ୍‌ଲାଇନ୍ ଓ ୧୦୪ ଜରିଆରେ ମୋଟ ୭୦୮୦ଜଣ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪୨୮୬ଜଣ ବିଦେଶରୁ ଆସିଥିବାବେଳେ ୨୭୯୪ଜଣ ଅନ୍ୟ ରାଜ୍ୟରୁ ଫେରିଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶାରେ ଶନିବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ୨୫୬ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ଆଉ କୌଣସି ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ୩ଜଣ ପଜିଟିଭ୍ ଚିହ୍ନଟଙ୍କ ମଧ୍ୟରୁ ପ୍ରଥମ ଦୁଇଜଣ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ତଥା ଲକ୍ଷଣମୁକ୍ତ ରହିଛି। ତୃତୀୟ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ମଧ୍ୟ ଉନ୍ନତି ହେଉଥିବା ଦେଖାଯାଇଛି। ସେମାନେ ହସ୍ପିଟାଲରେ ଦିଆଯାଉଥିବା ସାଧାରଣ ଖାଦ୍ୟ ଖାଉଛନ୍ତି। ପ୍ରଥମ ଦୁଇଜଣ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୫୫ଜଣ ବ୍ୟକ୍ତିଙ୍କ ସହିତ ଯୋଗାଯୋଗ ହୋଇସାରିଛି। ତୃତୀୟ ଜଣକ ସଂସ୍ପର୍ଶରେ ଆସିଥିବା ୧୧୨ଜଣ ବ୍ୟକ୍ତିଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇ ସମସ୍ତଙ୍କ ସହିତ ଯୋଗାଯୋଗ ପାଇଁ ଚେଷ୍ଟା ଚାଲିଛି। ତେବେ ତିନି ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ମୋଟ ୫୬ଜଣ କରୋନା ସନ୍ଦିଗ୍ଧଙ୍କୁ ବିଭିନ୍ନ ଚିକିତ୍ସାଳୟରେ ଆଇସୋଲେଶନରେ ରଖାଯାଇଥିବା ସେ ସୂଚନା ଦେଇଛନ୍ତି।

# ନିଯୁକ୍ତ ହେବେ ମାଇକ୍ରୋ ବାୟୋଲୋଜିଷ୍ଟ

ଭୁବନେଶ୍ୱର,୨୮।୩(ବ୍ୟୁରୋ)

କୋଭିଡ-୧୯ ଚିହ୍ନଟ ଓ ସଂକ୍ରମଣକୁ ଦୃଷ୍ଟିରେ ରଖି ଡିପିଏଚ୍‌ଏଲ୍ ଏବଂ ସ୍ୱାବ୍ ନମୁନା ସଂଗ୍ରହ କାର୍ଯ୍ୟକୁ ସହଜ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମାଇକ୍ରୋ ବାୟୋଲୋଜିଷ୍ଟଙ୍କୁ ନିଯୁକ୍ତି ଦେବ। ଏଥିପାଇଁ ବିଭାଗ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇଛି। ସ୍ୱଳ୍ପ ମିଆଦ ଭିତ୍ତିରେ ମେଡିକୋ ଓ ନନ୍-ମେଡିକୋ ମାଇକ୍ରୋ ବାୟୋଲୋଜିଷ୍ଟଙ୍କୁ ନିଯୁକ୍ତି ଦିଆଯିବ। ମେଡିକୋ ମାଇକ୍ରୋ ବାୟୋଲୋଜିଷ୍ଟଙ୍କୁ ପ୍ରତିଦିନ ୫ ହଜାର ଏବଂ ନନ୍-ମେଡିକୋ ମାଇକ୍ରୋ ବାୟୋଲୋଜିଷ୍ଟଙ୍କୁ ପ୍ରତିଦିନ ୨୫୦୦ ଟଙ୍କା ଲେଖାଏ ମିଳିବ। ପ୍ରାର୍ଥୀଙ୍କୁ ଜୁନ୍ ୩୦ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ ସିଡିଏମ୍ ଓ ପିଏଚ୍‌ଓ ନିର୍ଦ୍ଦେଶକଙ୍କୁ ପ୍ରମାଣପତ୍ର ସହ ସାକ୍ଷାତ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି।

# ଘରେ ଚିକିତ୍ସାସେବା ଦେଉଛନ୍ତି ୩ ଡାକ୍ତରୀ ଟିମ୍

ରାଜନଗର, ୨୮।୩(ଡି.ଏନ.ଏ.)



ଡାକ୍ତର ଘର ନିକଟରେ ପହଞ୍ଚି ୨ମିଟର ଦୂରରେ ରହି ଚିକିତ୍ସା କରୁଛନ୍ତି।

କରୋନା ରୋଗର ମୁକାବିଲା ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ସାମାନ୍ୟ ଥଣ୍ଡା ଜ୍ୱର ଓ ଗୁରୁତର ଦେହ ଖରାପ ନ ଥିଲେ ସ୍ୱାସ୍ଥ୍ୟକେନ୍ଦ୍ର ନ ଆସି ଟେଲିଫୋନରେ ଯୋଗାଯୋଗ କରିବାକୁ କୁହାଯାଇଛି। କେନ୍ଦ୍ରାପଡା ଜିଲା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ଡା. ପ୍ରଣବ କୁମାର ଶୁକ୍ଳାଙ୍କ ନେତୃତ୍ୱରେ ୨ଟି ଟିମ୍ ଓ ଆୟୁଷ ଡାକ୍ତରଙ୍କୁ ନେଇ ଅନ୍ୟଏକ ଟିମ୍ ଗଠନ କରାଯାଇଛି। ଟେଲିଫୋନ ପାଇବା ପରେ ୩ଟି ଟିମ୍ ରୋଗୀଙ୍କ ଘର ନିକଟରେ ପହଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ଯେଉଁମାନେ ବିଦେଶ ଓ ରାଜ୍ୟ ବାହାରୁ ଫେରିଛନ୍ତି ସେମାନଙ୍କଠାରୁ ୨ମିଟର ଦୂରରେ ରହି ଚିକିତ୍ସା କରୁଥିବା ମୁଖ୍ୟ ଚିକିତ୍ସାଧିକାରୀ ମହାନ୍ତି ସୂଚନା ଦେଇଛନ୍ତି। ଏହାବ୍ୟତୀତ ଦୁବାଇରୁ ଫେରିଥିବା ଯୁବକଙ୍କୁ ଡାକ୍ତରୀଟିମ ଦେଖିବା ପରେ କଟକ ରେଫର କରାଯାଇଥିଲା। ସେଠାରେ ତାଙ୍କର ନମୁନା ସଂଗ୍ରହ କରାଯାଇଛି। ମରିସସରୁ ଫେରିଥିବା ଯୁବକ ଶନିବାର କେନ୍ଦ୍ରାପଡାରେ ପହଞ୍ଚି ନମୁନା ଦେଇଛନ୍ତି।

# ପଶ୍ଚିମବଙ୍ଗର ୩୮ ଶ୍ରମିକ ପାଟଣାରେ

**ପାଟଣା,୨୮।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳରେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲା ସୂତିଆନ ଥାନା ଆଜିରୋନ ଗ୍ରାମରୁ ୪ଟି ଗ୍ରୁପରେ ରାଜମିସ୍ତ୍ରି ଓ ଶ୍ରମିକ ଭାବେ ପାଟଣାକୁ କାମ କରିବାକୁ ଆସିଥିବା ୩୮ ଜଣ ବ୍ୟକ୍ତି ଆଉ ଫେରିପାରୁ ନାହାନ୍ତି। ସାରା ଦେଶରେ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଲକ୍‌ଡାଉନ୍ କରାଯାଇଛି। ଘରକାମ ଓ ନିର୍ମାଣ କାମ ବନ୍ଦ ରହିଥିବାବେଳେ ନିଜ ଘରକୁ ଯିବା ପାଇଁ ସେମାନେ ବ୍ୟସ୍ତ ହୋଇପଡ଼ିଛନ୍ତି। ଏମାନଙ୍କ ମଧ୍ୟରୁ ଆମିରୁଲ ଶେଖ ଶୁକ୍ରବାର ପାଟଣା ଥାନାଧିକାରୀ ସନ୍ଧ୍ୟା ରାଣୀ ଜେନା ଓ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ଭେଟି ସେମାନେ ନିଜ ଗାଁକୁ କିପରି ଯିବେ ସେ ନେଇ ଅନୁରୋଧ କରିଛନ୍ତି।

# ଆମେରିକାରେ ଲକ୍ଷେ ଟପିଲା ସଂକ୍ରମିତଙ୍କ ସଂଖ୍ୟା

**କରୋନା ଆଁରେ ସାରା ଦୁନିଆ**
- ୨୯,୯୦୮ ଲୋକଙ୍କ ଜୀବନ ଗଲାଣି
- ପ୍ରତିଦିନ ଆକ୍ରାନ୍ତ ହେଉଛନ୍ତି ପ୍ରାୟ ୫୦ ହଜାର

ୱାଶିଂଟନ/ନୂଆଦିଲ୍ଲୀ,୨୮।୩

ଚାଇନାରୁ ସଂକ୍ରମିତ ହୋଇ ୧୯୯ ଦେଶକୁ ଘୋଟିଛି କୋରାନା ଭାଇରସ୍‌ର ଆତଙ୍କ। ଦିନକୁ ଦିନ ବଳଶାଳୀ ହୋଇ ଏହି ପ୍ରାଣଘାତୀ ଭୂତାଣୁ ବ୍ୟାପକ ଭାବେ ମାଡ଼ିଚାଲିଛି ଜଣଙ୍କଠାରୁ ଅନ୍ୟ ଜଣଙ୍କ ଶରୀରକୁ। ଛୋଟ, ବଡ଼ ତଥା ବିକଶିତ ଏବଂ ବିକାଶଶୀଳ ଦେଶର ସରକାର ଓ ଜନତା ଏହି ଭୂତାଣୁ ସଂକ୍ରମଣ ସହ ଲଢ଼େଇ ଜାରି ରଖଛନ୍ତି। ହେଲେ ତାହା ଆୟତ୍ତକୁ ଆସିପାରୁନି। କିଛିଦିନ ହେଲା ଦୈନିକ ପ୍ରାୟ ୫୦ହଜାର ଲୋକ ସଂକ୍ରମିତ ହେଉଛନ୍ତି। ମୃତ୍ୟୁସଂଖ୍ୟା ମଧ୍ୟ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇ ଶନିବାର ରାତି ୧୧ଟା ସୁଦ୍ଧା ୨୯,୯୦୮ ହେଲାଣି। ମୋଟ ସଂକ୍ରମିତଙ୍କ ସଂଖ୍ୟା ୬ ଲକ୍ଷ ୪୦ ହଜାର ଟପିଛି। ସଙ୍ଗରୋଧ ଓ ସାମାଜିକ ଦୂରତ୍ୱ ହିଁ ଏହି ମହାମାରୀଠାରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହୋଇଥିବାରୁ ଭାରତ ସମେତ ବହୁ ଦେଶରେ କରାଯାଇଛି ଲକ୍‌ଡାଉନ(ତାଲାବନ୍ଦ)। ସାରା ବିଶ୍ୱର ବଡ଼ ବଡ଼ ସହର ଅଚଳ ହୋଇଯାଇଥିବାବେଳେ ରାସ୍ତାରେ ଦୌଡ଼ୁନି ଯାନବାହନ। ଦୋକାନ, ବଜାରରେ ପଡ଼ିଛି ତାଲା। ଘରେ ବନ୍ଦୀ ହୋଇ ରହିଛନ୍ତି କୋଟି କୋଟି ଲୋକ। ସବୁଠି କେବଳ ନୀରବତା ଓ ଭୟ। ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ସମୃଦ୍ଧଶାଳୀ ଦେଶ ଆମେରିକା। ବିଶେଷ କରି ସପ୍ତାହେ ହେଲା ଏଠାରେ ଯେଉଁଭଳି ସଂକ୍ରମିତ ଓ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି ତାହା ସାରା ବିଶ୍ୱକୁ ଚିନ୍ତାରେ ପକାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ର ଅତ୍ୟାଧୁନିକ ଓ ଉନ୍ନତ ଥିବା ସତ୍ତ୍ୱେ ଆମେରିକୀୟଙ୍କ ଜୀବନ ବଞ୍ଚାଇବା ସମ୍ଭବ ହୋଇପାରୁନାହିଁ। ଏଠାରେ ୧ ଲକ୍ଷ ୧୩ ହଜାରରୁ ଊର୍ଦ୍ଧ୍ୱ ଲୋକ ଏବେ କରୋନା ସଂକ୍ରମିତ, ଯାହାକି ବିଶ୍ୱରେ ସର୍ବାଧିକ। ମୃତ୍ୟୁସଂଖ୍ୟା ୧୯୦୦ ଟପିଲାଣି। ଶନିବାର ଗୋଟିଏ ଦିନରେ ୨୦୭ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ୯,୫୫୧ଜଣ ସଂକ୍ରମିତ ହୋଇଛନ୍ତି। ସେହିପରି ୨୭ ତାରିଖ ଆମେରିକାରେ ୧୮ହଜାର ୬୯୧ ଜଣ ସଂକ୍ରମିତ ହୋଇଥିବାବେଳେ ୪୦୧ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ୨୬ ତାରିଖରେ ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟା ଯଥାକ୍ରମେ ୧୭,୨୨୪ ଓ ୨୬୮, ୨୫ ତାରିଖରେ ୧୩,୩୫୫ ଓ ୨୪୭, ୨୪ ତାରିଖରେ ୧୧,୦୭୫ ଓ ୨୨୫, ୨୩ ତାରିଖରେ ୧୦,୧୮୯ ଓ ୧୪୧ ଏବଂ ୨୨ ତାରିଖରେ ୯,୪୦୦ ଓ ୧୧୩ ଥିଲା।

କରୋନା ସଂକ୍ରମଣ କ୍ଷେତ୍ରରେ ବର୍ତ୍ତମାନ ପ୍ରଭାବିତ ଦେଶଗୁଡ଼ିକ ମଧ୍ୟରେ ଦ୍ୱିତୀୟରେ ଇଟାଲୀ ଥିବାବେଳେ ପ୍ରଥମ ସ୍ଥାନରୁ ତୃତୀୟ ସ୍ଥାନକୁ ଖସିଛି ଚାଇନା। ଚତୁର୍ଥରେ ସ୍ପେନ ଥିବାବେଳେ ପଞ୍ଚମରେ ଜର୍ମାନୀ, ଷଷ୍ଠ ସ୍ଥାନରେ ଇରାନ, ସପ୍ତମରେ ଫ୍ରାନ୍ସ, ଅଷ୍ଟମରେ ବ୍ରିଟେନ ଏବଂ ୯ମ ସ୍ଥାନରେ ସୁଇଜରଲାଣ୍ଡ ରହିଛି। ମୋଟ ମୃତକଙ୍କ ମଧ୍ୟରେ ଇଟାଲୀର ସବୁଠୁ ଅଧିକ ୧୦,୦୨୩ ଜଣ ରହିଛନ୍ତି। ଏଠାରେ ସଂକ୍ରମିତ ସଂଖ୍ୟା ହେଉଛି ୯୨,୪୭୨। ଶନିବାର ଗୋଟିଏ ଦିନରେ ୫,୯୭୪ଜଣ ଆକ୍ରାନ୍ତ ହୋଇଥିବାବେଳେ ୮୮୯ଜଣଙ୍କ ମୃତ୍ୟୁ ଘଟିଛି। ୨୭ ତାରିଖରେ ୫୯୦୯ଜଣ ସଂକ୍ରମିତ ହୋଇଥିବାବେଳେ ୯୧୯ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୬ ତାରିଖରେ ୬୨୦୩ ଜଣ ସଂକ୍ରମିତ ଓ ୭୧୨ଜଣଙ୍କ ମୃତ୍ୟୁ ଏବଂ ୨୫ ତାରିଖରେ ୫୨୧୦ଜଣ ସଂକ୍ରମିତ ହୋଇଥିବାବେଳେ ୬୮୩ଜଣଙ୍କ ମୃତ୍ୟୁ ଘଟିଥିଲା। ଚାଇନାରେ ଦିନକୁ ଦିନ ସ୍ଥିତି ସୁଧୁରିବାରେ ଲାଗିଛି। ଉଭୟ ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟା କମ୍ ରହୁଛି। ଏଠାରେ ମୋଟ ମୃତ୍ୟୁସଂଖ୍ୟା ୩୨୯୫ ରହିଥିବାବେଳେ ବର୍ତ୍ତମାନ ୩୧୨୮ଜଣ କରୋନା ରୋଗୀ ଚିକିତ୍ସାଧୀନ ଅଛନ୍ତି।

ଏବେ ସୁଦ୍ଧା ସୁସ୍ଥ ହୋଇଥିବା କରୋନା ରୋଗୀଙ୍କ ସଂଖ୍ୟା ହେଉଛି ୧ ଲକ୍ଷ ୩୯ ହଜାର ୫୪୦। ସେଥିମଧ୍ୟରୁ ଚାଇନାର ୭୪,୯୭୧, ସ୍ପେନର ୧୨,୨୮୫, ଇରାନର ୧୧,୬୭୯, ଇଟାଲୀର ୧୨,୩୮୪, ଫ୍ରାନ୍ସର ୫,୭୦୦ ଏବଂ ଆମେରିକାର ୩,୨୧୯ ନାଗରିକ ରହିଛନ୍ତି।





| ଦେଶ | ମୋଟ ସଂକ୍ରମିତ | ଶନିବାର ସଂକ୍ରମିତ | ମୋଟ ମୃତ୍ୟୁ | ଶନିବାର ମୃତ୍ୟୁ | ସୁସ୍ଥ ହୋଇଛନ୍ତି | ଚିକିତ୍ସାଧୀନ |
|---|---|---|---|---|---|---|
| ଆମେରିକା | ୧,୧୩,୬୭୭ | +୯,୫୫୧ | ୧,୯୦୩ | +୨୦୭ | ୩,୨୧୯ | ୧,୦୮,୫୫୫ |
| ଇଟାଲୀ | ୯୨,୪୭୨ | +୫,୯୭୪ | ୧୦,୦୨୩ | +୮୮୯ | ୧୨,୩୮୪ | ୭୦,୦୬୫ |
| ଚାଇନା | ୮୧,୩୯୪ | +୫୪ | ୩,୨୯୫ | +୩ | ୭୪,୯୭୧ | ୩,୧୨୮ |
| ସ୍ପେନ | ୭୨,୨୪୮ | +୬,୫୨୯ | ୫,୬୯୦ | +୫୫୨ | ୧୨,୨୮୫ | ୫୪,୨୭୩ |
| ଜର୍ମାନୀ | ୫୩,୩୪୦ | +୨,୪୬୯ | ୩୯୯ | +୪୮ | ୬,୬୫୮ | ୪୬,୨୮୩ |
| ଇରାନ | ୩୫,୪୦୮ | +୩,୦୭୬ | ୨,୫୧୭ | +୧୩୯ | ୧୧,୬୭୯ | ୨୧,୨୧୨ |
| ଫ୍ରାନ୍ସ | ୩୨,୯୬୪ | | ୧,୯୯୫ | | ୫,୭୦୦ | ୨୫,୨୬୯ |
| ବ୍ରିଟେନ | ୧୭,୦୮୯ | +୨,୫୪୬ | ୧,୦୧୯ | +୨୬୦ | ୧୩୫ | ୧୫,୯୩୫ |
| ସୁଇଜରଲାଣ୍ଡ | ୧୩,୩୭୭ | +୪୪୯ | ୨୪୨ | +୧୧ | ୧,୫୩୦ | ୧୧,୬୦୫ |
| ଭାରତ | ୧୦୦୩ | +୧୧୭ | ୨୧ | | ୮୪ | ୮୯୮ |

# ଜୁନ୍ ୧୫ରୁ ଚାଲୁ ରହିବ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୩(ବ୍ୟୁରୋ)

କରୋନା ଭୟାବହତା କମିବା ପରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ବହି ଦିଆଯିବ। ସେହିଭଳି ଆସନ୍ତା ଜୁନ ୧୫ରୁ ସ୍କୁଲରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ସ୍କୁଲ୍‌ଗୁଡିକୁ ବନ୍ଦ କରିଦିଆଯାଇଥିବାବେଳେ ୩ ମାସର ମଧ୍ୟାହ୍ନଭୋଜନ ବ୍ଲକ ଜରିଆରେ ପଠାଇ ଦିଆଯାଇଛି। ମଧ୍ୟାହ୍ନଭୋଜନ ବାବଦ ରାଶନ ପିଲାମାନଙ୍କ ଘରେ ପହଞ୍ଚାଇ ଦିଆଯିବ। ସେହିଭଳି ପ୍ରଥମରୁ ଅଷ୍ଟମ ଯାଏ ପାଠ୍ୟପୁସ୍ତକ ମଧ୍ୟ ବ୍ଲକ୍ ସ୍ତରରେ ପହଞ୍ଚି ସାରିଛି। କରୋନା ଭୟାବହତା ଥମିବା ପରେ ଛାତ୍ରୀଛାତ୍ରଙ୍କ ପାଖରେ ବହି କିପରି ପହଞ୍ଚିବ, ସେଥିପାଇଁ ବିଭାଗ ନିଶ୍ଚିତ ପଦକ୍ଷେପ ନେବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ନୂଆ ଶିକ୍ଷାବର୍ଷକୁ ଯିବା ପୂର୍ବରୁ ବା ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ପର୍ଯ୍ୟନ୍ତ ପିଲାମାନେ ଘରେ ରହି ପାଠପଢ଼ା ଜାରି ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ନବମ ଶ୍ରେଣୀର ବାକି ଥିବା ଗୋଟିଏ ବିଷୟରେ ପରୀକ୍ଷା ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଥାନାକୁ ନ ଯାଇ ଫୋନ୍‌ରେ କରିହେବ ଅଭିଯୋଗ

କଟକ ଅଫିସ,୨୮।୩

ଲକ୍‌ଡାଉନ୍ ଯୋଗୁ ଜନସାଧାରଣ ଯେମିତି ହଇରାଣ ନ ହୁଅନ୍ତି, ସେ ଦିଗରେ ପୋଲିସ ବିଭାଗ ତରଫରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଥାନା କିମ୍ବା ଜିଲା ପୋଲିସ କାର୍ଯ୍ୟାଳୟକୁ ନ ଯାଇ ଲୋକମାନେ ଅଭିଯୋଗ ରୁଜୁ କରିପାରିବା ପାଇଁ ଟେଲିଫୋନ୍ ହେଲ୍ପଲାଇନ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଶନିବାର ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ବିବୃତିରେ କୁହାଯାଇଛି, ରାଜ୍ୟବ୍ୟାପୀ ଲକ୍‌ଡାଉନ ଫଳରେ ଲୋକେ ସେମାନଙ୍କ ଅଭିଯୋଗ ଦାଖଲ ପାଇଁ ଥାନା କିମ୍ବା ଜିଲା ପୋଲିସ କାର୍ଯ୍ୟାଳୟକୁ ଯିବା ସମ୍ଭବ ହେଉନାହିଁ। ଏଥିପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଟେଲିଫୋନ୍ ହେଲ୍ପଲାଇନ୍ ମାଧ୍ୟମରେ ଅଭିଯୋଗର ସମାଧାନ ପାଇଁ ବ୍ୟବସ୍ଥା କରାଯାଇଛି। ଏ ନେଇ ଶୁକ୍ରବାର ସମସ୍ତ ଏସ୍‌ପି ଏବଂ ଡିସିପିଙ୍କ ସହ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଆଲୋଚନା ହୋଇଥିଲା। ଏହାପରେ ଡିଜିପିଙ୍କ କାର୍ଯ୍ୟାଳୟରୁ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନୁଯାୟୀ, ରାଜ୍ୟରେ ୫ଶହରୁ ଊର୍ଦ୍ଧ୍ୱ ଟେଲିଫୋନ୍ ନମ୍ବରକୁ ନେଇ ଏକ ହେଲ୍ପଲାଇନ୍ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଜିଲା ପୋଲିସ ସଦର ମହକୁମାରେ ଏକ କିମ୍ବା ଏକାଧିକ ଫୋନ୍‌କୁ ନେଇ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ଲୋକେ ଏହି ନିୟନ୍ତ୍ରଣ କକ୍ଷରେ ସେମାନଙ୍କ ଅଭିଯୋଗ ଦାଖଲ କରିପାରିବେ। ଜିଲା କଣ୍ଟ୍ରୋଲ୍ ରୁମ୍ ଟେଲିଫୋନ୍ ନମ୍ବର, ସବୁ ଥାନାର ଲ୍ୟାଣ୍ଡଫୋନ୍ ଓ ସିୟୁଜି ମୋବାଇଲ୍ ନମ୍ବରଗୁଡ଼ିକ ସଂପୃକ୍ତ ଜିଲାର ଟୁଇଟର୍, ଫେସ୍‌ବୁକ୍ ଓ ଗଣମାଧ୍ୟମରେ ପ୍ରକାଶ କରାଯାଇଛି। ଏସ୍‌ପି ଏବଂ ଡିସିପିମାନେ ବ୍ୟକ୍ତିଗତ ଭାବେ ଥାନାଗୁଡ଼ିକର ଏହି ଟେଲିଫୋନ୍ ନମ୍ବରରେ ଆସିଥିବା ଅଭିଯୋଗର ସମୀକ୍ଷା କରିବେ। ସମସ୍ତ ନିୟନ୍ତ୍ରଣ କକ୍ଷର ଫୋନ୍ ନମ୍ବର ଓଡ଼ିଶା ପୋଲିସ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

# ଆଇନଜୀବୀ ରଜତ ରଥଙ୍କ ପରଲୋକ



**କଟକ ଅଫିସ,୨୮।୩:** ବରିଷ୍ଠ ଆଇନଜୀବ ହୃଦ୍‌ଘାତରେ ପରଲୋକ ହୋଇଛି। ସନ୍ଧ୍ୟା ପ୍ରାୟ ୫.୩୦ ବେଳେ ଶେଖ୍‌ବଜାରସ୍ଥିତ ବାସଭବନରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବତନ ଆଡଭୋକେଟ୍ ଜେନେରାଲ ଗଙ୍ଗାଧର ରଥଙ୍କ ସୁପୁତ୍ର ହେଉଛନ୍ତି ରଜତ। ମୃତ୍ୟୁ ବେଳକୁ ରଜତଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ସାମ୍ବିଧାନିକ ମାମଲା ସମେତ ଫୌଜଦାରୀ ଏବଂ ଦେଓ୍ୱାନୀ ମାମଲା ପରିଚାଳନାରେ ତାଙ୍କର ବିଶେଷ ଦକ୍ଷତା ଥିଲା। ରଜତଙ୍କ ମୃତ୍ୟୁ ଖବର ପାଇବା ପରେ ବହୁ ଆଇନଜୀବୀ ତାଙ୍କ ଶେଷ ଦର୍ଶନ କରିଥିଲେ। ସତୀଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।


## ସର୍ବସାଧାରଣ ବିଜ୍ଞପ୍ତି

### ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍‌ୱେଜ୍ ପ୍ରା. ଲିଃ
### ବି.ଆର୍.ଏନ୍.ଏଲ୍.-ସିମ୍ପ୍ଲେକ୍ସ-ଗଲଫାର ଜେଭି

**ମଙ୍ଗୁଳି ଟୋଲ୍ ପ୍ଲାଜାରେ ତା୦୧।୦୪।୨୦୨୦ରିଖ ୦୦:୦୦ ଘଟିକାରୁ ଲାଗୁ ହେବାକୁଥିବା ସଂଶୋଧିତ ୟୁଜର ଫି (ଟୋଲ୍) ଦର ସମ୍ପର୍କିତ ସର୍ବସାଧାରଣ ବିଜ୍ଞପ୍ତି**

ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧୀକରଣଙ୍କ ତା୨୫।୦୩।୨୦୨୦ରିଖର ପତ୍ର ମାଧ୍ୟମରେ ସଂଶୋଧିତ ୟୁଜର ଫି ଦରର ଅନୁମୋଦନ ସଂକ୍ରାନ୍ତରେ ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଓଡ଼ିଶା ରାଜ୍ୟରେ ମଙ୍ଗୁଳି ଟୋଲ୍ ପ୍ଲାଜା (ଚେନେଜ୍: କି.ମି. ୩୪.୬୨୪, ଗ୍ରାମ: ହରିଅନ୍ତା, ଜିଲ୍ଲା: କଟକ)ଠାରେ ତା୦୧।୦୪।୨୦୨୦ରିଖ ୦୦:୦୦ ଘଟିକାରୁ ଜାତୀୟ ରାଜପଥ ୧୬ର କିମି ୪୧୩ରୁ କିମି ୪୧୮ ଏବଂ କିମି ୦.୦୦ରୁ କିମି ୬୨.୦୦୦ (ଭୁବନେଶ୍ୱରର ବରମୁଣ୍ଡାଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ) ଅଂଶର ବ୍ୟବହାର ପାଇଁ ୟୁଜର ଫି ଦର ନିମ୍ନ ସାରଣୀ ଅନୁଯାୟୀ ସଂଶୋଧିତ ହେବାକୁ ଯାଉଛି।

| ଯାନବାହନର ବର୍ଗ | ଥରକ ଯାତ୍ରା ପାଇଁ ଦେୟ | ଗୋଟିଏ ଦିନରେ ଫେରସ୍ତ ଯାତ୍ରା ପାଇଁ ଦେୟ | ୫୦ ଥର ଯାତ୍ରା ପାଇଁ ମାସିକ ପାସ୍ ଲାଗି ଦେୟ (ପାରା ୩iii ଦେଖନ୍ତୁ) |
|---|---|---|---|
| କାର୍, ଜିପ୍, ଭ୍ୟାନ୍ କିମ୍ବା ହାଲୁକା ମୋଟର ଯାନ | ୧୨୦ | ୧୮୦ | ୩୯୮୦ |
| ହାଲୁକା ବ୍ୟବସାୟିକ ଯାନ, ହାଲୁକା ପଣ୍ୟବାହୀ ଯାନ କିମ୍ବା ମିନି ବସ୍ | ୧୯୦ | ୨୮୦ | ୬୨୭୦ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଏକ୍ସିଲ୍) | ୩୯୦ | ୫୮୦ | ୧୨୯୩୦ |
| ଭାରି ନିର୍ମାଣ ଯନ୍ତ୍ରପାତି (ଏଚ୍‌ସିଏମ୍) କିମ୍ବା ଆର୍ଥ ମୁଭିଂ ଉପକରଣ (ଇଏମ୍‌ଇ) କିମ୍ବା ମଲ୍ଟି ଏକ୍ସିଲ୍ ଯାନ (୩ରୁ ୬ ଏକ୍ସିଲ୍) | ୬୦୦ | ୯୦୦ | ୧୯୯୬୫ |
| ଅତି ବଡ଼ ଯାନ (ସାତ କିମ୍ବା ଅଧିକ ଏକ୍ସିଲ୍) | ୭୫୦ | ୧୧୩୦ | ୨୫୦୭୦ |
| ଟୋଲ୍ ପ୍ଲାଜାରୁ ୨୦ କିମି ଦୂରତା ମଧ୍ୟରେ ସ୍ଥାନୀୟ ଅଣ-ବ୍ୟବସାୟିକ ଯାନ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ଦର ବର୍ଷ ୨୦୨୦-୨୦୨୧ ପାଇଁ ଟ.୨୭୫.୦୦ ହେବ। | | | |

୨. ଉପରୋକ୍ତ ଦର ସମ୍ପୂର୍ଣ୍ଣ ୬୨.୦୦ କିମି ଦୈର୍ଘ୍ୟ ପାଇଁ ପ୍ରଯୁଜ୍ୟ ଯାହା ମଧ୍ୟରେ ୬୪.୭୫ କିମି ଦୈର୍ଘ୍ୟର ସଡ଼କ, ୨.୨୫ କିମି ଦୈର୍ଘ୍ୟର ସେତୁ ଅନ୍ତର୍ଭୁକ୍ତ ଯାହାର ବ୍ୟୟ ଟ.୧୦ କୋଟି କିମ୍ବା ତଦୂର୍ଦ୍ଧ୍ୱ ଅଟେ।
୩. ଉପରୋକ୍ତ ଟୋଲ୍ ପ୍ଲାଜାରେ ନିମ୍ନଲିଖିତ ରିହାତି କେବଳ ଫାଷ୍ଟାଗ୍‌ରେ ଉପଲବ୍ଧ ଅଟେ
(i) ଉପରଦର୍ଶିତ ସାରଣୀ ଅନୁଯାୟୀ ସବୁ ବର୍ଗର ଯାନବାହନ ପାଇଁ ଦେୟପୈଠ ସମୟରୁ ୨୪ ଘଣ୍ଟା ମଧ୍ୟରେ ଫେରସ୍ତ ଯାତ୍ରା।
(ii) ଉପରଦର୍ଶିତ ସାରଣୀ ଅନୁଯାୟୀ ସବୁ ବର୍ଗର ଯାନବାହନ ପାଇଁ ଦେୟପୈଠ ତାରିଖରୁ ଏକମାସରେ ୫୦ ଏକକ ଯାତ୍ରା।
(iii) ଟୋଲ୍ ପ୍ଲାଜାରୁ ୨୦ କିମି ମଧ୍ୟସ୍ଥ ଅଣ-ବ୍ୟବସାୟିକ ଯାନବାହନ ପାଇଁ କ୍ୟାଲେଣ୍ଡର ମାସ ପିଛା ଟ.୨୭୫/- ଦରରେ ପାସ୍।
୪. ରିହାତି ପ୍ରଦାନ ଯୋଜନା www.nhai.org/concessionagreementcj.aspରେ ଦେଖାଯାଇପାରିବ।
୫. ଛାଡ଼ପ୍ରାପ୍ତ ଯାନବାହନର ତାଲିକା ଜାତୀୟ ରାଜପଥ ଦେୟ (ଦର ନିର୍ଦ୍ଧାରଣ ଓ ସଂଗ୍ରହ) ନିୟମାବଳୀ, ୨୦୦୮ରେ ଉପଲବ୍ଧ ଅଛି।
୬. ଅନୁମତିଯୋଗ୍ୟ ଭାରରୁ ଅଧିକ ଭାର ବହନ କରିଥିବା ଯାନବାହନକୁ ପ୍ରଯୁଜ୍ୟ ଦେୟ ଦରରୁ ୧୦ ଗୁଣ ଦେୟ ପୈଠ କରିବାକୁ ହେବ ଏବଂ ରାଜପଥ ବ୍ୟବହାର ପାଇଁ ଅତିରିକ୍ତ ଭାରକୁ ଅପସାରଣ କରିବାକୁ ହେବ।
୭. ରାଜପତ୍ରରେ ପ୍ରକାଶିତ ୧୯ ଅକ୍ଟୋବର ୨୦୧୧ ତାରିଖର ଦେୟ ଅଧିସୂଚନା, ସଂଶୋଧିତ ଦର ଅନୁମୋଦନ ସମ୍ବଳିତ ତା୨୫।୦୩।୨୦୨୦ରିଖର ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣଙ୍କ ପତ୍ର ତଥା ରିହାତି ରାଜିନାମାର ବ୍ୟବସ୍ଥାପନ ଦେଖିବା ପାଇଁ ୱେବ୍‌ସାଇଟ୍ http://nhaitis.org ପରିଦର୍ଶନ କରାଯାଇପାରେ।
୮. କୌଣସି ଅନୁସନ୍ଧାନ ଏବଂ/କିମ୍ବା ଅଭିଯୋଗ/ମତାମତ ଦେବା ପାଇଁ ପ୍ରତିନିଧିଙ୍କ ନାମ ଓ ଠିକଣା ନିମ୍ନରେ ପ୍ରଦାନ କରାଗଲା:

| | ରିହାତିଗ୍ରହୀତା | ଆଇଇ | ଏନ୍‌ଏଚ୍‌ଏଆଇର ପିଆଇୟୁ |
|---|---|---|---|
| ପ୍ରତିନିଧିଙ୍କ ନାମ : | ଶ୍ରୀଯୁକ୍ତ ଅଞ୍ଜନ ପଟ୍ଟନାଏକ | ଶ୍ରୀଯୁକ୍ତ ଶ୍ରୀଧର ବୁଡୁରୁ | ଶ୍ରୀଯୁକ୍ତ ସୁବ୍ରତ ନାଗ |
| ଠିକଣା : | ଏସ୍‌ଜେଇପିଏଲ୍, ପ୍ଲଟ୍-୫୯୩, ପାହାଳ, ଏନ୍‌ଏଚ୍-୧୬, ଭୁବନେଶ୍ୱର | ଏମ୍.ଏସ୍.ଭି. ଇଣ୍ଟରନ୍ୟାସ୍‌ନାଲ ଆଇଏନ୍‌ସି । ଇନ୍ ଆସୋସିଏସନ୍ ଉଇଥ୍ ହାଇବ୍ରିଡ୍ ଇନ୍‌ଫ୍ରା ଇଣ୍ଡିଆ କନ୍‌ସଲଟାଣ୍ଟସ ପ୍ରା. ଲିଃ। ପ୍ଲଟ୍ ନଂ.- ୧୦/୬ସି ୧୬୧୨, ସିଡିଏ, ସେକ୍ଟର-୧୦, ସିଡିଏ କଟକ ୭୫୩୦୧୪ | ଏନ୍‌ଏଚ୍‌ଏଆଇ, ସେତୁ ଭବନ, ନୟାପଲ୍ଲୀ, ଭୁବନେଶ୍ୱର |
| ମୋବାଇଲ ନଂ. : | +୯୧ ୯୮୫୩୦୧୦୮୨୨ | +୯୧ ୬୩୦୨୫୭୬୭୧୪ | +୯୧ ୮୪୫୦୮୮୮୧୮୬ |

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................



ସିଦ୍ଧାନ୍ତ ଶେଖର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାସ୍ତାରେ କ୍ଷୀର ଢାଳି ଚାଷୀଙ୍କ ପ୍ରତିବାଦ



ରାସ୍ତାରେ କ୍ଷୀର ଢାଳି ଚାଷୀମାନେ ପ୍ରତିବାଦ କରୁଛନ୍ତି।

**ସାଲେପୁର,୨୮।୩(ଡି.ଏନ.ଏ.)** ଦେଶରେ ଲକ୍‌ଡାଉନ୍ ଜାରି ରହିଥିବାରୁ ଓମ୍‌ଫେଡ୍ ନିୟମିତ ଚାଷୀଙ୍କଠାରୁ ଦୁଗ୍ଧ କିଣୁନାହିଁ। ତେଣୁ ଶନିବାର କଟକ ଜିଲା ସାଲେପୁର ବ୍ଲକ ଅଧୀନ ରାଇସୁଙ୍ଗୁଡ଼ା ଅଞ୍ଚଳର ବହୁ ଚାଷୀ ରାସ୍ତାରେ ଶହଶହ ଲିଟର କ୍ଷୀର ଢାଳି ଏହାର ଅଭିନବ ପ୍ରତିବାଦ କରିଥିଲେ। ଜନତା କର୍ଫ୍ୟୁ ଓ ପରେ ଲକ୍‌ଡାଉନ୍ ଘୋଷଣା ହେବାରେ ଓମ୍‌ଫେଡ୍ ସଂସ୍ଥା ସାଲେପୁର, ରୋଧପୁର, ବେଙ୍ଗସାହୁ କଲୋନୀ, ବୋଦାମୁଣ୍ଡାଇ, ନାନ୍ଦୋଳ ସମେତ ବିଭିନ୍ନ ସୋସାଇଟିର ଚାଷୀଙ୍କଠାରୁ ନିୟମିତ କ୍ଷୀର ସଂଗ୍ରହ କରୁନାହିଁ। ଏଥିଯୋଗୁ ଦୈନିକ ଚାଷୀମାନେ ଶହଶହ ଲିଟର କ୍ଷୀର ନଷ୍ଟ କରୁଛନ୍ତି। କ୍ଷୀର ବିକ୍ରି ନ ହେବାରୁ ଚାଷୀ ଗୋରୁଙ୍କୁ ଦାନା ଯୋଗାଇ ପାରୁନାହାନ୍ତି। ଅପରପକ୍ଷରେ କ୍ଷୀର ଅତ୍ୟାବଶ୍ୟକ ସାମଗ୍ରୀ ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ ଓମ୍‌ଫେଡ୍ ନ କିଣିବା ଚିନ୍ତାରେ ବିଷୟ। ତେବେ ଓମ୍‌ଫେଡ୍ ସଂସ୍ଥା କ'ଣ ପାଇଁ ନିୟମିତ କ୍ଷୀର ସଂଗ୍ରହ କରୁନାହିଁ ତାହା ଚାଷୀଙ୍କ ମଧ୍ୟରେ ବିସ୍ମୟ ସୃଷ୍ଟି କରିଛି। ଓମ୍‌ଫେଡ୍ କ୍ଷୀର ନେବା ବନ୍ଦ କରିବା ସହ ଗୋଖାଦ୍ୟ ଦେବା ବନ୍ଦ କରିଦେଇଛି। ଏ ସମ୍ପର୍କରେ ଚାଷୀ ଓମ୍‌ଫେଡ୍ କର୍ତ୍ତୃପକ୍ଷଙ୍କଠାରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବାରୁ ରାଇସୁଙ୍ଗୁଡ଼ା ସୋସାଇଟିର ଭୀମସେନ ବେହେରା, ଶରତ ସାମଲ, ଅଭିରାମ ସାମଲ, ଗୌରହରୀ ବେହେରା, ନେତ୍ରାନନ୍ଦ ମଲ୍ଲିକ, ଅଭୟ ମଲ୍ଲିକ, ଗୁନା ମାହୁନ୍ତ, ମୃତ୍ୟୁଞ୍ଜୟ ସାହୁ, ରାମ ବେହେରା, ମାଧବ ସାମଲ, ନୃସିଂହ ନାୟକଙ୍କ ସମେତ ୨୦ରୁ ଅଧିକ ଚାଷୀ ରାଇସୁଙ୍ଗୁଡ଼ା ଓମ୍‌ଫେଡ୍ ସୋସାଇଟି ସମ୍ମୁଖରେ ଏପରି ପ୍ରତିବାଦ କରିଥିଲେ।

## ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ରାଜସ୍ଥାନ ସରକାରଙ୍କ ସହାୟତା

**ଭୁବନେଶ୍ୱର,୨୮।୩(ବ୍ୟୁରୋ)** ରାଜ୍ୟର ବିଭିନ୍ନ ଜିଲାର ବହୁ ଛାତ୍ରୀଛାତ୍ର ରାଜସ୍ଥାନ ଜୟପୁରସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରେ ବି.ଏଡ୍ ପାଠ୍ୟକ୍ରମରେ ଅଧ୍ୟୟନ କରୁଛନ୍ତି। ରାଜସ୍ଥାନରେ ଓଡ଼ିଶା ଅପେକ୍ଷା କରୋନା ସଂକ୍ରମିତଙ୍କ ସଂଖ୍ୟା ଅଧିକ ଥିବାରୁ ସେଠାରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରାଯାଇଛି। ଫଳରେ ସେଠାରେ ଥିବା ଓଡ଼ିଆ ଛାତ୍ରୀଛାତ୍ର ଫସି ରହିଯାଇଛନ୍ତି। ଏମାନଙ୍କ ସଂଖ୍ୟା ପ୍ରାୟ ୮୦ ବୋଲି ଜଣାପଡିଛି। ସରକାରୀସ୍ତରରେ ଜାରି କରାଯାଇଥିବା ନମ୍ବର ଯୋଗେ ସେହି ଛାତ୍ରୀଛାତ୍ରମାନେ ଯୋଗାଯୋଗ କରିଥିଲେ ବି ଏ ଯାବତ୍ ସମ୍ପର୍କ ହୋଇପାରି ନାହିଁ। ଅପରପକ୍ଷରେ ଓଡ଼ିଶା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଇ-ମେଲ୍‌ରେ ସେହି ଛାତ୍ରୀଛାତ୍ର ସେମାନଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବା ପାଇଁ ନିବେଦନ କରିଥିବା ଜଣାପଡିଛି। ଏହି ଖବର ପାଇବା ପରେ କଂଗ୍ରେସ ନେତା ଅରୋ ପ୍ରସାଦ ମିଶ୍ର ଫସିଯାଇଥିବା ଓଡ଼ିଆ ପିଲାଙ୍କ ସହ ଯୋଗାଯୋଗ କରିଥିଲେ। ସେମାନେ ଓଡ଼ିଶା ଫେରିବା ପର୍ଯ୍ୟନ୍ତ କିପରି ସେମାନଙ୍କ ଖାଇବା, ପିଇବା ଏବଂ ରହିବା ଅସୁବିଧା ନ ହେବ, ସେଥିପାଇଁ ଦୃଷ୍ଟି ଦେବାକୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ କାର୍ଯ୍ୟାଳୟକୁ ଜଣାଇଥିଲେ। ଏହା ପରେ ରାଜସ୍ଥାନ ପ୍ରଶାସନ ପକ୍ଷରୁ ଜିଲା ପ୍ରଶାସନ ସହ ଯୋଗାଯୋଗ କରି ତ୍ରିବେଣୀ ନଗରରେ ଥିବା ଓଡ଼ିଆ ପିଲାଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରାଯାଇଥିବା ଜଣାପଡିଛି।

# ଦୁର୍ଦ୍ଦଶାରେ ୧୧ ନିର୍ମାଣ ଶ୍ରମିକ

**ଡେରାବିଶ, ୨୮।୩(ସ୍ୱ.ପ୍ର.)**



ପଲେଇ ବିଦ୍ୟାଳୟ ଆଗରେ ନିର୍ମାଣ ଶ୍ରମିକମାନେ।

ମହାମାରୀ କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଫଳରେ ସମଗ୍ର ରାଜ୍ୟରେ ଯାତ୍ରୀ ପରିବହନ ଠପ୍ ହୋଇଯାଇଛି । ଏହାର ପ୍ରଭାବ ନିର୍ମାଣ ଶ୍ରମିକମାନଙ୍କ ଉପରେ ପଡିଛି। କାମ କରିବାକୁ କେନ୍ଦୁଝରରୁ କେନ୍ଦ୍ରାପଡ଼ା ଆସିଥିବା ୧୧ ଶ୍ରମିକ ଲକ୍‌ଡାଉନ ପରେ ଭୋକଉପାସରେ କାଳ କାଟୁଥିଲେ। ଏହି ଖବର ପାଇବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କ ରହିବା ବ୍ୟବସ୍ଥା ସହ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଛି।

କେନ୍ଦୁଝର ଜିଲାରୁ ୧୧ ଜଣ ଶ୍ରମିକ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତକୁ ଆସି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣାଧୀନ ରାସ୍ତାକାମରେ ନିୟୋଜିତ ହୋଇଥିଲେ। ଠିକାଦାର ଜଣକ ଶ୍ରମିକମାନଙ୍କ ପରିବାରଙ୍କୁ ଏଠାକୁ ଆଣି କ୍ୟାମ୍ପରେ ରଖି ନିର୍ମାଣ କାର୍ଯ୍ୟରେ ଲଗାଇଥିଲେ। ଏପରିସ୍ଥଳେ ଗତ ସୋମବାରଠାରୁ ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା ପରେ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଏହି ସମୟରେ ଗାଡ଼ି ନ ଥିବାରୁ ଶ୍ରମିକମାନେ ଘରକୁ ଫେରିପାରି ନ ଥିଲେ। କଟକଣା କଡାକଡି ହେବାରୁ ଠିକାଦାର ଜଣକ ଶ୍ରମିକମାନଙ୍କୁ ପାରିଶ୍ରମିକ ଦେଇ ବିଦା କରିଦେଇଥିଲେ । ଯାତାୟାତର କୌଣସି ସୁବିଧା ନ ଥିବାରୁ ଏବଂ ପାରିଶ୍ରମିକ ବାବଦରେ ପାଇଥିବା ଟଙ୍କା ୫ ଦିନ ଧରି ଖାଇବା ପରେ ଶ୍ରମିକମାନେ ଶୂନ୍ୟହସ୍ତ ହୋଇପଡ଼ିଥିଲେ। କୌଣସି ଉପାୟ ନ ପାଇ ସେମାନେ ଛୋଟ ଛୋଟ ପିଲାଙ୍କୁ ଧରି କେନ୍ଦୁଝର ଯିବା ନିମନ୍ତେ ପାଦରେ ଚାଲିଚାଲି ଯାତ୍ରା ଆରମ୍ଭ କରିଥିଲେ। ପଲେଇ ପଞ୍ଚାୟତ ପଡ଼ିଆ ନିକଟରେ ଏମାନଙ୍କ ଅବସ୍ଥା ଦେଖି ଗ୍ରାମର ସାମାଜିକ କର୍ମୀ ଚିତ୍ତରଞ୍ଜନ ରାଉତ, ନିର୍ମଳ ପରିଡ଼ା, ମହେନ୍ଦ୍ର ପରିଡ଼ା, ମାନସ ପରିଡ଼ା, କାଳନ୍ଦୀ ପରିଡ଼ା, ହିମାଂଶୁ ଶେଖର ଓଝା ପ୍ରମୁଖ ଭୋକିଲା ପିଲାମାନଙ୍କୁ ଶୁଖିଲା ଖାଦ୍ୟ ଦେବା ସହ ଶ୍ରମିକମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା କରିଥିଲେ । ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପଲ୍ଲବ ପ୍ରତିମ ପ୍ରଧାନ ଏ ବିଷୟରେ ଡେରାବିଶ ବିଡ଼ିଓଙ୍କୁ ଜଣାଇଥିଲେ । ବିଡିଓ ଗୋପବନ୍ଧୁ ଭୋସାଗର ପହଞ୍ଚି ଲକ୍‌ଡାଉନ୍ ଥିବାରୁ ଆସନ୍ତା ୧୪ଦିନ ପର୍ଯ୍ୟନ୍ତ ସ୍ଥାନୀୟ ପଲେଇ ବିଦ୍ୟାଳୟରେ ଶ୍ରମିକମାନଙ୍କ ରହିବା ଓ ଖାଦ୍ୟପେୟ ବ୍ୟବସ୍ଥା କରାଇଥିଲେ । ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ସହ ଏମାନଙ୍କ ସୁରକ୍ଷିତ ରହଣି ପାଇଁ ଡେରାବିଶ ଥାନା ଅଧିକାରୀଙ୍କୁ ବିଡ଼ିଓ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ବିଡିଓ ଭୋସାଗର ଜିଲାପାଳଙ୍କୁ ଏକ ରିପୋର୍ଟ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି । ଠିକାଦାରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା। ମାତ୍ର ଦାୟିତ୍ୱରେ ଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ଅର୍ଜୁନ କୁମାର ସାହୁ କହିଥିଲେ, ସ୍ଥାନୀୟ ପୋଲିସ୍‌କୁ ପାସ୍ ପାଇଁ ଆବେଦନ କରାଯାଇଛି। ପାସ୍ ମିଳିବା ପରେ ଶ୍ରମିକମାନଙ୍କୁ ସେମାନଙ୍କ ଗ୍ରାମକୁ ପଠାଇ ଦିଆଯିବ।

■ କାମ କରିବାକୁ କେନ୍ଦୁଝରରୁ କେନ୍ଦ୍ରାପଡ଼ା ଆସିଥିଲେ

■ ଲକ୍‌ଡାଉନ ପରେ ଫେରିପାରି ନ ଥିଲେ

# ମହିଳା ଛିଙ୍କିବାରୁ ଦୋକାନୀ ଫିଙ୍ଗିଦେଲେ ୨୬ ଲକ୍ଷର ସାମଗ୍ରୀ

**ୱାଶିଂଟନ୍, ୨୮।୩**





କରୋନା ଭୂତାଣୁ ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବାବେଳେ ଅଧିକାଂଶ ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଫଳରେ ଲୋକେ ଘରେ ରହୁଛନ୍ତି। ଜରୁରୀ କାମ ନ ଥିଲେ ପଡ଼ିଲେ ଘରୁ ବାହାରିବା ପାଇଁ ବାରଣ କରାଯାଇଛି। କରୋନାକୁ ନେଇ ଲୋକେ ଏତେମାତ୍ରାରେ ଭୟଭୀତ ହୋଇଯାଇଛନ୍ତି ଯେ କେହି ଛିଙ୍କିଲେ କିମ୍ବା କାଶିଲେ ମନରେ ଭୟ ସୃଷ୍ଟି ହେଉଛି।

ଆମେରିକାର ପେନ୍‌ସିଲ୍‌ଭାନିଆରେ ଘଟିଛି ଏଭଳି ଏକ ଘଟଣା। ଏଠାରେ ଜଣେ ମହିଳା ଦୋକାନ ଭିତରେ ଛିଙ୍କି ଦେବାରୁ ଦୋକାନୀ ସମସ୍ତ ସାମଗ୍ରୀ ବାହାରକୁ ଫିଙ୍ଗି ଦେଇଥିଲେ। ଏହି ସାମଗ୍ରୀର ମୂଲ୍ୟ ୩୫ ହଜାର ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୨୬ ଲକ୍ଷ ଟଙ୍କା ବୋଲି କୁହାଯାଉଛି। ଦୋକାନରେ କାମ କରୁଥିବା ଜଣେ କର୍ମଚାରୀ କହିଛନ୍ତି, ମହିଳା ଦୋକାନରେ ପ୍ରବେଶ କରି ବେକେରୀ ସାମଗ୍ରୀ ନିକଟକୁ ଆସିବା ମାତ୍ରେ ଛିଙ୍କିଥିଲେ। ସେଠାରେ ମାଂସ ଏବଂ ଖାଦ୍ୟ ସାମଗ୍ରୀ ମଧ୍ୟ ରଖାଯାଇଥିଲା। ଫଳରେ କରୋନା ଭୂତାଣୁର ଆଶଙ୍କା କରି ସଙ୍ଗେ ସଙ୍ଗେ ସମସ୍ତ ଜିନିଷକୁ ଦୋକାନରୁ ବାହାରକୁ ଫିଙ୍ଗି ଦିଆଯାଇଥିଲା। ଏଥିସହିତ ଦୋକାନକୁ ଭଲ ଭାବରେ ସଫା କରାଯାଇଥିଲା। ମହିଳା ଛିଙ୍କିବା ପରେ ଦୋକାନ ମାଲିକ ତୁରନ୍ତ ପୋଲିସକୁ ଡାକିଥିଲେ। ପୋଲିସ ପହଞ୍ଚି ସଂପୃକ୍ତା ମହିଳାଙ୍କୁ ଗିରଫ କରିଥିଲେ।

ଏକ ରିପୋର୍ଟ ଅନୁଯାୟୀ, ମହିଳା ଜଣକ ଉଦ୍ଦେଶ୍ୟମୂଳକ ଭାବେ କୁଆଡ଼େ ଏପରି କରିଥିଲେ। ମହିଳାଙ୍କ ନାମରେ ଆପରାଧିକ ମାମଲା ରୁଜୁ କରାଯିବ ବୋଲି ପୋଲିସ କହିଛି। ସେ କରୋନା ପଜିଟିଭ୍ ହୋଇ ନ ଥିଲେ ବି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କୁହାଯାଉଛି।

SUNDAY classifieds



matrimonial

GROOM WANTED

ICICI Bankରେ ଚାକିରି କରୁଥିବା 31ବୟସ୍କା divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 9668488654. D-67939

real estate

SALE

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

2BHK ready to move flat sale at Patrapada Market, Bhubaneswar. 6370292040. D-69109

ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ NH side ପ୍ଲଟ ମିଳୁଅଛି। Owner- 9090963952. D-68497

2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-17044

Flats for sale at DHPL Crystal Raghunathpur. Contact: 9937059891, 8908292617. D-17043

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright) 7894433357, 9348232008. D-69111

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ NH side ପ୍ଲଟ୍ ମିଳୁଅଛି। Owner- 9090963952. D-69112

construction

Prabhakar Construction construct building. Quality building, timely delivery. 9437025258, 9437484711. D-17173

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-17135

## ଅନ୍ୟ ରାଜ୍ୟରେ

ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଆକୁଳ ନିବେଦନ କରିଛନ୍ତି। ଶ୍ରମିକମାନଙ୍କ ଆକୁଳ ନିବେଦନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତାରେ ରାଜ୍ୟ ବାହାରେ ଥିବା ଓଡିଆ ଶ୍ରମିକମାନଙ୍କୁ ସହାୟତା ଯୋଗାଇ ଦେବାକୁ ଓଡିଆ ଆସୋସିଏଶନଗୁଡିକୁ ନିବେଦନ କରିଛନ୍ତି। ଏହି ଦୁଃସମୟରେ ସେମାନଙ୍କୁ ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଉକ୍ତ ଖର୍ଚ୍ଚ ଅର୍ଥ ଭରଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଏଥିସହିତ ଭୋକ ଉପାସରେ ରହୁଥିବା ଶ୍ରମିକମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ଶୁକ୍ରବାର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ନବୀନ ଅନୁରୋଧ କରିଥିଲେ।

## ଲକ୍‌ଡାଉନ

ବାରାଣସୀ, ଗୋରଖପୁର, ଆଜମଗଡ଼, ଫୈଜାବାଦ, ବସ୍ତି, ପ୍ରତାପଗଡ଼, ସୁଲତାନପୁର, ଆମେଠି, ରାଏବରେଲି, ଗୋଣ୍ଡା, ଇଟାୱା ପ୍ରଭୃତି ସ୍ଥାନରୁ ଦାଦନ ଶ୍ରମିକଙ୍କୁ ନେଇ ବସ୍ ଛାଡ଼ିଛି। ଦିଲ୍ଲୀ ସରକାର ଦାଦନ ଶ୍ରମିକଙ୍କ ପାଇଁ ଆଶ୍ରୟସ୍ଥଳର ବ୍ୟବସ୍ଥା କରିଛନ୍ତି। କାମଧନ୍ଦା ନ ପାଇଁ ଅନ୍ୟମାନେ ମଧ୍ୟ ଉକ୍ତ ଆଶ୍ରୟସ୍ଥଳୀକୁ ଖାଦ୍ୟ ଅନ୍ୱେଷଣରେ ଯାଇ ଧାଡ଼ିରେ ଛିଡ଼ାହେଉଥିବା ଦେଖିବାକୁ ମିଳିଛି। ରୋଗ ହେବା ଆଗରୁ କ୍ଷୁଧା ଆମକୁ ମାରିଦେବ ବୋଲି କହିଛନ୍ତି ଦିଲ୍ଲୀରେ ଅଟକି ରହିଥିବା ଉତ୍ତରପ୍ରଦେଶର ରିକ୍ସାଚାଳକ ରାମପାଲ। ଲକ୍‌ଡାଉନ ଯୋଗୁ ଦିଲ୍ଲୀରେ ଥିବା ତାଙ୍କ ଭଳି ହଜାର ହଜାର ଲୋକ ନା ରୋଜଗାର କରିପାରୁଛନ୍ତି, ନା ଘରକୁ ଫେରିପାରୁଛନ୍ତି ବୋଲି ସେ କହିଛନ୍ତି। ଯମୁନା ପୁଶ୍‌ତା ଆଶ୍ରୟସ୍ଥଳ ବାହାରେ ବହୁସଂଖ୍ୟାରେ ଦିନମଜୁରିଆ, ବାସହରା ଓ ଭିକାରୀ ଖାଦ୍ୟ ପାଇଁ ଲାଇନ ଲଗାଉଛନ୍ତି। କେବଳ ଦିଲ୍ଲୀ ନୁହେଁ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଦାଦନ ଶ୍ରମିକ ଓ ଦିନ ମଜୁରିଆମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ଅନ୍ୟପକ୍ଷରେ ଲକ୍‌ଡାଉନ ସମୟରେ ଦାଦନ ଶ୍ରମିକଙ୍କୁ ସହାୟତା ଯୋଗାଇଦେବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି (ଏସ୍‌ଡିଆର୍‌ଏଫ୍) ନିୟମରେ ପରିବର୍ତ୍ତନ କରିଛି। ଏହି ପାଣ୍ଠିରୁ ଦାଦନଙ୍କୁ ଖାଦ୍ୟ ଓ ଅସ୍ଥାୟୀ ଆଶ୍ରୟସ୍ଥଳ ଯୋଗାଇଦେବା ଲାଗି ଅର୍ଥ ବ୍ୟବସ୍ଥା କରିବାକୁ କୁହାଯାଇଛି। ଏଥିସହିତ ସେମାନଙ୍କୁ ଆବଶ୍ୟକସ୍ଥଳେ ଔଷଧ ଓ ଲୁଗାପଟା ଯୋଗାଇଦେବାକୁ ମଧ୍ୟ ମନ୍ତ୍ରଣାଳୟ ରାଜ୍ୟ ମୁଖ୍ୟ ଶାସନ ସଚିବମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## କରୋନା..

ଅନ୍ୟପଟେ ଜେଲ୍‌ଗୁଡ଼ିକର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ନିୟମିତ ଜେଲ୍ ଅନ୍ତେବାସୀଙ୍କୁ ଅବଗତ କରାଯିବ। ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଭିଡିଓ କନଫରେନ୍ସିଂ, ଜେଲ ଟେଲିଫୋନ୍ କିମ୍ବା ଇ-ମୁଲାକାତ ମାଧ୍ୟମରେ କଥା ହେବାକୁ ଅନୁମତି ଦିଆଯିବ। ଜେଲ୍‌ରେ ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗ, ଜିଲା ପ୍ରଶାସନ ଏବଂ ଜେଲ୍ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଭୂତାଣୁ ବିସ୍ତାରକୁ ରୋକିବା ପାଇଁ ୮୫୬ ଅନ୍ତେବାସୀଙ୍କୁ ସ୍ଥାନାନ୍ତର କରାଯାଇଥିବା ଡିଜି (ଜେଲ୍) ଉପାଧ୍ୟାୟ ସୂଚନା ଦେଇଥିଲେ। ନିୟମିତ ସମୀକ୍ଷା ପାଇଁ ଜିଲା ଏବଂ ରାଜ୍ୟ ସ୍ତରରେ ମନିଟରିଂ କମିଟି ଗଠନ କରାଯିବ। ଜିଲା ଅଣ୍ଡର ଟ୍ରାଏଲ୍ ସମୀକ୍ଷା କମିଟିର ସଦସ୍ୟମାନେ ଜିଲା ମନିଟରିଂ କମିଟିର ସଦସ୍ୟ ରହିବେ। ରାଜ୍ୟସ୍ତରୀୟ କମିଟିରେ ସଦସ୍ୟ ଭାବେ ଗୃହ ବିଭାଗ ମୁଖ୍ୟ ଶାସନ ସଚିବ, ଡିଜି(ଜେଲ୍) ଏବଂ ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ସଦସ୍ୟ ସଚିବ ରହିବେ। ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ଜେଲ୍ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ନିର୍ଦ୍ଦେଶାବଳୀ ଦେବେ।

ଏତଦ୍‌ବ୍ୟତୀତ ଅସୁସ୍ଥ କଏଦୀଙ୍କୁ ଚିକିତ୍ସା ସହାୟତା ସହ ନୋଡାଲ୍ ମେଡିକାଲ୍‌ରେ ଭର୍ତ୍ତି କରିବା, କଏଦୀଙ୍କୁ ସ୍ଥାନାନ୍ତର, ପ୍ରତି ବୁଧବାର ଜିଲାସ୍ତରୀୟ ଅଣ୍ଡର ଟ୍ରାଏଲ୍ ସମୀକ୍ଷା କମିଟି ବୈଠକ, ପାରୋଲ୍‌ରେ ମୁକୁଳିବାକୁଥିବା କଏଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସେମାନଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରିବା ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏହି ବୈଠକରେ ନିଆଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ମୁଖଭାଗରେ ଶୁକ୍ର ଓ ଚନ୍ଦ୍ର ଥିବାରୁ ହସ, ଖୁସି, ମଜାମଉଜରେ ଦିନଟି ଅତିବାହିତ ହେବ। ଆର୍ଥିକ ସ୍ଥିତି ବହୁତ ଭଲ ରହିବା ସହ ଆପଣଙ୍କ ଜୀବନଯାତ୍ରା ଶୃଙ୍ଖଳିତ ରହିବ। ଆଲୋଚନା ଓ ସମାଲୋଚନା ଭିତରେ ସମାଧାନରେ ଶାନ୍ତି ଫେରିଆସିବ। ନିଜ ଲୋକମାନଙ୍କ ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ।

**ବୃଷ** ଆଜିର ଗ୍ରହସ୍ଥିତି ଆପଣଙ୍କ ମନରେ ପ୍ରସନ୍ନତା ଭରିଦେବ। କର୍ମକ୍ଷେତ୍ରସ୍ଥ ପ୍ରତ୍ୟେକ ସ୍ଥଗିତ କାମକୁ ଧୀର ମନ୍ଥର ଗତିରେ ଆଗକୁ ବଢ଼ାଇନେବେ। କିନ୍ତୁ ଚତୁର୍ଥ ଭାବରୁ ଅଷ୍ଟମସ୍ଥ ରବି ପ୍ରଭାବରେ ଘରୋଇ କଳହକୁ ନେଇ ମଧ୍ୟ ଅଶାନ୍ତି ଲାଗି ରହିପାରେ। ଆଇନ ଅଦାଲତ,ସାହିତ୍ୟଚର୍ଚ୍ଚା କ୍ଷେତ୍ର ମନ୍ଦ ହେବନି।

**ମିଥୁନ** ସ୍ୱସ୍ଥାନହନ୍ତା ବୃହସ୍ପତି ପାପଯୁକ୍ତ ହେତୁ ପରିବାରରେ ଭୁଲ୍ ବୁଝାମଣାଜନିତ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଟଙ୍କା ପଇସା ସମ୍ପର୍କିତ ଝମେଲାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ସନ୍ତାନଙ୍କ ସକାଶେ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ପରିବହନ, ବ୍ୟବସାୟ,ସଭାସମିତି, ଜମିଜମା, ଆଲୋଚନା ସ୍ଥଗିତ ରହିଯିବ।

**କର୍କଟ** ଶୁଭଭାବରେ ଗ୍ରହଙ୍କ ସ୍ଥିତି ଆପଣଙ୍କ ଦୈହିକ ଏବଂ ମାନସିକ ସ୍ଥିତିକୁ ଋଦ୍ଧିମନ୍ତ କରିବ। ପରିବାର ସଦସ୍ୟଙ୍କ ଗହଣରେ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରି ଖୁସି ହେବେ। ସାଙ୍ଗଠନିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ର କେତେକାଂଶରେ ବାଧାପ୍ରାପ୍ତ ହେବ। କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ସିଂହ** କର୍ମକ୍ଷେତ୍ରରେ ବାଧା ଉପୁଜିଲେ ମଧ୍ୟ ଶନିଙ୍କ ଶୁଭ ପ୍ରଭାବରେ ପ୍ରବଳ ଇଚ୍ଛାଶକ୍ତି ଆପଣଙ୍କୁ ସାହାଯ୍ୟ କରିବାରେ ସମର୍ଥ ହେବ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚପ୍ରଶଂସିତ ହେବେ। ବ୍ୟବସାୟ ଭଲ ରହିବ ଏବଂ ପାରିବାରିକ ସ୍ଥିତି ପୂର୍ବପରି ରହିପାରେ।

**କନ୍ୟା** ଦୀର୍ଘଦିନର ପ୍ରଚେଷ୍ଟା ପରେ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟକଳାପ, ବାଣିଜ୍ୟରେ ପ୍ରତିବନ୍ଧକ ଓ ଯାତ୍ରା କ୍ଷେତ୍ରରେ ଦୁଶ୍ଚିନ୍ତା ବଢ଼ିପାରେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାର ଆକ୍ଷେପୋକ୍ତି କରିପାରନ୍ତି।

**ତୁଳା** ଅଷ୍ଟମସ୍ଥ ଚନ୍ଦ୍ର ଆପଣଙ୍କ କାମକୁ ପ୍ରତିହତ କଲେ ମଧ୍ୟ ଅର୍ଥସଂକଟରୁ ମୁକ୍ତ କରାଇବ। କିନ୍ତୁ କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳକ୍ଷେପଣ ନୀତି ହେତୁ ସଫଳତା ପାଇବା କଷ୍ଟକର ହୋଇପାରେ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ମୂଳଲକ୍ଷ୍ୟକୁ ଛାଡ଼ି ଛୋଟ କାମ ହାତକୁ ନେବେ।

**ବିଛା** ଅଭିଳାଷ ପୂରଣ ନ ହେବା କାରଣରୁ ଅନୁରାଧା ନକ୍ଷତ୍ର ବାରମ୍ବାର ନିଜର ମତ ବଦଳାଇବାକୁ ବାଧ୍ୟ ହେବେ। ରବି ଓ ରାହୁଙ୍କ ପ୍ରଭାବରୁ ଜନକଲ୍ୟାଣ କାର୍ଯ୍ୟ, ପ୍ରଶାସନିକ ସ୍ତରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚପ୍ରଶଂସିତ ହୋଇପାରନ୍ତି। ଯାନବାହନରେ ଯାତାୟାତରେ ସତର୍କତା ରକ୍ଷା ନ କଲେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ଧନୁ** ପାରସ୍ପରିକ ବିବାଦ କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଫେରିପାଇବା ସାଙ୍ଗକୁ କଲ୍ୟାଣମୂଳକ କାର୍ଯ୍ୟ, ପ୍ରଶାସନିକ କ୍ଷେତ୍ରରେ ଶୁଭଫଳ ମିଳିବ। ପାରିବାରିକ, ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବାର ଆଶା କରାଯାଇପାରେ।

**ମକର** ରାଶ୍ୟାଧିପତିଙ୍କ ସୁପ୍ରଭାବ ଯୋଗୁ କାର୍ଯ୍ୟସିଦ୍ଧି, ଆରୋଗ୍ୟଲାଭ, ଆର୍ଥିକ ଉନ୍ନତି ହେତୁ ଖୁସି ଅନୁଭବ କରିବେ। କିନ୍ତୁ ଶୁକ୍ରଙ୍କ ଭାବସ୍ଥିତିରୁ କର୍ମକ୍ଷେତ୍ରରେ ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ।

**କୁମ୍ଭ** ମଙ୍ଗଳଯୁକ୍ତ ଶନିଙ୍କ କୁପ୍ରଭାବରେ ବିଭିନ୍ନ ସମସ୍ୟା ସହ ଧନହାନି ଘଟିପାରେ। ନିଜ ଲୋକମାନଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଜନକଲ୍ୟାଣ କାମକରିବା ପରିପ୍ରେକ୍ଷୀରେ ଜନପ୍ରିୟ ହେବେ। ଆଗାମୀ ସମୟରେ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି।

**ମୀନ** ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମତାନ୍ତର ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବାଧ୍ୟବାଧକତାରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ପରିବାର, କର୍ମକ୍ଷେତ୍ର ଓ ବ୍ୟବସାୟିକ କ୍ଷେତ୍ର ଗତାନୁଗତିକ ରୀତିରେ ଆଗକୁ ଗଡ଼ିଚାଲିବ।

ଆଜି ଚୈତ୍ର ଶୁକ୍ଳ ପଞ୍ଚମୀ ରବିବାର, ମାର୍ଚ୍ଚ ୨୯ ତାରିଖ, ରାଶି ନକ୍ଷତ୍ର-କୃତ୍ତିକା। ବୃଷ, ଦିବା ଘ.୦୩।୧୭ ଗତେ ରୋହିଣୀ ନକ୍ଷତ୍ର, ବିଛା ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ପ୍ରାତଃ ଘ.୦୬।୩୫ ଗତେ ଘ.୦୯।୪୯ ମଧ୍ୟେ, ସନ୍ଧ୍ୟା ଘ.୦୭।୩୧ ଗତେ ଘ.୦୯।୦୫ ମଧ୍ୟେ ଅମୃତବେଳା, ପ୍ରାତଃ ଘ.୦୫।୪୬ ଗତେ ଘ.୦୬।୩୫ ମଧ୍ୟେ, ଦିବା ଘ.୦୧।୦୪ ଗତେ ଘ.୦୧।୫୩ ମଧ୍ୟେ, ସନ୍ଧ୍ୟା ଘ.୦୬।୪୩ ଗତେ ଘ.୦୭।୩୧ ମଧ୍ୟେ, ରାତ୍ର ଘ.୧୨।୧୪ଗତେ ଘ.୦୩।୨୩ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୨୫ ଗତେ ଘ.୦୫।୫୬ ମଧ୍ୟେ ରାହୁକାଳ। (ଆଜି ରାତ୍ର ଘ.୦୩। ୫୪ମି. ଠାରେ ବୃହସ୍ପତି ଉତ୍ତରାଷାଢା ନକ୍ଷତ୍ର ମକର ରାଶିକୁ ସ୍ୱଚାର ହୋଇ ଗମନ କରିବେ। ବୃଷ, କର୍କଟ, କନ୍ୟା, ଧନୁ ଓ ମୀନ ରାଶି ପାଇଁ ଶୁଭଫଳ )।

## ବେଲାରୁଷ୍‌କୁ ନାହିଁ କରୋନା ଡର



### ୟୁରୋପର ଏକମାତ୍ର ଦେଶ

**ବେଲାରୁଷ,୨୮।୩:** ମହାମାରୀ କରୋନାର କେନ୍ଦ୍ରସ୍ଥଳଭାବେ କିଛି ଦିନ ହେଲା ୟୁରୋପ୍ ଚର୍ଚ୍ଚାରେ ରହିଛି। ଅନେକ ଦେଶରେ ଏନେଇ ବିଭିନ୍ନ କଟକଣା ଜାରି କରାଯାଇଛି। ବିଶେଷକରି ଭାଇରସ୍ କବଳରୁ ରକ୍ଷା ପାଇଁ ଲୋକଙ୍କୁ ଘରେ ରହିବା ସହ ସଙ୍ଗରୋଧକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଉଛି। ହେଲେ ୟୁରୋପ୍‌ରେ ଏମିତି ଏକ ଦେଶ ରହିଛି, ଯେଉଁଠାରେ କରୋନାକୁ ନେଇ କୌଣସି ଭୟ କିମ୍ବା କଟକଣା ନାହିଁ। କରୋନା ମହାମାରୀର ମୁକାବିଲା ପାଇଁ ବେଲାରୁଷ୍‌ରେ ଜନସାଧାରଣଙ୍କ ଉପରେ କୌଣସି ପ୍ରକାର କଟକଣା ଜାରି କରାଯାଇନାହିଁ। ପଡ଼ୋଶୀ ୟୁରୋପୀୟ ଦେଶ ୟୁକ୍ରେନ୍ ଏବଂ ରୁଷ୍ ଭଳି ଏଠାରେ ସରକାରଙ୍କ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ନିଆଯାଇନାହିଁ। ରୁଷ୍‌ରେ ସମସ୍ତ ସ୍କୁଲ ବନ୍ଦ ରହିଥିବାବେଳେ ସାର୍ବଜନୀନ କାର୍ଯ୍ୟକ୍ରମକୁ ନେଇ ମଧ୍ୟ କଟକଣା ଜାରି କରାଯାଇଛି। ହେଲେ ବେଲାରୁଷ୍‌ରେ ସବୁ କାର୍ଯ୍ୟ ପୂର୍ବଭଳି ସ୍ୱାଭାବିକ ଭାବେ ଚାଲିଛି। ଦୋକାନ, ବଜାର ଓ କାର୍ଯ୍ୟାଳୟ ମଧ୍ୟ ସମସ୍ତଙ୍କ ପାଇଁ ଖୋଲା ରହିଛି। ବେଲାରୁଷ୍‌ର ରାଷ୍ଟ୍ରପତି ଆଲେକଜାଣ୍ଡାର ଲୁକାଶେଙ୍କୋଙ୍କ କହିବା ହେଲା ଦେଶରେ କରୋନାର କାୟା ବିସ୍ତାରକୁ ରୋକିବା ପାଇଁ କୌଣସି ସତର୍କତାମୂଳକ ପଦକ୍ଷେପର ଆବଶ୍ୟକତା ନାହିଁ। ଘଟଣା ତ ସବୁବେଳେ ଘଟୁଛି। ହେଲେ ଏଥିପାଇଁ ଲୋକେ ଆତଙ୍କିତ ନ ହେବା ଜରୁରୀ। ଉଲ୍ଲେଖଯୋଗ୍ୟ ବେଲାରୁଷ୍‌ରେ ସିନେମା ହଲ୍ ଓ ଥିଏଟର୍ ଖୋଲା ରହିଥିବାବେଳେ ସଭା ତଥା ସାର୍ବଜନୀନ କାର୍ଯ୍ୟକ୍ରମ ନେଇ ମଧ୍ୟ କୌଣସି କଟକଣା ନାହିଁ। ଏପରିକି ଫୁଟ୍‌ବଲ ଚାମ୍ପିଅନସିପ୍‌କୁ ମଧ୍ୟ ବନ୍ଦ କରାଯାଇନି। 'କରୋନା ଭାଇରସ୍‌କୁ ଏକ ଟ୍ରାକ୍ଟର ରୋକିପାରିବ' ବୋଲି ମଧ୍ୟ ଲୁକାଶେଙ୍କୋ କହିଛନ୍ତି। ତାଙ୍କର ଏହି ବୟାନକୁ ନେଇ ଅନେକ ଲୋକ ବ୍ୟଙ୍ଗ ମଧ୍ୟ କରିଥିଲେ। ତେବେ ଏହି ବୟାନ ସେ କ୍ଷେତରେ ଖଟୁଥିବା ଚାଷୀଙ୍କ ଉଦ୍ଦେଶ୍ୟରେ ରଖିଥିଲେ। ବେଲାରୁଷ୍ ବିଶ୍ୱରେ କାୟା ବିସ୍ତାର କରିଥିବା କରୋନାକୁ ନେଇ ଅବଗତ ଅଛି ଏବଂ ଏଥିପାଇଁ ଚିନ୍ତା ମଧ୍ୟ କରାଯାଉଛି ବୋଲି ଲୁକାଶେଙ୍କା କହିଛନ୍ତି।

# ଏପ୍ରିଲ, ମେ ରେ ବଢ଼ିବ ସଂକ୍ରମିତଙ୍କ ସଂଖ୍ୟା

## କୋଭିଡ୍-୧୯:ଭାରତକୁ ନେଇ ଆସିଲା ବଡ଼ ରିପୋର୍ଟ

**ନୂଆଦିଲ୍ଲୀ,୨୮।୩**

କରୋନା ଭୂତାଣୁ (କୋଭିଡ୍-୧୯) ସଂକ୍ରମଣ ରୋକିବା ଲାଗି ସରକାର ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ସାରା ଦେଶରେ ଲକ୍‌ଡାଉନ୍ କଟକଣା ଜାରି କରାଯାଇଛି। ଏହାସତ୍ତ୍ୱେ ମଧ୍ୟ ମୃତ୍ୟୁସଂଖ୍ୟା ୨୦ଛୁଇଁଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୯୦୦ ଟପିଲାଣି। ଏଭଳି ସ୍ଥିତିରେ ଭାରତରେ ସଂକ୍ରମଣ ନେଇ ଅନୁସନ୍ଧାନ କରିଥିବା ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟ ଏବଂ ସେଣ୍ଟର ଫର୍ ଡିଜିଜ୍ ଡାଇନାମିକ୍ସ, ଇକୋନୋମିକ୍ସ ଆଣ୍ଡ ପଲିସି (ସିଡିଡିଇପି)ର ରିପୋର୍ଟ ବେଶ୍ ଚିନ୍ତାଜନକ

### ସଙ୍ଗରୋଧ ଏକ ମାତ୍ର ବିକଳ୍ପ

ହୋଇଛି। ରିପୋର୍ଟ ଅନୁଯାୟୀ, ଭାରତରେ ସବୁଠାରୁ ଅଧିକ ଲୋକ ଏପ୍ରିଲରୁ ମେ' ମଧ୍ୟ ଭାଗରେ ସଂକ୍ରମିତ ହେବାର ସମ୍ଭାବନା ରହିଛି। ଜୁଲାଇ ଶେଷବେଳକୁ ଏହାର ପ୍ରଭାବ କମିବା ସହ ଅଗଷ୍ଟ ବେଳକୁ ପ୍ରାୟତଃ ଶେଷ ହୋଇଯିବ।




ହପ୍‌କିନ୍ସ ବିଶ୍ୱବିଦ୍ୟାଳୟ ଓ ସିଡିଡିଇପି ଦ୍ୱାରା ପ୍ରକାଶ ପାଇଥିବା ଗ୍ରାଫ୍।

ପ୍ରାୟତଃ ୨୫ଲକ୍ଷ ଲୋକ ଏଥିରେ ସଂକ୍ରମିତ ହୋଇପାରନ୍ତି ବୋଲି ସଂସ୍ଥା ପକ୍ଷରୁ ଏକ ଗ୍ରାଫ୍‌ରେ ଦର୍ଶାଯାଇଛି। ଆହୁରି ମଧ୍ୟ କୁହାଯାଇଛି ଯେ, ସଂକ୍ରମିତଙ୍କଠାରେ କରୋନାର ହାଲୁକା ଲକ୍ଷଣ ଥିବା ସମୟରେ ଏହା ଟେଷ୍ଟରେ ଜଣାପଡୁନାହିଁ। ତୀବ୍ର ହେବାପରେ ହିଁ ଏହା ସ୍ପଷ୍ଟ ଜଣାପଡୁଛି। ଏଭଳିସ୍ଥିତିରେ ବୟସ୍କମାନଙ୍କ ପାଇଁ ବିଶେଷକରି ସାମାଜିକ ସଙ୍ଗରୋଧର ଅଧିକ ଆବଶ୍ୟକ ରହିଛି। ଯେତେ ଅଧିକ ସାମାଜିକ ଦୂରତ୍ୱ ବଜାୟ ରହିବ ସେତେ ଅଧିକ ଏହା କବଳରୁ ରକ୍ଷା ପାଇପାରିବେ। ଏଥିରୁ ବଞ୍ଚିବାକୁ ସଙ୍ଗରୋଧ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ।

କରୋନା ସଂକ୍ରମିତଙ୍କୁ ଚିକିତ୍ସା କରିବାକୁ ଭାରତରେ ପ୍ରାୟ ୧୦ଲକ୍ଷ ଭେଣ୍ଟିଲେଟରର ଆବଶ୍ୟକତା ପଡ଼ିପାରେ। ମାତ୍ର ଏବେ ୩୦ରୁ ୫୦ ହଜାର ଭେଣ୍ଟିଲେଟର ମହଜୁଦ୍ ଅଛି। ଆମେରିକାରେ ୧.୬୦ଲକ୍ଷ ଭେଣ୍ଟିଲେଟର ଥାଇ ସୁଦ୍ଧା ତାହା ନିଅଣ୍ଟ ପଡୁଛି। ଚାଇନା ପରି ଭାରତକୁ ମଧ୍ୟ ତୁରନ୍ତ ସ୍ୱତନ୍ତ୍ର ମେଡିକାଲ ଓ କୋଭିଡ୍-୧୯ ଯାଞ୍ଚ ପ୍ରକ୍ରିୟା ତ୍ୱରିତ କରିବାକୁ ପଡିବ। ଯେତେ ଶୀଘ୍ର ରୋଗ ନିରୂପଣ ହେବ, ସେତେ ଅଧିକ ଜୀବନ ବଞ୍ଚିପାରିବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ଭାରତର ପ୍ରାଧିକୃତ ୱେବ୍‌ସାଇଟ୍ ତଥ୍ୟକୁ ଅନୁଧ୍ୟାନ କରି ଏହି ରିପୋର୍ଟ ପ୍ରକାଶ କରାଯାଇଥିବା କୁହାଯାଉଛି।

## ମଣିଷ ପଣିଆ ଦେଖାଇଲେ ଘର ମାଲିକ
## ଛାଡ଼ କଲେ ମାସକର ଭଡ଼ା

**ଭୁବନେଶ୍ୱର,୨୮।୩ (ବ୍ୟୁରୋ):** କରୋନା ପାଇଁ ସରକାର ସାରାଦେଶରେ ୨୧ ଦିନ ପାଇଁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ସମୟରେ ଘରୋଇ କମ୍ପାନୀ ଏବଂ ଅନ୍ୟ ସଂସ୍ଥାଗୁଡିକ ବନ୍ଦ ରହିଛି। ଏଭଳି ସ୍ଥିତିରେ କର୍ମଚାରୀଙ୍କ ଦରମା ମିଳିବା ଅସମ୍ଭବ ହୋଇପଡ଼ିଛି। କେମିତି ଚଳିବେ, ଘରଭଡ଼ା କିପରି ଦେବେ ତାକୁ ନେଇ ସେମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ମାନବିକତା ଦେଖାଇଛନ୍ତି ଭୁବନେଶ୍ୱର ପଳାଶୁଣୀର ଘର ମାଲିକ ଜିତୁ ଜେନା। ତାଙ୍କ ଘରେ ରହୁଥିବା ୧୦ଜଣଙ୍କର ସେ ୧ ମାସର ଭଡ଼ା ଛାଡ଼ କରି ଦେଇଛନ୍ତି। ଜେନା କହିଛନ୍ତି ଯେ, ଏଭଳି ସମୟରେ ସମସ୍ତେ ସାହାଯ୍ୟର ହାତ ବଢ଼ାନ୍ତୁ ଏବଂ ମାହାମାରୀ କରୋନାର ମୁକାବିଲା କରନ୍ତୁ। ଅନ୍ୟ ଘର ମାଲିକଙ୍କୁ ଘରଭଡ଼ା ଛାଡ଼ କରିବାକୁ ସେ ନିବେଦନ କରିଛନ୍ତି। ଜିତୁଙ୍କ ଏଭଳି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଛି। ସୂଚନାଯୋଗ୍ୟ, ନିକଟରେ ନୋଏଡା ଜିଲା ମାଜିଷ୍ଟ୍ରେଟ ଏକ ନିର୍ଦ୍ଦେଶନାମା ଜାରି କରି ମାସକର ଘରଭଡ଼ା ଛାଡ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେହି ଏହାକୁ ନ ମାନେ ତେବେ ଜରିମାନା ସହ ୨ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା କରିଛନ୍ତି।



ପୁରୀ ବଡ଼ଦାଣ୍ଡରେ ଶନିବାର କରୋନା ସଚେତନତା ରଥ ନେଇ ବୁଲୁଛନ୍ତି ବଲାଙ୍ଗୀର ରମେଶ ଚନ୍ଦ୍ର ପାତ୍ର।

## କରୋନା ଯୁଦ୍ଧରେ ଦିବ୍ୟାଙ୍ଗ ମହିଳା

**ଭୁବନେଶ୍ୱର,୨୮।୩ (ବ୍ୟୁରୋ)**

ଲକ୍‌ଡାଉନ୍ ଘୋଷଣା ହେବା ପରେ ରାଜଧାନୀର ବିଭିନ୍ନ ଛକରେ ୬ ହଜାର ୪ଶହ ପୋଲିସ କର୍ମଚାରୀ ନିଜର ସୁରକ୍ଷା କଥା ଚିନ୍ତା ନ କରି କାର୍ଯ୍ୟ କରୁଛନ୍ତି। କମିଶନରେଟ ପୋଲିସ ପକ୍ଷରୁ ୨ହଜାର ଛତା,ସାନିଟାଇଜର,ମାସ୍କ,ଗ୍ଲୋବ୍ସ ଆଦି ଯୋଗାଇ ଦିଆଯାଇଛି। ଅନେକ ସ୍ଥାନରେ ପୋଲିସ ଭୋକ ଓ ଶୋଷରେ କାର୍ଯ୍ୟ କରୁଛନ୍ତି। ତେଣୁ ସେମାନଙ୍କ ପାଇଁ ସହଯୋଗର ହାତ ବଢାଇଛନ୍ତି କେତେକ ସାମାଜିକ ସଂଗଠନ। ସେମାନେ ବିଭିନ୍ନ ଛକରେ କାର୍ଯ୍ୟ କରୁଥିବା ପୋଲିସ କର୍ମଚାରୀଙ୍କୁ ଖାଇବାକୁ ଦେବା ସହ ପାଣି ଦେଉଛନ୍ତି। ଏଭଳି ସ୍ଥିତିରେ ପୋଲିସଙ୍କ ପାଇଁ ଦେବଦୂତ ସାଜିଛନ୍ତି ଜଣେ ଦିବ୍ୟାଙ୍ଗ ମହିଳା। ତାଙ୍କର ବାମ ହାତ ଏବଂ ବାମ ଗୋଡ ନ ଥିଲେ ମଧ୍ୟ ସେ ବୁଲିବୁଲି ପୋଲିସ କର୍ମଚାରୀମାନଙ୍କୁ ପାଣି,ଥଣ୍ଡା ଏବଂ ଖାଦ୍ୟ ଯୋଗାଉଛନ୍ତି। ଦିବ୍ୟାଙ୍ଗ ମହିଳାଙ୍କ ଏଭଳି କାର୍ଯ୍ୟକୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପ୍ରଶଂସା କରିଛନ୍ତି। ମହିଳା ଜଣକ କହିଛନ୍ତି ଯେ,ମୋର ଗୋଟିଏ ଗୋଡ଼ ଏବଂ ଗୋଟିଏ ହାତ ନ ଥିଲେ ମଧ୍ୟ

### ପୋଲିସଙ୍କୁ ପାଣି, ଖାଦ୍ୟ ଯୋଗାଉଛନ୍ତି

ମୁଁ ମୋର ପୋଲିସ ଭାଇମାନଙ୍କୁ ଭୋକ ଏବଂ ଶୋଷରେ ରହିବାକୁ ଦେବି ନାହିଁ। ପୋଲିସ ମୋର ବାପ ଘର ହୋଇଥିବା ବେଳେ କ୍ୟାପିଟାଲ ହସ୍ପିଟାଲ ମୋର ଶାଶୁ ଘର ବୋଲି ସେ କହିଛନ୍ତି। ସରକାର ସମସ୍ତଙ୍କ ପାଇଁ ପ୍ୟାକେଜ ଘୋଷଣା କରୁଥିବା ବେଳେ ଏହି କରୋନା ଯୁଦ୍ଧରେ ଅସଲ ଯୋଦ୍ଧା ସାଜିଥିବା ପୋଲିସଙ୍କ ପାଇଁ କିଛି ବ୍ୟବସ୍ଥା ନ ଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

## ୧ଲକ୍ଷ ଦାନକଲେ ଅଭିନେତା ସବ୍ୟସାଚୀ

**ଭୁବନେଶ୍ୱର,୨୮।୩ (ବ୍ୟୁରୋ):** କରୋନା ସଂକ୍ରମଣ ରୋକିବାକୁ ଓଲିଉଡ୍ ଅଭିନେତା ଓ ଅଭିନେତ୍ରୀମାନେ ଅଣ୍ଟା ଭିଡିଛନ୍ତି। ଲୋକଙ୍କୁ ସଚେତନ କରିବା ସହ ଦାନ ମଧ୍ୟ କରୁଛନ୍ତି। ଶୁକ୍ରବାର ଅଭିନେତ୍ରୀ ରାନୀ ପଣ୍ଡା ୫୦ ହଜାର ଟଙ୍କା ଦାନ କରିଥିବାବେଳେ ଶନିବାର ଅଭିନେତା ସବ୍ୟସାଚୀ ମିଶ୍ର ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ୧ ଲକ୍ଷ ଟଙ୍କା ଦାନ କରିଛନ୍ତି। ସବ୍ୟସାଚୀ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ଗରିବ ଅସହାୟଙ୍କ ପାଇଁ ଆମର କିଛି କିଛି ଦାନ ଅର୍ଥ ବେଶ୍ ସହାୟକ ହେବ। ତେଣୁ ସମସ୍ତେ ସରକାରଙ୍କୁ ସହଯୋଗର ହାତ ବଢାନ୍ତୁ। ଲକ୍‌ଡାଉନ୍ ସମୟରେ କୌଣସି ଜରୁରୀ କାମ ନ ଥିଲେ ବାହାରକୁ ବାହାରନ୍ତୁ ନାହିଁ। ଯାଉଥିଲେ ଘରକୁ ଆସି ହାତ ଧୁଅନ୍ତୁ। କରୋନା ଭୂତାଣୁ ବିରୋଧରେ ଆମେ ସମସ୍ତେ ଘରେ ରହି ଲଢେଇ କରିବାକୁ ହେବ ବୋଲି ସବ୍ୟସାଚୀ କହିଛନ୍ତି।

## ୫ ଗ୍ୟାରେଜ୍ ଖୋଲା ରଖିବାକୁ ଅନୁମତି

**କଟକ ଅଫିସ,୨୮।୩:** ଲକ୍‌ଡାଉନ୍ ଯୋଗୁ କଟକ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଗ୍ୟାରେଜ ଗୁଡ଼ିକ ବନ୍ଦ ରହିଛି। ଫଳରେ ରାଜପଥରେ ଚଳାଚଳ କରୁଥିବା ମାଲ୍‌ବାହୀ ଗାଡ଼ିଗୁଡ଼ିକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ୫ଟି ଗ୍ୟାରେଜ୍‌କୁ ଖୋଲା ରଖିବାକୁ କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଅନୁମତି ଦିଆଯାଇଛି। ସେଗୁଡ଼ିକ ହେଲା ମଙ୍ଗୁଳିର ତୃପ୍ତି ଅଟୋମେଟିଭ୍, ରଶ୍ମି ମୋଟର୍ସ ଏବଂ କଲିକତା ଟାୟାର୍ ସର୍ଭିସ୍, ଫୁଲନଖରା ଆଦିତ୍ୟ ମହିନ୍ଦ୍ରା ଏବଂ ବିରୁପା କେନାଲ୍ ରୋଡ୍‌ସ୍ଥ ନରସିଂହ ଟେକ୍ନୋ ଇଞ୍ଜିନିୟରିଂ ସଲ୍ୟୁଶନ୍। ତେବେ ଗ୍ୟାରେଜ୍ ଖୋଲିବା ପାଇଁ କେତେକ ସର୍ତ୍ତ ରଖାଯାଇଛି। ଗାଇଡ୍‌ଲାଇନ୍ ଅନୁଯାୟୀ ଗ୍ୟାରେଜ୍‌ରେ ସାମାଜିକ ଦୂରତା ରକ୍ଷା କରିବା, ଭିଡ଼ ନ କରିବା, ଆସୁଥିବା ଡ୍ରାଇଭରମାନଙ୍କୁ ହାତ ଗୋଡ଼ ଧୋଇବାକୁ ପରାମର୍ଶ ଦେବା, କମ୍‌ସଂଖ୍ୟକ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବା, କେବଳ ମାଲ୍‌ବାହୀ ଗାଡ଼ିର ମରାମତି କରିବା, ସୋ ରୁମ୍ ଖୋଲା ନ ରଖିବା, କର୍ମଚାରୀମାନେ ବୈଧ ପରିଚୟପତ୍ର ପରିଧାନ କରିବାକୁ ସର୍ତ୍ତ ରଖାଯାଇଛି ବୋଲି କଟକ ଆର୍‌ଟିଓ ପକ୍ଷରୁ ସୂଚନା ମିଳିଛି।

## ରାମାୟଣ ଦେଖି ଖୁସି ହେଲେ ବରିଷ୍ଠ ନାଗରିକ



**ପୁରୀ ଅଫିସ,୨୮।୩:** ପରଦାକୁ ଫେରିଲା ପୌରାଣିକ ଧାରାବାହିକ ରାମାୟଣ। ଅଶୀ ଦଶକର ଏହି ଲୋକପ୍ରିୟ ଧାରାବାହିକ ଶନିବାରଠାରୁ ପୁଣି ପ୍ରସାରଣ ଆରମ୍ଭ ହୋଇଛି। ବର୍ତ୍ତମାନ କରୋନାକୁ ନେଇ ଦେଶରେ ଲକ୍‌ଡାଉନ ଘୋଷଣା ହୋଇଥିବାବେଳେ ଦର୍ଶକଙ୍କ ମଧ୍ୟରେ ଆଧାତ୍ମିକ ଭାବ ଜାଗ୍ରତ କରିବା ପାଇଁ ଦୂରଦର୍ଶନରେ ରାମାୟଣର ପୁନଃ ପ୍ରସାରଣ କରାଯାଇଛି। ଏହାକୁ ଦେଖି ଯୁବଗୋଷ୍ଠୀ ପିଲାଦିନ ସ୍ମୃତିକୁ ମନେ ପକାଇଛନ୍ତି । ସେହିପରି ଘରେ ବସି ସମୟ ବିତାଇବା ପାଇଁ ରାମାୟଣ ପ୍ରସାରଣକୁ ବରିଷ୍ଠ ନାଗରିକ ବେଶ୍ ପସନ୍ଦ କରିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ହୋପ୍ ଇଜ୍ ଲାଇଫ୍‌ର ୱେଲ୍‌ଡେଜ ହୋମ୍ ପରିସରରେ ଶନିବାର ସକାଳେ ବହୁ ବୃଦ୍ଧାବୃଦ୍ଧ ବସି ରାମାୟଣ ଦେଖି ଖୁସି ହୋଇଥିଲେ। ଜରାଶ୍ରମରେ ରହୁଥିବା ଗୀତାରାଣୀ ସାହୁ, ନକୁଳ ମହାରଣା, ଗୀତାଞ୍ଜଳି ମହାରଣା ପ୍ରମୁଖ ରାମାୟଣକୁ ଦେଖି ଦୁଇହାତ ଟେକି କରୋନା ଦାଉରୁ ରକ୍ଷା କର ବୋଲି ପ୍ରଭୁ ରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ସେହିପରି ଉତ୍କଳ ବାଳାଶ୍ରମରେ ପିଲାମାନେ ସାମାଜିକ ଦୂରତ୍ୱ ରକ୍ଷା କରି ତଳେ ବସି ରାମାୟଣ ଉପଭୋଗ କରିଥିଲେ।

## ରୁକୁଣା ରଥଯାତ୍ରା ବନ୍ଦ ହେଲେ ୧୨ବର୍ଷ ଅପେକ୍ଷା

**ପୁରୁଣା ଭୁବନେଶ୍ୱର,୨୮।୩ (ଡିଏନ୍‌ଏ):** ଆସନ୍ତା ୧ ତାରିଖରେ ହେବାକୁ ଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। କରୋନା କଟକଣା ଓ ଲକ୍‌ଡାଉନ୍ ପାଇଁ ଏଯାଏ ରଥ ନିର୍ମାଣ ଅଧା ହୋଇ ନାହିଁ। ଅନ୍ୟପକ୍ଷରେ ରଥଯାତ୍ରା ହେବ କି ନାହିଁ ସେନେଇ ପ୍ରଶାସନ ପକ୍ଷରୁ ସ୍ପଷ୍ଟ ହୋଇ ନ ଥିବାରୁ ଏବେ ସମସ୍ତେ ଦ୍ୱନ୍ଦ୍ୱରେ ରହିଛନ୍ତି। ଏ ନେଇ ଶନିବାର ଅପରାହ୍ନରେ ସର୍କିଟ ହାଉସ୍‌ରେ ବୈଠକ ପାଇଁ ସେବାୟତ ଓ ମନ୍ଦିର ପ୍ରଶାସନିକ ଅଧିକାରୀଙ୍କୁ ଡକାଯାଇଥିଲା। ପରେ କଳ୍ପନାସ୍ଥିତ ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ବସିଥିଲା। ଜିଲାପାଳ ସୀତାଂଶୁ ରାଉତ ପହଞ୍ଚି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କରୋନା ପାଇଁ ପ୍ରସ୍ତୁତ ୪୦ ଗାଇଡ୍‌ଲାଇନ୍ ପଢ଼ି ଶୁଣାଇଥିଲେ ମଧ୍ୟ ରଥଯାତ୍ରା ହେବ କି ନାହିଁ ସେ ସଂକ୍ରାନ୍ତରେ କିଛି କହି ନ ଥିଲେ। ଏହାକୁ ନେଇ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେବାୟତ ଲିଙ୍ଗରାଜ ପୂଜାପଣ୍ଡା କହିଛନ୍ତି, ଥରେ ରୁକୁଣା ରଥଯାତ୍ରା ବନ୍ଦ ହେଲେ, ବିଧି ମୁତାବକ ୧୨ବର୍ଷ ଅପେକ୍ଷା କରିବାକୁ ପଡିବ। ତ୍ରେତୟା ଯୁଗରୁ ରୁକୁଣା ରଥଯାତ୍ରାର ପରମ୍ପରା ରହିଛି। ତେଣୁ ରଥଯାତ୍ରା କିପରି ହୋଇପାରିବ ତାହା ବ୍ୟବସ୍ଥା କରାଯିବା ଜରୁରୀ। କରୋନା ଗାଇଡ୍‌ଲାଇନ ଅନୁସାରେ ଅଳ୍ପ କେତେଜଣ ସେବାୟତଙ୍କ ଦ୍ୱାରା ରୁକୁଣା ରଥଯାତ୍ରା ଓ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ କରାଗଲେ ପରମ୍ପରା ବଞ୍ଚି ରହିବ ବୋଲି ସେ କହିଛନ୍ତି।



## ଏମ୍‌କେସିଜିରେ ପୁଣି ୪ କରୋନା ସନ୍ଦିଗ୍ଧ

**ବ୍ରହ୍ମପୁର ଅଫିସ,୨୮।୩:** ସାରା ବିଶ୍ୱରେ କରୋନାକୁ ନେଇ ଏବେ ଆତଙ୍କ ଖେଳିଯାଇଛି। ଏହାକୁ ନେଇ ସମସ୍ତେ ଭୟଭୀତ ହୋଇ ରହିଛନ୍ତି। ଗଞ୍ଜାମ ଜିଲା ରମ୍ଭା ଓ କୋଦଳା ଅଞ୍ଚଳର ୪ କରୋନା ସନ୍ଦିଗ୍ଧ ଶନିବାର ଏମ୍‌କେସିଜିରେ ଭର୍ତ୍ତି ହୋଇଛନ୍ତି। ଶନିବାର ସନ୍ଦିଗ୍ଧମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଭୁବନେଶ୍ୱର ଆର୍‌ଏମ୍‌ଆରସିକୁ ପଠାଯାଇଛି ବୋଲି ଅଧୀକ୍ଷକ ଡା.ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ୪ ସନ୍ଦିଗ୍ଧଙ୍କ ମଧ୍ୟରୁ ଜଣେ ସଉଦି ଆରବରୁ ଫେରିଥିବା ବେଳେ ଅନ୍ୟ ୩ ଜଣ ସୁରଟରୁ ଆସିଥିବା ଜଣାପଡ଼ିଛି। ସନ୍ଦିଗ୍ଧମାନେ ଗତ ୧୨ରୁ ୧୫ ତାରିଖ ମଧ୍ୟରେ ଘରକୁ ଫେରିଥିଲେ। ଗତ କିଛିଦିନ ତଳେ ତାଙ୍କୁ ଥଣ୍ଡା, କାଶ ସହ ଭୀଷଣ ଜ୍ୱର ହୋଇଥିଲା। ଏଣୁ ଶନିବାର ମଧ୍ୟାହ୍ନରେ ୩ଜଣ ଓ ଅପରାହ୍ନ ୫ଟା ବେଳେ ଜଣେ ଏମ୍‌କେସିଜିରେ ଭର୍ତ୍ତି ହୋଇଛନ୍ତି। ସେହିପରି ଶୁକ୍ରବାର ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା କବିସୂର୍ଯ୍ୟନଗର ଅଞ୍ଚଳର ଜଣେ ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ଶନିବାର ରାତିରେ ମିଳିବ ବୋଲି ଅଧୀକ୍ଷକ ମିଶ୍ର କହିଛନ୍ତି।



ମୁଣ୍ଡରେ କରୋନା ଭୂତାଣୁ ଆକୃତିର ହେଲ୍‌ମେଟ୍ ପିନ୍ଧି ଚେନ୍ନାଇ ପୋଲିସ୍ ମୋଟରସାଇକେଲ ଆରୋହୀଙ୍କୁ ଭୂତାଣୁ ସଂକ୍ରମଣ ସମ୍ପର୍କରେ ସଚେତନ କରୁଛି।

## ଶ୍ରମିକ ଅଭାବରୁ ପିଆଜ ମଣ୍ଡି ବନ୍ଦ

**ମୁମ୍ବାଇ,୨୮।୩:** କରୋନା ଭୂତାଣୁର ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସାରା ଦେଶରେ ଏବେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଅତି ଜରୁରୀ ନ ଥିଲେ ବାହାରକୁ ବାହାରିବା ଉପରେ ଲାଗିଛି କଟକଣା। ଖାଦ୍ୟ ଏବଂ ଗ୍ରସେରୀ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦୋକନ ଖୋଲା ରହୁଥିବାରୁ ଗୋଟେପଟେ ଲୋକମାନେ ଖାଦ୍ୟସାମଗ୍ରୀ କିଣିବାକୁ ଦୋକାନଗୁଡ଼ିକରେ ଭିଡ଼ ଜମାଉଥିବାବେଳେ ଅନ୍ୟପଟେ ମଣ୍ଡିରେ ଗାଡ଼ି ଲୋଡ୍ କରିବା ପାଇଁ ଶ୍ରମିକ ମିଳୁନାହାନ୍ତି। ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି ମହାରାଷ୍ଟ୍ର ନାଶିକରେ ଥିବା ଏସିଆର ବଡ଼ ପିଆଜ ମଣ୍ଡିରେ। ନାଶିକ୍ ଲାସଲଗାଓଁରେ ଥିବା ପିଆଜ ମଣ୍ଡିଗୁଡିକ ୨୬ ତାରିଖରୁ ବନ୍ଦ ରହିଛି। ଟ୍ରକ୍ ଲୋଡ୍ କରିବାକୁ ଶ୍ରମିକ ମିଳୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। କରୋନା ମାଡରେ ପୂର୍ବରୁ ବଜାରରେ ପିଆଜ ଦର ଚଢ଼ା ରହିଛି। ଯଦି ଏପରି ଭାବେ ଆଉ କିଛିଦିନ ମଣ୍ଡି ବନ୍ଦ ରହେ ତେବେ ଏଠାରୁ ଆମଦାନୀ କରୁଥିବା ରାଜ୍ୟର ବଜାରରେ ପିଆଜ ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇବ। ଏପରି କି ବଜାରରେ ପିଆଜର କୃତ୍ରିମ ଅଭାବ ସୃଷ୍ଟି ହେବ ବୋଲି ବ୍ୟବସାୟୀ ମହଲରେ କୁହାଯାଉଛି। ବିନ୍‌ଚୁର ଏଗ୍ରିକଲ୍‌ଚର ମାର୍କେଟ ନିର୍ଦ୍ଦେଶକ ସୋମନାଥ ଶିରସାଠ କହିଛନ୍ତି ଯେ, ଲକ୍‌ଡାଉନ୍ ଯୋଗୁ



**କରୋନା ମାଡ଼**

ଶ୍ରମିକମାନେ କାମକୁ ଆସିପାରୁନାହାନ୍ତି। ପୋଲିସ ସେମାନଙ୍କୁ ଛାଡୁନାହିଁ। ଯେଉଁ ଟ୍ରକ୍ ପିଆଜ ନେଇ ବିଭିନ୍ନ ରାଜ୍ୟକୁ ଯାଇଥିଲେ ସେମାନେ ଆଉ ଫେରି ପାରୁନାହାନ୍ତି। ସରକାର ବଜାର ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏଭଳି ପରିସ୍ଥିତିରେ ଆମ ପାଖରେ କୌଣସି ବିକଳ୍ପ ନାହିଁ। ଚାଷୀମାନେ ଅମଳ ପରେ ୧୦ରୁ ୧୪ ଟଙ୍କା କେଜିରେ ପିଆଜ ବିକ୍ରି କରୁଥିଲେ। ମାତ୍ର ଏବେ ଗାଡି ଓ ଶ୍ରମିକ ମିଳୁ ନ ଥିବାରୁ ଏହା ବାହାରକୁ ଚାଲାଣ କରାଯାଇପାରୁନାହିଁ। ଫଳରେ ଚାଷୀ ମଧ୍ୟ ଅଭାବୀ ବିକ୍ରିର ଶିକାର ହେବେ। କିଛିଦିନ ମଧ୍ୟରେ ପିଆଜ ବ୍ୟବସାୟୀଙ୍କ ପାଇଁ ଏହା ଦ୍ୱିତୀୟ ବିପତ୍ତି। ୨ମାସ ତଳେ ବର୍ଷା ଯୋଗୁ ପିଆଜ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏବେ କରୋନା ମାଡ଼ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି।

ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ।
–ଶ୍ରୀମା



# ଭାରତରେ ଲକ୍‌ଡାଉନ୍ କାହିଁକି ?

ଆକାର ପଟେଲ

ଭାରତ କାହିଁକି ଲକ୍‌ଡାଉନରେ ରହିଛି? ଆମ ଅର୍ଥନୀତି ଅଟକିଯାଇଛି ଏବଂ ଉତ୍ପାଦନରେ କ୍ଷତି ଯୋଗୁ ମୋଟ ଘରୋଇ ଉତ୍ପାଦ ୫ ପ୍ରତିଶତରୁ ଅଧିକ ହ୍ରାସ ପାଇବାର ଆକଳନ କରାଯାଏ। ସ୍ପଷ୍ଟଭାବେ କୁହାଯାଇପାରେ ଯେ,ଆମେମାନେ ଘରେ ରହିବାର ଏକ ଭଲ ଓ ଦୃଢ କାରଣ ରହିଛି। ସେହି କାରଣଟି କ'ଣ ? ପ୍ରତିଷ୍ଠିତ ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟିର ସେଣ୍ଟର ଫର୍ ଡିଜିଜ୍ ଡାଇନାମିକ୍ସ,ଇକୋନୋମିକ୍ସ ଆଣ୍ଡ୍ ପଲିସି ଭାରତରେ କରୋନା ଭାଇରସ ସଂକ୍ରମଣର ଭବିଷ୍ୟତ ଉପରେ ଏକ ଅନୁଧ୍ୟାନଭିତ୍ତିକ ତଥ୍ୟ ପ୍ରକାଶ କରିଛି। ଏହା ଲକ୍‌ଡାଉନ୍‌ର ତିନୋଟି ସମ୍ଭାବ୍ୟ ସ୍ଥିତି (ଉଚ୍ଚ, ମଧ୍ୟମ ଓ ନିମ୍ନ) ଉପରେ ଅନୁଧ୍ୟାନ କରିଛି। ନିମ୍ନ ସ୍ଥିତିରେ କେନ୍ଦ୍ର ପୂର୍ବାନୁମାନ କରିଛି ଯେ, ଜୁନ ସୁଦ୍ଧା ମୋଟରେ ୧୨ କୋଟି ଭାରତୀୟ ସଂକ୍ରମିତ ହେବେ ଏବଂ ଏମାନଙ୍କ ମଧ୍ୟରୁ ୧୨ ଲକ୍ଷ ହସ୍ପିଟାଲରେ ରହିବେ। ତେବେ ଭାରତରେ କେବଳ ୭୦ ହଜାର ଆଇସିୟୁ ବେଡ୍ ଏବଂ ୪୦ ହଜାର ଭେଣ୍ଟିଲେଟ୍‌ର ରହିଛି। ଏଣୁ ଏମାନଙ୍କ ମଧ୍ୟରୁ ଅଧିକାଂଶ ଚିକିତ୍ସା ସେବାରୁ ବଞ୍ଚିତ ହେବେ। ମଧ୍ୟମ ସ୍ଥିତିରେ ଆକଳନ କରାଯାଇଛି ଯେ,୧୮ କୋଟି ଲୋକ ସଂକ୍ରମିତ ହେବେ ଓ ସେଥିମଧ୍ୟରୁ ୧୮ ଲକ୍ଷ ହସ୍ପିଟାଲରେ ରହିବାର ସମ୍ଭାବନା ରହିଛି ଏବଂ ଉଚ୍ଚ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ଆକଳନ କରାଯାଇଛି ଯେ, ୨୫ କୋଟି ଲୋକ ସଂକ୍ରମିତ ହେବେ ଓ ୨୫ଲକ୍ଷ ହସ୍ପିଟାଲରେ ରହିବେ । ଏହି ସଂଖ୍ୟକ ସଂକ୍ରମିତଙ୍କୁ ଆମେ ନିୟନ୍ତ୍ରଣ କରି ପାରିବା ନାହିଁ, ଏପରି କି ନିମ୍ନ ସ୍ଥିତିରେ ଥିବା ରୋଗୀଙ୍କୁ ମଧ୍ୟ। ସରକାର କ'ଣ ଏହି ସ୍ଥିତି ସହ ଏକମତ ? ଏହା ବି ଆମେ ଜାଣୁନା। ଏଣୁ ଏଠାରେ ପୁନର୍ବାର ପ୍ରଶ୍ନ ଉଠୁଛି, ଭାରତ କାହିଁକି ଲକ୍‌ଡାଉନ୍‌ରେ ରହିଛି? ଆମେ ୨୧ ଦିନ ପରେ ଏହି ରୋଗକୁ ପରାସ୍ତ କରିପାରିବା ବୋଲି ଯଦି ଏହାର ଉତ୍ତର ମନେକରୁଥିବା ତେବେ ଏହା କରିପାରିବା ନାହିଁ। ଏପରି କି ଚାଇନାରେ ଏହି ରୋଗ ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ଏହି ଲକ୍‌ଡାଉନ ରୋଗ ସଂକ୍ରମଣ ରୋକିବା ପାଇଁ ଯଦି କୁହାଯାଏ ଏହା ବି ପ୍ରଶ୍ନର ଠିକ୍ ଉତ୍ତର ନୁହେଁ, କାରଣ ଏହି ରୋଗ ସବୁଆଡେ ବ୍ୟାପିବାରେ ଲାଗିଛି।

ଲକ୍‌ଡାଉନର କେବଳ ଗୋଟିଏ ସାମ୍ଭବ୍ୟ କାରଣ ହେଉଛି , ଏହା ସଂକ୍ରମଣକୁ ଧୀମା କରିଦେବ। କିନ୍ତୁ ତା'ପରେ କ'ଣ ହେବ ? ଏହାର ଉତ୍ତର ଜଣା ନାହିଁ, କାରଣ ଲକ୍‌ଡାଉନକୁ ଛାଡିଦେଲେ ଆଉ କିଛି ଆଲୋଚନା କରାଯାଉନାହିଁ। ଅନ୍ୟଦେଶଗୁଡିକ ଏହି ରୋଗ ସଂକ୍ରମଣକୁ ଯେଉଁ ମାଧ୍ୟମରେ ପ୍ରତିରୋଧ କରିଛନ୍ତି ଭାରତ ସେହି ଉପାୟରେ କରିବାକୁ ଚହୁଁଥିବା ମନେହେଉଥିବା କାରଣରୁ ଦ୍ୱନ୍ଦ୍ୱ ବଢି ବଢି ଚାଲିଛି । ନ୍ୟୁୟର୍କ କରୋନାରେ ଭୟଙ୍କର ଭାବେ ପ୍ରଭାବିତ ହୋଇଛି ,ଏପରି କି ଇଂଲଣ୍ଡର ପ୍ରଧାନମନ୍ତ୍ରୀ ମଧ୍ୟ ଏଥିରେ ସଂକ୍ରମିତ ହୋଇଛନ୍ତି। ଏଣୁ ଭାରତରେ ଏବେ କ'ଣ ଚାଲିଛି? ତାହା ବୁଝିବା ପୂର୍ବରୁ ଆମେ ଜାଣିବା ଉଚିତ ଯେ,ଭାରତରେ କେତେ ଲୋକ ଏହାଦ୍ୱାରା ସଂକ୍ରମିତ ହୋଇଛନ୍ତି ସେ ସମ୍ପର୍କରେ ଆମର କିଛି ବି ଧାରଣା ନାହିଁ। ଏଯାବତ ଆମେରିକାରେ ୫.୫ ଲକ୍ଷ , ଜର୍ମାନୀରେ ୪.୫ ଲକ୍ଷ,କୋରିଆ ଓ ଇଟାଲୀରେ ୩.୫ ଲକ୍ଷ ଲୋକଙ୍କର ପରୀକ୍ଷା କରାଯାଇଛି। ଭାରତରେ ମାତ୍ର ୨୭ ,୦୦୦ ଲୋକଙ୍କର ଏହି ପରୀକ୍ଷା କରାଯାଇଛି। ଦିଲ୍ଲୀର ଲୋକସଂଖ୍ୟାଠାରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ଦେଶ ନେଦରଲାଣ୍ଡ ଯେତିକି ପରୀକ୍ଷା କରିଛି ଆମେ ସେତିକି କରିଛୁ। ନେଦରଲାଣ୍ଡରେ ୮ ହଜାର ପଜିଟିଭ କେସ୍ ମିଳିଛି ଯାହା ଭାରତଠାରୁ ୧୦ଗୁଣ ଅଧିକ।

ଏବେସୁଦ୍ଧା ଆନ୍ଧ୍ରପ୍ରଦେଶରେ କେବଳ ୩୮୪ ଜଣଙ୍କର ପରୀକ୍ଷା କରାଯାଇଛି। କିନ୍ତୁ ଆନ୍ଧ୍ରପ୍ରଦେଶ ଲୋକସଂଖ୍ୟାଠାରୁ କମ୍ ଥିବା ଦେଶ ସ୍ପେନ ୩.୫ ଲକ୍ଷ ଲୋକଙ୍କ ପରୀକ୍ଷା କରିଛି। ଏହି ତଥ୍ୟରୁ ଜଣାପଡୁଛି ଯେ, ଆମର ପ୍ରକୃତ ପଜିଟିଭ କେସ୍ ଲୁଚାଯାଇଛି ଏବଂ ଏହାର ସଂଖ୍ୟା କେତେ ତାହା ହିଁ ଏକମାତ୍ର ପ୍ରଶ୍ନ। ପୂରା ଦକ୍ଷିଣ ଏସିଆରେ କରୋନା ଭାଇରସ୍ ପଜିଟିଭ କେସ୍ କମ୍ ରହିଛି। ପାକିସ୍ତାନରେ ଅଧିକ କିନ୍ତୁ ଏହି ସଂଖ୍ୟା କେବଳ ୧୨୦୦। ଭାରତରେ ୮୦୦, ବାଂଲାଦେଶରେ ୪୦୦, ଶ୍ରୀଲଙ୍କାରେ ୧୦୬, ଭୁଟାନ ଓ ନେପାଳରେ ପ୍ରତ୍ୟେକ ୩ ଏବଂ ମାଳଦ୍ୱୀପରେ ୧୩ ଟି ପଜିଟିଭ କେସ୍ ମିଳିଛି। ଭାରତରେ କେତେକ ରାଜ୍ୟ ଅନ୍ୟ ରାଜ୍ୟ ଠାରୁ ବେଶି ପରୀକ୍ଷା କରିଛନ୍ତି। ଭାରତର ପଜିଟିଭ କେସ୍‌ରୁ ଅନେକ କେରଳରୁ ମିଳିଛି। କିନ୍ତୁ କେରଳ ଅନ୍ୟ ରାଜ୍ୟଗୁଡିକଠାରୁ ସର୍ବାଧିକ ପରୀକ୍ଷା କରିଛି। ୨୪ ମାର୍ଚ୍ଚ ସୁଦ୍ଧା ଏହା ୪୫୦୦ ଜଣଙ୍କ ପରୀକ୍ଷା କରିଥିଲା। କିନ୍ତୁ ସେହି ସମୟରେ ମହାରାଷ୍ଟ୍ର ଯାହାର ୨୪ଟି ଅଧିକ ପଜିଟିଭ କେସ୍ ଥିଲା ତାହା ୧୦୦୦ ଲୋକଙ୍କର ପରୀକ୍ଷା କରିଥିଲା। ଏହାର ମାନେ ନୁହେଁ ଯେ, କେରଳରେ ଅଧିକ ସଂକ୍ରମିତ ରହିଛନ୍ତି। କେବଳ ପରୀକ୍ଷା ଦ୍ୱାରା ଏହା ଅନ୍ୟ ରାଜ୍ୟଠାରୁ ଅଧିକ ପଜିଟିଭ କେସ୍ ଚିହ୍ନଟ କରିପାରିଛି।

ଏଣୁ ଆମେ କାହିଁକି ଅଧିକ ପରୀକ୍ଷା କରୁନାହୁଁ? ଓ୍ୱେ ପବ୍ଲିକେଶନ ସ୍କ୍ରୋଲ୍‌ରେ ଏକ ରିପୋର୍ଟ ଅନେକ ରାଜ୍ୟ ସରକାରଙ୍କୁ ଜଣାଇଦେଇଛି ଯେ, ଏହି ସମସ୍ୟା କିଟ୍ ଅଭାବର ନଥିଲା, ବରଂ ଅଭାବ ଥିଲା ପରୀକ୍ଷାଗାରର। ପରୀକ୍ଷା କରିବା ଲାଗି ଅନେକ ରାଜ୍ୟର ଗୋଟିଏ ବି ପରୀକ୍ଷାଗାର ନାହିଁ। ଉଦାହରଣ ସ୍ୱରୂପ, ନାଗାଲାଣ୍ଡରୁ ନମୁନାଗୁଡିକୁ ପରୀକ୍ଷା ପାଇଁ ଆସାମ ପଠାଯାଇଥାଏ। ଦ୍ୱିତୀୟ କାରଣଟି ଥିଲା ଲୋକମାନେ ଘରୋଇ ପରୀକ୍ଷାରୁ ଦୂରେଇଗଲେ। ଘରୋଇ ପରୀକ୍ଷାରେ ଜଡିତ ନର୍ସମାନେ ସୁରକ୍ଷିତ ପୋଷାକ ବା ଉପକରଣରେ ସେମାନଙ୍କ ଘରକୁ ହୁଏତ ଆସିବାକୁ ପଡିବ ବୋଲି ଅନୁଭବ କରିବା ପରେ ସେମାନେ ପରୀକ୍ଷାରୁ ଦୂରେଇ ଯାଇଥିଲେ। ଘରୋଇ ପରୀକ୍ଷା ପାଇଁ ଦେୟ ୪,୫୦୦ ଟଙ୍କା ଏବଂ ଏହା ମାଗଣା ନୁହେଁ ଓ ସେମାନଙ୍କୁ ଏହି ଦେୟ ଦେବାକୁ ପଡିବ ବୋଲି ଜାଣିବା ପରେ ଅନ୍ୟ ଲୋକମାନେ ମଧ୍ୟ ପରୀକ୍ଷାଠାରୁ ଦୂରେଇଗଲେ। ଅନେକ ପରୀକ୍ଷାଗାର ମଧ୍ୟ ଭାବନ୍ତି ଯେ,ଏତେ କମ୍ ଟଙ୍କାରେ ଏହା ସେମାନଙ୍କ ପାଇଁ ଅଧିକ କାମ । ଏହିସବୁ କାରଣଗୁଡିକ ଯୋଗୁ ପରୀକ୍ଷା ସଂଖ୍ୟା କମ୍ ହୋଇଛି ।

ଏହା ପରେ କ'ଣ ହେବ ? ଲକ୍‌ଡାଉନ କ'ଣ ପାଇଁ କରାଯାଇଛି ତାହା ଯଦି ଆମେ ଜାଣିପାରିବା ତେବେ ଏହାର ଉତ୍ତର ମିଳିପାରିବ। ଶେଷରେ ଲକ୍‌ଡାଉନର କିଛି ଦିନ ସୂଚାଇଦେଇଛି ଯେ, କୌଣସି ଯୋଜନା ନ ଥାଇ ଏହା ଆରମ୍ଭ କରାଯାଇଛି। ଏପରି କି ଏହାର ଆରମ୍ଭରୁ ସାରା ଭାରତରେ ଲକ୍ଷ ଲକ୍ଷ ଲୋକ ବିନା ପାଣି, ଖାଦ୍ୟ ଓ ଟଙ୍କାରେ ବୁଲୁଛନ୍ତି। ଯେତେବେଳ ରାଜ୍ୟକୁ ତା' କ୍ଷମତା ବାହାରେ ଲକ୍ଷ ଲକ୍ଷ ଏବଂ କୋଟି କୋଟି ସଂକ୍ରମିତଙ୍କ ଚିକିତ୍ସା ପାଇଁ କାର୍ଯ୍ୟ କରିବାର ଆବଶ୍ୟକତା ପଡିବ ସେତେବେଳେ କ'ଣ ହେବ ? ଏହା ଏକ କାଳ୍ପନିକ ପ୍ରଶ୍ନ ନୁହେଁ। ଖୁବ୍‌ଶୀଘ୍ର ଆମେ ଏହାର ଉତ୍ତର ଜାଣିପାରିବା।

Email:aakar.patel@gmail.com

# ୟେସ୍ ବ୍ୟାଙ୍କରେ ଶ୍ରୀମନ୍ଦିର ଜମା ଟଙ୍କା

ନଟବର ଖୁଣ୍ଟିଆ

ଭାରତ ୧୯୯୨ରେ ଉଦାରୀକରଣ ଅର୍ଥନୀତି ଗ୍ରହଣ କରିବା ପରେ ସରକାରୀ କ୍ଷେତ୍ର ବ୍ୟାଙ୍କ ପ୍ରତି ଗୁରୁତ୍ୱ ନ ଦେଇ ଘରୋଇ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଦିଆଗଲା। କୁହାଗଲା ଯେ, ବ୍ୟାଙ୍କିଙ୍ଗ ସେବା କ୍ଷେତ୍ରରେ ପ୍ରତିଯୋଗିତା ସୃଷ୍ଟିକରି ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବେ। ରିଜର୍ଭ ବ୍ୟାଙ୍କ ନୂଆ ଘରୋଇ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ଲାଇସେନ୍ସ ଦେବା ଆରମ୍ଭ କଲା। ଏହି ନୂଆ ଘରୋଇ ବ୍ୟାଙ୍କମାନଙ୍କୁ ନୂଆ ପିଢ଼ିର ଘରୋଇ ବ୍ୟାଙ୍କ କୁହାଗଲା। ନୂଆ ପିଢ଼ିର ଘରୋଇ ବ୍ୟାଙ୍କଗୁଡ଼ିକ ମଧ୍ୟରୁ ଅଗ୍ରଣୀ ବ୍ୟାଙ୍କଗୁଡ଼ିକ ହେଲେ ଆକ୍ସିସ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଇଣ୍ଡସ ଇଣ୍ଡ ବ୍ୟାଙ୍କ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଓ ୟେସ୍ ବ୍ୟାଙ୍କ। ଏହି ବ୍ୟାଙ୍କଗୁଡ଼ିକ ରିଜର୍ଭ ବ୍ୟାଙ୍କର ମାନ୍ୟତାପ୍ରାପ୍ତ ତଫସିଲଭୁକ୍ତ ବାଣିଜ୍ୟିକ ବ୍ୟାଙ୍କ।

ୟେସ୍ ବ୍ୟାଙ୍କ ୨୦୦୪ରେ ରାଣା କପୁରଙ୍କ ମୁଖ୍ୟ ଭାଗୀଦାରରେ ପ୍ରତିଷ୍ଠା ହୋଇଥିଲା। ସେ ମୂଳରୁ ଏହାର କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ। ୟେସ୍ ବ୍ୟାଙ୍କକୁ ଏକ ବିଶ୍ୱ ସ୍ତରୀୟ ବ୍ୟାଙ୍କରେ ପରିଣତ କରିବାର ସ୍ୱପ୍ନ ଦେଖି ରାଣା କପୁର ୟେସ୍ ବ୍ୟାଙ୍କ ପରିଚାଳନା କ୍ଷେତ୍ରରେ ଅନେକ ଆକ୍ରମଣାତ୍ମକ ନୀତି ଅନୁସରଣ କରି ରାତାରାତି ବଡ଼ଲୋକ ହେବାର ସ୍ୱପ୍ନ ଦେଖିଲେ। ରିଜର୍ଭ ବ୍ୟାଙ୍କର ବ୍ୟାଙ୍କିଙ୍ଗ୍ ରେଗୁଲେଶନ ଆକ୍ଟର ଗଳିବାଟ ଦେଇ ସେ ଏପରି ସବୁ ପରିଚାଳନା ନୀତିକୁ ଆପଣେଇଲେ ଯେ, ଯେପରି ଜମାକାରୀମାନେ ୟେସ୍ ବ୍ୟାଙ୍କରେ ଟଙ୍କା ଜମା କରିବାକୁ ଆଗଭର ହେବେ। ୧୯୯୨ ପୂର୍ବରୁ ରିଜର୍ଭ ବ୍ୟାଙ୍କ ଯାହା ଜମା ଓ ଋଣ ସୁଧହାର ନିର୍ଣ୍ଣୟ କରୁଥିଲେ, ବ୍ୟାଙ୍କମାନେ ଠିକ୍ ସେହି ହାରରେ ଜମା ସଂଗ୍ରହ କରୁଥିଲେ ଓ ଋଣ ଦେଉଥିଲେ। କିନ୍ତୁ ଉଦାରୀକରଣ ପରେ ନିୟମ ବଦଳିଗଲା। ଜମା ଓ ଋଣ ସୁଧହାର ନିର୍ଣ୍ଣୟ କରିବା ବ୍ୟାଙ୍କର ପରିଚାଳନା ବୋର୍ଡ ହାତରେ ଛାଡ଼ି ଦିଆଗଲା। ଅବଶ୍ୟ ମୋଟାମୋଟି ଭାବରେ କେତେକ ନୀତି ସୁଧ ନିର୍ଣ୍ଣୟ କରିବାରେ ଧାର୍ଯ୍ୟ କରାଗଲା। ତାହାରି ମଧ୍ୟରେ ୟେସ୍ ବ୍ୟାଙ୍କ ସରକାରୀ କ୍ଷେତ୍ର ବ୍ୟାଙ୍କର ଉଭୟ ମିଆଦୀ ଜମା ଓ ସେଭିଙ୍ଗସ୍ ବ୍ୟାଙ୍କ ଆକାଉଣ୍ଟ ସୁଧ ତୁଳନାରେ ଅଧିକ ସୁଧ ଦେଲା, ଯାହାଫଳରେ ଜମାକାରୀମାନେ ଅଧିକ ସୁଧ ପାଇଁ ୟେସ୍ ବ୍ୟାଙ୍କରେ ଜମା କରିବାକୁ ଆଗଭର ହେଲେ ।

ୟେସ୍ ବ୍ୟାଙ୍କର ଜମା ହୁ ହୁ ହୋଇ ବୃଦ୍ଧି ପାଇବାରୁ ଅଳ୍ପଦିନ ମଧ୍ୟରେ ଏହି ବ୍ୟାଙ୍କ ବ୍ୟବସାୟ କ୍ଷେତ୍ରରେ ପଞ୍ଚମ ସ୍ଥାନ ଅଧିକାର କଲା। ଏହାର ଋଣ ପରିମାଣ ୨.୫ ଲକ୍ଷ କୋଟି ଟଙ୍କା ଛୁଇଁଲା। ଶେୟାର ବଜାରରେ ଶେୟାରର ମୂଲ୍ୟ ଆଶାତୀତ ବୃଦ୍ଧି ପାଇଲା। ରାଣା କପୁର ଅଳ୍ପଦିନ ମଧ୍ୟରେ ଅରବପତି ହୋଇଗଲେ। ବ୍ୟାଙ୍କ ମୁଖ୍ୟତଃ ଅଣ-ବ୍ୟାଙ୍କିଙ୍ଗ୍ ଅର୍ଥନୈତିକ ସଂସ୍ଥା, ରିଏଲ ଇଷ୍ଟେଟ୍, ନିର୍ମାଣ କ୍ଷେତ୍ରରେ ଅଧିକ ଅଭିବୃଦ୍ଧି ଆଶାନୁରୂପ ନ ହେବାରୁ ଏହି କ୍ଷେତ୍ରରେ ଦିଆଯାଇଥିବା ଋଣର ପରିଶୋଧ ଠିକ୍ ସମୟରେ ହେଲା ନାହିଁ। ୟେସ୍ ବ୍ୟାଙ୍କର ଅଣଉପାର୍ଜନକାରୀ ସମ୍ପତ୍ତି ଯାହାକୁ ଏନ୍‌ପିଏ କୁହାଯାଏ ତାହା ବୃଦ୍ଧି ପାଇଲା। ଏହି ଏନ୍‌ପିଏ ହୋଇଗଲା ୪୩,୦୦୦ କୋଟିରୁ ଊର୍ଦ୍ଧ୍ୱ। ଏହା ଜଣାପଡ଼ିବା ପରେ ଶେୟାର ବଜାରରେ ୟେସ୍ ବ୍ୟାଙ୍କର ଶେୟାର ମୂଲ୍ୟ ଅସମ୍ଭବ ଭାବରେ ହ୍ରାସ ପାଇଲା। ୨୦୧୯ ଜାନୁୟାରୀ ମାସରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ପଦରୁ ରାଣାଙ୍କୁ ବହିଷ୍କାର କରାଗଲା। ପରେ ଜଣାପଡ଼ିଲାଣି ଯେ, ରାଣା ଅତି କୋହଳ ନୀତିରେ କେତେକ କମ୍ପାନୀକୁ ଋଣ ଦେଇ କିକ୍ ବ୍ୟାକ୍ ପାଇଛନ୍ତି। ନିଜ ସ୍ତ୍ରୀ ଓ କନ୍ୟାଙ୍କ ନାମରେ ଋଣ ବେନିୟମ ଭାବରେ ନେଇଛନ୍ତି। ଏବେ ତାଙ୍କ ନାମରେ ଅନେକ ଅଭିଯୋଗ। ସେ ଗିରଫ ହୋଇ ଇଡିଙ୍କ ଜେରାର ସମ୍ମୁଖୀନ ହେଉଛନ୍ତି।

ପରିଶେଷରେ ୨୦୨୦ ମାର୍ଚ୍ଚ ୫ ତାରିଖରେ ରିଜର୍ଭ ବ୍ୟାଙ୍କ ୟେସ୍ ବ୍ୟାଙ୍କର ଏପରି ଆର୍ଥିକ ସ୍ଥିତି ଦେଖି ପ୍ରଥମେ ୩୦ ଦିନ ପାଇଁ ଗ୍ରାହକମାନଙ୍କର ଅଧିକାର (ମୋରାଟୋରିୟମ୍) ଛିନ୍ନ କରିଥିଲେ। କୌଣସି ଗ୍ରାହକ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ନଗଦ ବ୍ୟାଙ୍କରୁ ଉଠାଇପାରିବେ ନାହିଁ। ସର୍ବତ୍ର ହାହାକାର ସୃଷ୍ଟି ହେଲା। ଅବଶ୍ୟ ରିଜର୍ଭ ବ୍ୟାଙ୍କ ଓ ବିତ୍ତମନ୍ତ୍ରୀ ପ୍ରତିଶ୍ରୁତି ଦେଇ କହିଲେ, ଅପ୍ରିଲ ୩ ତାରିଖ ସୁଦ୍ଧା ଏସବୁ ଅଧିକାର ଗ୍ରାହକମାନେ ଫେରିପାଇବେ। ଏତେ ବଡ଼ ଘରୋଇ ବ୍ୟାଙ୍କର ଏପରି ସ୍ଥିତି ଦେଖିଲେ ଜମାକାରୀ ଓ ଜନସାଧାରଣଙ୍କର ବ୍ୟାଙ୍କ ବ୍ୟବସ୍ଥା ଉପରୁ ଆସ୍ଥା ତୁଟିଯିବା ଭୟରେ ସରକାର ରିଜର୍ଭ ବ୍ୟାଙ୍କ ସହଯୋଗରେ ୟେସ୍ ବ୍ୟାଙ୍କକୁ ରକ୍ଷା କରିବାକୁ ଉଦ୍ୟମ କଲେ। ମାର୍ଚ୍ଚ ୧୯ ତାରିଖରୁ ୟେସ୍ ବ୍ୟାଙ୍କର ବ୍ୟବସାୟ ପୂର୍ବପରି ଆରମ୍ଭ ହୋଇଛି। କିନ୍ତୁ ଭବିଷ୍ୟତ କହିବ ୟେସ୍ ବ୍ୟାଙ୍କ କ'ଣ ତା'ର ପୂର୍ବ ସ୍ଥିତି ଫେରିପାଇବ ?

ୟେସ୍ ବ୍ୟାଙ୍କର ଏହି ସ୍ଥିତି ଦେଖି ଓଡ଼ିଶାର ସାଧାରଣ ଜନତା, ଜମାକାରୀ, ରାଜନୈତିକ ଦଳମାନଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିରର ୫୪୫ କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ମିଆଦୀ ଜମା ରୂପେ ଜମା ହୋଇଥିଲା। ମୋରାଟୋରିୟମ ଘୋଷଣା ପରେ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ଟଙ୍କା ଉଠାଇବାକୁ ଲଗାରୁ ଆଇନ ଅନୁଯାୟୀ ଟଙ୍କା ଉଠାଯାଇପାରିବ ନାହିଁ ବୋଲି ଜାଣିଲା ପରେ ଚର୍ଚ୍ଚା ଚାଲିଲା। ରାଜ୍ୟ ଅର୍ଥମନ୍ତ୍ରୀ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଚିଠି ଲେଖିଲେ ଟଙ୍କା ଫେରିପାଇବା ପାଇଁ। ଅର୍ଥସଚିବ ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କୁ ମଧ୍ୟ ଚିଠି ଲେଖିଲେ। ରାଜ୍ୟ ବିଧାନସଭାରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ ହେଲା ଗଭର୍ନରଙ୍କୁ ଭେଟି ମନ୍ଦିର ଜମା ଟଙ୍କା ଫେରି ପାଇବା ପାଇଁ ଚାପ ସୃଷ୍ଟି କରିବାକୁ। ମୋରାଟୋରିୟମ ନ ଉଠିଥିଲେ ଯେତେ ଯାହା ଚିଠି ଲେଖିଲେ ବି ଜମା ଟଙ୍କା ମିଳି ନ ଥାନ୍ତା। ଯାହାହେଉ ମାର୍ଚ୍ଚ ୧୮ ତାରିଖରେ ମୋରାଟୋରିୟମ ଉଠିଗଲା ଆଉ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ଗତ ୧୯ ତାରିଖରେ ୩୮୯ କୋଟି ଟଙ୍କାର ମିଆଦୀ ଜମା ସୁଧ ସହ ଫେରିପାଇଲେ। ଆଉ ୧୫୬ କୋଟି ଟଙ୍କା ଦେଲେ ନାହିଁ, ଯେହେତୁ ଜମାର ମିଆଦ ପୂର୍ଣ୍ଣ ହୋଇ ନ ଥିଲା। ସାଧାରଣତଃ ମିଆଦ ପୂର୍ଣ୍ଣ ନ ହେଲେ ବି ଜମାକାରୀ ଜମା ଉଠାଇ ପାରିବ କିନ୍ତୁ ୧ ପ୍ରତିଶତ ସୁଧ ହରାଇବାକୁ ପଡ଼ିବ। ତାହା ବି ହେଲା ନାହିଁ, ତାହା ମିଳିବ ମାର୍ଚ୍ଚ ୩୦ ତାରିଖରେ। ଉପରୋକ୍ତ ସ୍ଥିତିରେ ଆସନ୍ତୁ ଆଲୋଚନା କରିବା ୟେସ୍ ବ୍ୟାଙ୍କରେ ଶ୍ରୀମନ୍ଦିରର ଜମା ରଖିବାର ଯଥାର୍ଥତା କେତେଦୂର ଗ୍ରହଣଯୋଗ୍ୟ।

ପ୍ରଥମ କଥା ହେଲା ମନ୍ଦିରର ପାଣ୍ଠି ଜମା କରି ସୁଧ ଆଦାୟ କରିବା ମୁଖ୍ୟ ଲକ୍ଷ୍ୟ ନୁହେଁ। ଶ୍ରୀମନ୍ଦିର ଟେମ୍ପଲ ଆକ୍ଟ ୧୯୫୫ର ଧାରା ୨୮ସି (୩)ରେ କୁହାଯାଇଛି ଯେ, ଶ୍ରୀଜଗନ୍ନାଥ ଟେମ୍ପଲ ଫାଉଣ୍ଡେଶନ ଫଣ୍ଡ ଦୀର୍ଘକାଳୀନ ମିଆଦୀ ଜମାରେ ବ୍ୟାଙ୍କରେ ନିବେଶ କରାଯିବ, ଯେଉଁ ବ୍ୟାଙ୍କକୁ ରାଜ୍ୟ ସରକାର ମଞ୍ଜୁର କରିବେ। ଏଠି ସ୍ୱତଃ ପ୍ରଶ୍ନ ଉଠେ ତାହାହେଲେ ୟେସ୍ ବ୍ୟାଙ୍କରେ ଟଙ୍କା ଜମା ପାଇଁ କ'ଣ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ଯଦି ହଁ, ତେବେ କିଏ ସେ ଅଧିକୃତ ଅଧିକାରୀ– ଯଦି ନା, ତେବେ ଏହା କିପରି ସମ୍ଭବ ହେଲା ୫୪୫ କୋଟି ଟଙ୍କା ଏକ ଘରୋଇ ବ୍ୟାଙ୍କରେ ଜମା କରିବା ପାଇଁ ? ଏହାର ତଦନ୍ତ ହୋଇ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବା ଆବଶ୍ୟକ।

ଏଠି ଗୋଟିଏ ପ୍ରଶ୍ନ ଶ୍ରୀଜଗନ୍ନାଥଙ୍କ ପାଣ୍ଠି ସର୍ବସାଧାରଣଙ୍କ ଦାନ ଅବା ସରକାରୀ ଅନୁଦାନରୁ ସୃଷ୍ଟି। ଏହି ପାଣ୍ଠିରୁ ଅଧିକ ସୁଧ ଆଦାୟ କରି ଆୟ ବୃଦ୍ଧି କରିବା ପାଇଁ ନୁହେଁ। ଆଇନ ଅନୁସାରେ ଏହି ଅର୍ଥ ମନ୍ଦିରର ବିକାଶ, ସେବାୟତଙ୍କୁ ସାହାଯ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ସଂପ୍ରସାରଣ ପାଇଁ ବ୍ୟୟ ହେବା ଉଦ୍ଦିଷ୍ଟ। ଏପରି ନିର୍ଦ୍ଦେଶ ସତ୍ତ୍ୱେ ୟେସ୍ ବ୍ୟାଙ୍କ ଅଧିକ ସୁଧ ଦେଉଛି ବୋଲି ସମସ୍ତ ଟଙ୍କା ଏକ ଘରୋଇ ବ୍ୟାଙ୍କରେ ରଖିବା କେତେଦୂର ଗ୍ରହଣୀୟ। ଯେଉଁଠି ପାଣ୍ଠି ସୁରକ୍ଷିତ ରହିବ ଏବଂ ଆବଶ୍ୟକ ବେଳେ ଉଠାଇ ଆଣି ହେବ ସେଠି ଜମା କରାଯିବା ଉଚିତ ନୁହେଁ କି ? ବର୍ଷକ ତଳୁ ୟେସ୍ ବ୍ୟାଙ୍କର ସ୍ଥିତି ସଙ୍କଟଜନକ ବୋଲି ଜାଣିବା ପରେ କିପରି ଗତ ୨୦୧୯ ମାର୍ଚ୍ଚ ମାସରେ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ଏତେଗୁଡ଼ାଏ ଟଙ୍କା ୟେସ୍ ବ୍ୟାଙ୍କରେ ଜମା କଲେ ? ମିଆଦୀ ପୂରିବା ପୂର୍ବରୁ ୧ ପ୍ରତିଶତ ସୁଧ କମ୍‌ରେ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ୫୪୫ କୋଟି ଟଙ୍କା ଉଠାଇ ଆଣିଲେ ନାହିଁ କାହିଁକି ? ଏହିସବୁ ପ୍ରଶ୍ନ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ୟେସ୍ ବ୍ୟାଙ୍କରୁ ଟଙ୍କା ପାଇବା ପରେ ସାମାନ୍ୟ କେତେ ଅଧିକ ସୁଧ ଏକ ନିର୍ଦ୍ଦିଷ୍ଟ ସରକାରୀ କ୍ଷେତ୍ର ବ୍ୟାଙ୍କରୁ ପାଇବାରୁ ସେଠି ସମସ୍ତ ଟଙ୍କା ରଖିବେ। ସାମାନ୍ୟ ସୁଧ କମ୍ ପାଇଲେ ବି ବିଭିନ୍ନ ସରକାରୀ କ୍ଷେତ୍ର ବ୍ୟାଙ୍କରେ ଭାଗ ଭାଗ କରି ରଖିବେ ନାହିଁ କାହିଁକି ? ଏହି ଲେଖା ପ୍ରସ୍ତୁତ କଲାବେଳେ ଗଣମାଧ୍ୟମରୁ ଜଣାଗଲା ଯେ, କୁଆଡ଼େ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ସେହି ନିଷ୍ପତ୍ତିକୁ ସ୍ଥଗିତ କରିଛନ୍ତି।

ଉପରୋକ୍ତ ସ୍ଥିତିରେ ରାଜ୍ୟ ବିଧାନସଭାର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ କେଉଁ ବ୍ୟାଙ୍କରେ କେତେ ଟଙ୍କା ରଖିଛନ୍ତି ତାହାର ଅନୁସନ୍ଧାନ ହେଉ ଏବଂ ସରକାରୀ କ୍ଷେତ୍ର ବ୍ୟାଙ୍କରେ ଜମା ନ ରଖି ଘରୋଇ ବ୍ୟାଙ୍କରେ ଜମା ରଖିବାର ଯଥାର୍ଥତା କ'ଣ ତାହା ଜାଣନ୍ତୁ। ସରକାରଙ୍କର ଯଦି ସରକାରୀ କ୍ଷେତ୍ର ବ୍ୟାଙ୍କ ପ୍ରତି ବିଶ୍ୱାସ ନ ରହିବ, ତେବେ ସରକାରୀ କ୍ଷେତ୍ର ବ୍ୟାଙ୍କ ରହିବାର ଯଥାର୍ଥତା କାହିଁ ?

ପୂର୍ବତନ ବରିଷ୍ଠ ବ୍ୟାଙ୍କ ଅଧିକାରୀ
ଏ୫୦୨, ମୋତି ବ୍ଲକ୍, ତୋଷାଳୀ ଆପାର୍ଟମେଣ୍ଟ, ସତ୍ୟନଗର, ଭୁବନେଶ୍ୱର, ମୋ:୯୯୩୭୯୫୧୨୬୨

# ପ୍ରେରଣାଦାୟୀ ପର୍ବତାରୋହୀ

ବ୍ୟକ୍ତିତ୍ୱ

ସତ୍ୟରୂପ ସିଦ୍ଧାନ୍ତ

ଇନ୍‌ହେଲର ବା ଆଘ୍ରାଣ ପାଇଁ ଔଷଧୀୟ ବାଷ୍ପ ଛାଡୁଥିବା ଉପକରଣ ନ ହେଲେ ୧୦୦ ମିଟର ଦୌଡ଼ିବା ତାଙ୍କ ସକାଶେ ଅତି କଷ୍ଟକର କାର୍ଯ୍ୟ ଥିଲା। ଶ୍ୱାସରୋଗରୁ ମୁକ୍ତି ପାଇବା ସହ ଏକ ସୁସ୍ଥ ଜୀବନ ଜିଇଁବା ପାଇଁ ସେ ପ୍ରତିଜ୍ଞା କରିଥିଲେ। ଦୁଃସାହସିକ ଯାତ୍ରା ତାଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିବ ଚିନ୍ତା କରି ସେ ୭ ବର୍ଷ ଧରି କଷ୍ଟକର ଅଭ୍ୟାସ ଆରମ୍ଭ କଲେ। କଠୋର ପରିଶ୍ରମ ତାଙ୍କ ମନୋବଳକୁ ଦୃଢ଼ କରିବା ପରେ ସେ ୨୦୦୮ରେ ପ୍ରଥମ ଥର ପାଇଁ ବିନା ଇନ୍‌ହେଲରରେ ପର୍ବତାରୋହଣ ଭଳି କଷ୍ଟକର ପଥକୁ ବାଛି ନେଲେ। ସେବେଠାରୁ ଯେଉଁ ଯୁବକ ଭାରତୀୟ ଯୁବବର୍ଗଙ୍କ ପାଇଁ ରୋଲ୍ ମଡେଲ ପାଲଟି ପାରିଛନ୍ତି, ସେ ହେଉଛନ୍ତି ସତ୍ୟରୂପ ସିଦ୍ଧାନ୍ତ। ବିଶ୍ୱର ଶ୍ରେଷ୍ଠ ୭ ଭୋଲ୍‌କାନିକ୍ ସମିଟ୍ ବା ୭ ମହାଦେଶର ଆଗ୍ନେୟଗିରି ପ୍ରସୂତ ଶୃଙ୍ଗ ଚଢ଼ିବାରେ ସେ ପ୍ରଥମ ଭାରତୀୟ ପର୍ବତାରୋହୀ ହୋଇପାରିଛନ୍ତି। ଏଥିସହିତ ଉଭୟ ୭ ସମିଟ୍ ଓ ୭ ଭୋଲକାନିକ୍ ସମିଟ୍ ଉପରେ ନିଜର ବିଜୟ ଧ୍ୱଜା ଉଡ଼ାଇବାରେ ସତ୍ୟରୂପ ବିଶ୍ୱର ସର୍ବକନିଷ୍ଠ ପର୍ବତାରୋହୀ ପାଲଟି ଯାଇଥିବାରୁ ତାଙ୍କୁ ନିକଟରେ 'ଲିମ୍‌କା ବୁକ୍ ଅଫ୍ ରେକର୍ଡସ' ମାନ୍ୟତା ମିଳିଛି। ଫଳରେ ତାଙ୍କ ବ୍ୟକ୍ତିତ୍ୱ ଏବେ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି।

ସତ୍ୟରୂପ ୨୯ ଏପ୍ରିଲ ୧୯୮୩ରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିଲାଦିନ ବେରହାମ୍‌ପୁର (ଏବେ ବାହାରାମ୍‌ପୁର)ରେ କଟିଥିଲା ଓ ସେ ସେଠାକାର ମେରୀ ଇମାକ୍ୟୁଲେଟ୍ ସ୍କୁଲରେ ପାଠ ପଢ଼ିଥିଲେ। ଏହା ପରେ ସିକ୍କିମ୍‌ସ୍ଥିତ ସିକ୍କିମ୍ ମଣିପାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲଜିରୁ ବି.ଟେକ୍ କରିଥିଲେ। ୨୦୦୫ରେ ବେଙ୍ଗାଲୁରୁରେ ଜଣେ ସଫ୍ଟୱେର ଇଞ୍ଜିନିୟର ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ସେହି ସମୟରେ ପର୍ବତାରୋହଣ ପ୍ରତି ମନ ବଳାଇ ସେ ୨୦୦୮ରୁ ବାଙ୍ଗାଲୋର ମାଉଣ୍ଟେନିୟରିଂ କ୍ଲବର ସଦସ୍ୟ ରହିଆସିଛନ୍ତି। ଉତ୍ତମ ପ୍ରଶିକ୍ଷଣ ପାଇବା ପରେ ବିଶ୍ୱର ଶ୍ରେଷ୍ଠ ଶୃଙ୍ଗରେ ପହଞ୍ଚିବାରେ ସତ୍ୟରୂପ ଦୁର୍ବାର ପ୍ରୟାସ କରିଥିଲେ। ୨୯ ଜୁନ୍ ୨୦୧୨ରେ ସେ ପ୍ରଥମେ ଆଫ୍ରିକାର ମାଉଣ୍ଟ କିଲିମାଞ୍ଜାରୋ ଶିଖରରେ ପହଞ୍ଚିଥିଲେ। ତା' ପରେ ୨୭ ଜୁନ୍ ୨୦୧୩ରେ ୟୁରୋପ ମହାଦେଶର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁସ୍, ୧୩ ଜାନୁୟାରୀ ୨୦୧୪ରେ ଦକ୍ଷିଣ ଆମେରିକାର ମାଉଣ୍ଟ ଏକୋନ୍‌କାଗୁଆ, ୨୩ ଜୁନ୍ ୨୦୧୪ରେ ଉତ୍ତର ଆମେରିକାର ମାଉଣ୍ଟ ଡେନାଲି, ୧୨ ଜୁନ୍ ୨୦୧୫ରେ ଅଷ୍ଟ୍ରେଲିଆର ମାଉଣ୍ଟ କୋସିସ୍‌ଜୋକୋ, ୨୧ ମେ ୨୦୧୬ରେ ପୃଥିବୀର ଶ୍ରେଷ୍ଠ ଗିରିଶୃଙ୍ଗ ଏସିଆ ମହାଦେଶର ମାଉଣ୍ଟ ଏଭରେଷ୍ଟ, ୧୩ ଜୁନ୍ ୨୦୧୭ରେ ଇଣ୍ଡୋନେସିଆର କାର୍ଷ୍ଟେଞ୍ଜ ପିରାମିଡ୍ ଏବଂ ସେହିବର୍ଷ ୧୫ ଡିସେମ୍ବରରେ ଆଣ୍ଟାର୍କଟିକାର ଭିନ୍‌ସନ୍ ମାସିଫ୍‌ରେ ପହଞ୍ଚିବାରେ ସତ୍ୟରୂପ ରେକର୍ଡ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଏହି ୮ଟି ଶୃଙ୍ଗ ସେଭେନ୍ ହାଏଷ୍ଟ ସମିଟ୍ ମଧ୍ୟରେ ଗଣାଯାଇଥାଏ। ସତ୍ୟରୂପଙ୍କ ବିଜୟ ଯାତ୍ରା ଏତିକିରେ ଅଟକିଯାଇ ନ ଥିଲା। ସେ ନୂଆ ରେକର୍ଡ କରିବାକୁ ଯାଇ ୭ ଭୋଲ୍‌କାନିକ୍ ସମିଟ୍‌ରେ ପହଞ୍ଚିବାକୁ ଉଦ୍ୟମ କରିଥିଲେ। ସମୟକ୍ରମେ ସେ ଆଫ୍ରିକା ମହାଦେଶର ତାଞ୍ଜାନିଆର ମାଉଣ୍ଟ କିଲିମାଞ୍ଜାରୋ, ୟୁରୋପ ମହାଦେଶର ରୁଷିଆର ମାଉଣ୍ଟ ଏଲବ୍ରୁସ୍, ଦକ୍ଷିଣ ଆମେରିକା ମହାଦେଶର ଚିଲିର ମାଉଣ୍ଟ ଓଜୋସ୍ ଡେଲ୍ ସାଲାଡୋ, ଏସିଆ ମହାଦେଶର ଇରାନ୍‌ର ମାଉଣ୍ଟ ଦାମାଭଣ୍ଡ, ଅଷ୍ଟ୍ରେଲିଆ ମହାଦେଶର ପାପୁଆ ନ୍ୟୁ ଗିନିର ମାଉଣ୍ଟ ଗିଲ୍ଭି ଏବଂ ଆଣ୍ଟାର୍କଟିକାର ମାଉଣ୍ଟ ସିଡ୍‌ଲେ ସର୍ବୋଚ୍ଚ ଶିଖରରେ ପହଞ୍ଚିପାରିଥିଲେ।

'ଇଚ୍ଛା ଥିଲେ ଉପାୟ ଆପେ ଆପେ ମିଳେ' ଭଳି ସତ୍ୟରୂପଙ୍କ ନିଷ୍ଠା ଆଜି ତାଙ୍କୁ ସେଲିବ୍ରିଟି ସ୍ତରରେ ପହଞ୍ଚାଇପାରିଛି। ଅସହନୀୟ ଜଳବାୟୁ ସ୍ଥିତିରେ ଆଣ୍ଟାର୍କଟିକାରେ ସତ୍ୟରୂପ ବଂଶୀ ବାଦନ କରି ଜାତୀୟ ସଙ୍ଗୀତ ଗାନ କରିଥିଲେ। ପର୍ବତାରୋହଣ କ୍ଷେତ୍ରରେ ଉତ୍କର୍ଷ ଲଭିଥିବା ଏହି ଦୁଃସାହସିକ ଯୁବକଙ୍କୁ ବିଭିନ୍ନ ସମୟରେ ଅନେକ ପୁରସ୍କାର ଓ ସମ୍ମାନ ମିଳିଛି। ୨୦୧୬ରେ ପଶ୍ଚିମବଙ୍ଗ ସରକାରଙ୍କ ଯୁବ ସେବା ବିଭାଗ ପକ୍ଷରୁ ରାଧାନାଥ ସିକଦର ତେଞ୍ଜିଂ ନର୍ଗେ ସମ୍ମାନ, ୨୦୧୮ରେ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଏକ୍ସଲେନ୍ସ ଇନ୍ ମାଉଣ୍ଟେନିୟରିଂ ଆୱାର୍ଡ, ୨୦୧୯ରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଖେଳଶ୍ରୀ ସମ୍ମାନ, ବାଙ୍ଗାଲୋର ୟୁଥ୍ ଫେଷ୍ଟିଭାଲରୁ ୟୁଥ୍ ଆୱାର୍ଡ ଆଦି ସେ ପାଇଛନ୍ତି। ଏଥିସହିତ ବିଭିନ୍ନ ଅନ୍ତର୍ଜାତୀୟ ସମିଟ୍‌ରେ ଭାରତୀୟ ପତାକା ଧରି ଦେଶର ଗୌରବ ବଢ଼ାଇଛନ୍ତି। କେବଳ ସଫ୍ଟୱେର ଇଞ୍ଜିନିୟର କିମ୍ବା ଜଣେ ପର୍ବତାରୋହୀ ଭିତରେ ସେ ନିଜକୁ ସୀମିତ ରଖି ନାହାନ୍ତି। ଜଣେ ପ୍ରେରଣାଦାୟୀ ବକ୍ତା ଭାବେ ସତ୍ୟରୂପ ନିଜକୁ ପ୍ରତିପାଦିତ କରିପାରିଛନ୍ତି। ଆସିଆନ୍, ଶାହା ଇନ୍‌ଷ୍ଟିଚ୍ୟୁଟ ଅଫ୍ ନ୍ୟୁକ୍ଲିୟର ଫିଜିକ୍ସ, ଆଇଆଇଟି କାନପୁର ଭଳି ପ୍ରତିଷ୍ଠିତ ଶିକ୍ଷା ପ୍ରତିଷ୍ଠାନ ଏବଂ କଗ୍‌ନିଜାଣ୍ଟ, ସସ୍‌କେନ୍, ଏଚ୍‌ଏସ୍‌ବିସି, ଆଇଏମ୍‌ଆର୍‌ବି, ଟ୍ରିଭିୟମ୍, ଏଲିମେଣ୍ଟ ୧୪, ଆଦିତ୍ୟ ବିର୍ଲା କ୍ୟାପିଟାଲ୍ ଏବଂ ଷ୍ଟୁଡେଣ୍ଟସ୍ ଅଫ୍ ଇଣ୍ଡିଆନ୍ ମ୍ୟୁଜିୟମରେ ତାଙ୍କ ପ୍ରେରଣାଦାୟୀ ବକ୍ତବ୍ୟ ତାଙ୍କୁ ଜଣେ ସିଜିନ୍‌ଡ ବ୍ୟକ୍ତି ଭାବେ ଗଢ଼ିତୋଳିଛି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ କିଏ କେମିତି ବିଚାର କରୁଥାଆନ୍ତୁ ନା କାହିଁକି,କିନ୍ତୁ ସେମାନଙ୍କ ଲାଗି ସ୍ୱାସ୍ଥ୍ୟ ଓ ପରିବେଶ ଉପଯୋଗୀ ପୋଷାକ ତିଆରି କରି ନୂତନ ଚିନ୍ତାଧାରାକୁ ପରିପ୍ରକାଶ କରିପାରିଛନ୍ତି ଚେନ୍ନାଇର ଭାଇ–ଭଉଣୀ । ଅରୁଣ କୁମାର ଓ ତାଙ୍କ ଭଉଣୀ ପୋନ୍‌ମାନି ହାତରେ ସୂତା କାଟି ପିଲାଙ୍କ ଲାଗି ପୋଷାକ ତିଆରି କରୁଛନ୍ତି। ଏଥିପାଇଁ ସେ ପ୍ରତିଷ୍ଠା କରିଛନ୍ତି 'ଅମ୍ବରମ୍'। ତାଙ୍କ ଘରୋଇ ସହର ଚେନ୍ନାଇରୁ ପାଖାପାଖି ୧୬୦ କିଲୋମିଟର ଦୂର ଭିଲୁପୁରମ୍‌ର ପୁଲିୟାନୁର ଗାଁରେ ପ୍ରତିଷ୍ଠା କରିଛନ୍ତି ଏହି କମ୍ପାନୀ। ମହିଳାମାନଙ୍କୁ ଏଥିରେ ନିଯୁକ୍ତି ମଧ୍ୟ ଦେଇଛନ୍ତି। ଏହି କମ୍ପାନୀକୁ ମହିଳାମାନଙ୍କ ଘର ପାଖରେ କରାଯାଇଛି, ଯାହାଦ୍ୱାରା ସେମାନେ ଏହି କାର୍ଯ୍ୟ କରିବା ସହ ଘରକଥା ବି ବୁଝିପାରନ୍ତି। ପିଲାମାନଙ୍କ ତ୍ୱଚାକୁ ସଂକ୍ରମଣରୁ ରକ୍ଷା କରିବା ଲାଗି ସେମାନେ ଏଭଳି ପୋଷାକ ତିଆରି କରୁଛନ୍ତି । ଏହା ମଧ୍ୟ ପରିବେଶକୁ ଭଲ ବୋଲି କହନ୍ତି ଅରୁଣ। ଏହି ପୋଷାକ ପାଇଁ ଆବଶ୍ୟକ ସମସ୍ତ କଞ୍ଚାମାଲ ସେମାନେ ପରିବେଶରୁ ହିଁ ସଂଗ୍ରହ କରୁଛନ୍ତି। ପୂରା ସୂତାରେ ପୋଷାକକୁ ସେମାନେ ପରିବା ଓ ପତ୍ରରୁ ରଙ୍ଗ ସଂଗ୍ରହ କରି ରଙ୍ଗାଉଛନ୍ତି। ଫ୍ୟାଶନରେ ଡିଗ୍ରୀ କରିଥିବା ପୋନ୍‌ମାନି ପୋଷାକର ଡିଜାଇନ କରୁଛନ୍ତି। ପ୍ରାକୃତିକ ପୋଷାକ ବ୍ୟତୀତ ସେମାନେ ପିଲାଙ୍କ ଲାଗି ଔଷଧୀୟ ବୃକ୍ଷର ଚେର ଓ ତାଳପତ୍ର ଖଡିକାରେ ବ୍ରେସ୍‌ଲେଟ ତିଆରି କରୁଛନ୍ତି।

## ଚିରନ୍ତନୀ

ଜାଣିନି କାହାକୁ ସେ ଆଗ ଆସି ଯିବ ଘେନି
ଜଣକୁ ଛାଡ଼ି ଜଣେ
କେବେ କ୍ଷଣେ ରହୁଁ ବେନି ?
କିଏ ସେ ଯିବ ଆଗ ନ ପାରଇଁ ବୁଝି ତିଳେ
ଛାଡ଼ି ଏ ସୁଖ ଘର
ମରଣର ଚିର ନୀଡ଼େ।

(ମରଣ ପାଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ମାର୍ଚ୍ଚ ୧୯୯୫

- କୁଏଟ ଫ୍ରାନ୍ସ ସହ ୫୫୦ ନିୟୁତ ଡଲାର ଅର୍ଥର ଏକ ଅସ୍ତ୍ରଶସ୍ତ୍ର ଯୋଗାଣ ରାଜିନାମା ସ୍ୱାକ୍ଷର କରିଛି।
- କେନ୍ଦ୍ର ସରକାର ଆଜି ରାତିରେ ବିହାରରେ ରାଷ୍ଟ୍ରପତି ଶାସନ ଲାଗୁ କରିଛନ୍ତି।
- ଅତ୍ୟାଧୁନିକ ଫିଲ୍ମ 'ଫରେଷ୍ଟଗମ୍ପ' କୁ ୧୯୯୪ର ସର୍ବଶ୍ରେଷ୍ଠ ଓସ୍କାର ପୁରସ୍କାର ପ୍ରଦାନ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 3 | 7 | | | E | | A | | | 9 | | | | |
| | | | 9 | | B | | | | 6 | | | | 3 | D |
| | 5 | | | 6 | D | | | | | 4 | | 2 | | |
| 4 | C | | | 0 | | | 9 | | | | | B | 1 | E |
| | | 6 | 2 | | | | 0 | | | | | | | |
| | | | | | | | 6 | 4 | | 2 | | 8 | E | 7 |
| 6 | | 0 | | | | | D | B | | | 9 | | | |
| | | D | | 5 | 1 | | 3 | | 4 | 6 | | | | C |
| 3 | | | | 9 | | 7 | | | D | 0 | | 6 | | |
| | | E | | 7 | | | | 1 | | B | 3 | | | 4 |
| 8 | | | | | 7 | | | 5 | | 3 | 0 | 4 | B | 1 |
| 7 | | | 3 | | 2 | | | 8 | E | 5 | | | | |
| | | 3 | | D | | | B | 9 | C | 7 | | | 8 | 6 |
| | 0 | | | B | 9 | | | | | | | C | | |
| | | 5 | | 4 | | | 2 | | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 2 | 3 | 5 | 0 | E | A | 8 | 9 | 7 | D | 1 | C | 6 | B |
| D | C | 6 | 2 | 1 | 8 | B | 0 | E | A | 4 | 3 | 9 | 5 | 7 |
| 9 | A | 7 | B | 3 | D | C | 1 | 5 | 6 | 0 | 2 | 4 | 8 | E |
| 8 | 5 | 1 | 9 | 6 | 7 | D | 3 | 4 | E | B | C | 2 | 0 | A |
| 0 | E | B | A | 4 | C | 7 | 6 | 2 | 9 | 8 | 5 | 3 | 1 | D |
| 1 | 8 | A | E | 7 | 0 | 9 | B | C | 4 | 2 | 6 | 5 | D | 3 |
| 5 | D | 0 | C | 8 | 6 | 3 | E | 7 | B | 1 | 9 | A | 2 | 4 |
| E | 7 | 4 | 1 | D | 5 | 8 | 2 | A | C | 3 | 0 | B | 9 | 6 |
| B | 3 | 9 | 4 | A | 2 | 0 | 5 | 6 | 8 | 7 | D | E | C | 1 |
| 2 | 6 | C | 3 | B | 9 | 1 | 4 | D | 5 | E | A | 0 | 7 | 8 |
| A | 4 | E | 8 | C | B | 6 | 9 | 1 | 0 | 5 | 7 | D | 3 | 2 |
| C | B | 5 | D | 2 | 1 | 4 | A | 0 | 3 | 6 | 8 | 7 | E | 9 |
| 7 | 9 | D | 6 | 5 | 4 | 2 | C | 3 | 1 | A | E | 8 | B | 0 |
| 6 | 0 | 8 | 7 | E | 3 | 5 | D | B | 2 | 9 | 4 | 1 | A | C |
| 3 | 1 | 2 | 0 | 9 | A | E | 7 | 8 | D | C | B | 6 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିଜକୁ ସଜାଡୁ ଟ୍ରାଫିକ ପୋଲିସ

ମହାଶୟ,

ଟ୍ରାଫିକ ପୋଷ୍ଟରେ ଥିବା ବୈଦ୍ୟୁତିକ ସିଗନାଲ ଅଧିକାଂଶ ସମୟରେ ଖରାପ ହେତୁ ସେହି ସ୍ଥାନରେ ଡ୍ୟୁଟି କରୁଥିବା ଟ୍ରାଫିକ ପୋଲିସକୁ ହାତ ଦେଖାଇ ଟ୍ରାଫିକ କଣ୍ଟ୍ରୋଲ କରିବାକୁ ପଡିଥାଏ। ଏହାର ସୁବିଧା ନେଇ ଅଧିକାଂଶ ଗାଡ଼ି ଚାଳକ ଯେବ୍ରା କ୍ରସିଂ ଉପରେ ଗାଡ଼ି ରଖିଥାନ୍ତି ଏବଂ ବହୁ ଚାଳକ ସିଧା ଯିବାକୁ ଥିଲେ ମଧ୍ୟ ସେମାନେ ବାମପଟ ଟ୍ରାକକୁ ଗାଡି ମଡାଇ ରଖନ୍ତି, ଯଦ୍ୱାରା ବାମପଟ ରାସ୍ତାକୁ ଯିବା ଗାଡି ସବୁ ନ ଯାଇପାରି ଛକ ରାସ୍ତା ଜାମ କରିଥାନ୍ତି। ଏହାଫଳରେ ଆମ୍ବୁଲାନ୍ସକୁ ବାଟ ମିଳି ନ ଥାଏ। ତେଣୁ ଟ୍ରାଫିକ କମିଶନରଙ୍କୁ ଅନୁରୋଧ ସେ ସମସ୍ତ ଛକରେ ସିଗନାଲକୁ ଚଳନ୍ତକ୍ଷମ କରାନ୍ତୁ ଏବଂ ଛକର ବାମପଟ ଟ୍ରାକ୍‌କୁ ସଫା ରଖିବା ପାଇଁ ଛକରେ ଥିବା ଟ୍ରାଫିକ ପୋଲିସକୁ ନିର୍ଦ୍ଦେଶ ଦିଅନ୍ତୁ। ଯେଉଁ ଗାଡିଚାଳକମାନେ ଏହି ବାମପଟ ଟ୍ରାକ ଏବଂ ଯେବ୍ରା କ୍ରସିଂ ଅବରୋଧ କରୁଛନ୍ତି ସେମାନଙ୍କ ଘରୁ ଜରିମାନା ଆଦାୟ କରାଯାଉ।

ସତ୍ୟପ୍ରକାଶ ମହାନ୍ତି, ଖାରବେଳନଗର, ଭୁବନେଶ୍ୱର

### ଉନ୍ନତମାନର ଔଷଧ ମିଳୁ

ରାଜ୍ୟରେ ଥିବା ସମସ୍ତ ସରକାରୀ ଚିକିତ୍ସା କେନ୍ଦ୍ରରେ ନିମ୍ନମାନର ଔଷଧ ପ୍ରଦାନ କରାଯାଉଅଛି। ଏପରି କି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଦିଆଯାଉଛି। ବାରମ୍ବାର ରୋଗୀମାନେ ଦୌଡି ନୟାନ୍ତ ହେଉଛନ୍ତି। ରୋଗୀମାନେ ରୋଗରୁ ଉପଶମ ହୋଇପାରୁନାହାନ୍ତି। ପୁନର୍ବାର ରୋଗୀ ଚିକିତ୍ସା କେନ୍ଦ୍ର ଗଲେ ମଧ୍ୟ ସରକାରୀ ଯୋଗାଣ ବୋଲି କୁହାଯାଉଛି। ଦୋକାନରେ ଉତ୍କୃଷ୍ଟ ଧରଣର ବଟିକା ମିଳୁଥିବାରୁ ବାଧ୍ୟ ହୋଇ ରୋଗୀମାନେ ଖର୍ଚ୍ଚାନ୍ତ ହୋଇ କିଣୁଛନ୍ତି। ଏଥିପ୍ରତି ସ୍ୱାସ୍ଥ୍ୟବିଭାଗ ଓ ମନ୍ତ୍ରୀ ମହାଶୟ ଦୃଷ୍ଟି ଦିଅନ୍ତୁ।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଲକ୍‌ଡାଉନ୍ ବେଳେ ପୋଲିସଙ୍କୁ ଖାଦ୍ୟ ବାଣ୍ଟିଲେ ବିଧାୟକ

ପାରଳାଖେମୁଣ୍ଡି,୨୮।୩(ସ୍ୱ.ପ୍ର.)- ଲକଡାଉନ ବେଳେ ପାରଳାଖେମୁଣ୍ଡି ସହରର ବିଭିନ୍ନ ଛକରେ ପୋଲିସ କର୍ମଚାରୀ ସତର୍କ ପହରା ଦେଉଛନ୍ତି। ଏଭଳି ଦାୟିତ୍ୱରେ ଥିବା ସେହି କର୍ମଚାରୀଙ୍କୁ ଶନିବାର ଖାଦ୍ୟପୁଡିଆ, ଫଳ ଓ ଜଳ ଯୋଗାଇଛନ୍ତି ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ। ପୁରୁଣାପାଟଣା ରୋଡ଼ସ୍ଥିତ ପୋଲିସ ଚେକପୋଷ୍ଟ, ସହରର ଥାନା ଛକ, ମୁଖ୍ୟ ବଜାର ଖାଦ୍ୟ ବଣ୍ଟାଯାଇଛି।

### ଏମ୍‌ପି ଦେଲେ ୨୦ ଲକ୍ଷ ସହାୟତା

ଖଇରପୁଟ,୨୮।୩(ଡି.ଏନ.ଏ.)- ମାଲକାନଗିରି ଜିଲା ହସ୍‌ପିଟାଲର ଉନ୍ନତି ପାଇଁ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ ତାଙ୍କ ଏମପି ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ସହାୟତା ଦେଇଛନ୍ତି। ଏହି ଅର୍ଥରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ, ଭେଣ୍ଟିଲେଟର ବ୍ୟବସ୍ଥା କରିବା, ପଞ୍ଚାୟତସ୍ତରରେ ନିର୍ମାଣ କରାଯାଉଥିବା କ୍ୱାରେଣ୍ଟାଇନ ସେଣ୍ଟରଗୁଡିକ ପାଇଁ ଆବଶ୍ୟକ ଯନ୍ତ୍ରପାତି କ୍ରୟ କରିବାରେ ବିନିଯୋଗ କରିବାକୁ ଏମପି ମାଝି ଏକ ପତ୍ର ମାଧରେ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି।

### ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କୁ ଗାଁ ମନା

ନବରଙ୍ଗପୁର,୨୮।୩ବି.ପ୍ର)-ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ଗ୍ରାମକୁ ରାଜ୍ୟ ବାହାରୁ ଆସୁଥିବା ବ୍ୟକ୍ତିଙ୍କୁ ଗ୍ରାମରେ ପୂରାଇ ନ ଦେବା ଲାଗି ଗ୍ରାମବାସୀ ଗ୍ରାମରେ ବାରିକେଡ୍ ତିଆରି କରି ଜଗି ରହିଥିବା ଦେଖିବାକୁ ମିଳୁଛି। ଖାତିଗୁଡା, ଆଉଁଳିଗୁମ୍ମା ସହ ଅନ୍ୟ କେତେକ ଗ୍ରାମରେ ଏପରି କରାଯାଇଥିବା ଜଣାପଡିଛି। ତେନ୍ତୁଳିଖୁଣ୍ଟି ଥାନା ଆଇଆଇସି ପରମାନନ୍ଦ ସୁନାନୀ ଓ ଖାତିଗୁଡା ଥାନା ଅଧିକାରୀ ପଞ୍ଚାନନ ପରିଡା ଗ୍ରାମଗ୍ରାମ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଆବଶ୍ୟକ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦେଉଛନ୍ତି।

### ଲକ୍‌ଡାଉନ ନ ମାନି ୪୮ ବାଇକ ଜବତ

ବୋରିଗୁମ୍ମା,୨୮।୩(ଡି.ଏନ୍.ଏ.): ସମଗ୍ର ବିଶ୍ୱ ଏବେ କନୋନା ସଂକ୍ରମଣକୁ ରୋକିବାରେ ଲାଗିପଡ଼ିଛନ୍ତି। ଆଉ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ମିଳିତ ଭାବେ ସମଗ୍ର ଦେଶକୁ ଲକ ଡାଉନ କରିଦେଇଛନ୍ତି। ଏଥିରେ ୨୧ ଦିନ ପର୍ଯ୍ୟନ୍ତ କେହି ହେଲେ ଘରୁ ବାହାରକୁ ନ ବାହାରିବା ପାଇଁ ନିବେଦନ କରାଯାଇଛି। ଏହି ସ୍ଥିତିକୁ ଏବେ ଚାରିଦିନ ବିତିଛି। କୋରାପୁଟ ଜିଲା ବୋରିଗୁମ୍ମା ସହରରେ ଲକ ଡାଉନ ଚତୁର୍ଥ ଦିବସରେ ପୋଲିସ ପ୍ରଶାସନ ତରଫରୁ ଅମାନିଆ ବାଇକ ଚାଳକଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଶୁକ୍ରବାର ୪୮ଟି ବାଇକ ଜବତ କରି ମାମଲା ରୁଜୁ କରିଛି ପୋଲିସ। ଏହାଛଡ଼ା ଏକ ଚା' ହୋଟେଲ ଦୋକାନୀଙ୍କ ନାମରେ ମଧ ଏକ ମାମଲା ରୁଜୁ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ବୋରିଗୁମ୍ମା ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ।

### ଲକ୍‌ଡାଉନ ଅବମାନନା, ଥାନାରେ ୨ ମାମଲା

ଖପ୍ରାଖୋଲ, ୨୮।୩(ଡି.ଏନ.ଏ)- ଲକଡାଉନ ନିୟମର ଅବମାନନା କରିବା ନେଇ ଖପ୍ରାଖୋଲ ଥାନାରେ ୨ଟି ମାମଲା ଶନିବାର ରୁଜୁ ହୋଇଛି । ଖପ୍ରାଖୋଲ ବସ୍‌ଷ୍ଟାଣ୍ଡରେ ବିନା କାମରେ ୪ ଜଣ ଯୁବକ ବୁଲୁଥିବା ଦେଖି ପୋଲିସ୍ ତାଗିଦ୍ କରିବା ସହ ଏକ ମାମଲା ରୁଜୁ କରିଛି । ସେହିପରି ଭରୁଆମୁଣ୍ଡା ଗାଁର ଜଣେ ଦୋକାନୀଙ୍କ ବିରୋଧରେ ଅନ୍ୟ ଏକ ମାମଲା ରୁଜୁ ହୋଇଥିବା ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

# ରାମନାଗୁଡ଼ାରୁ ନବରଙ୍ଗପୁର ଚଲାଇଲା କରୋନା

## ୨୧୧ କି.ମି. ଚାଲିଚାଲି ଗାଁକୁ ଫେରୁଛନ୍ତି ୩ ଶ୍ରମିକ

ରାୟଗଡ଼ା ଅଫିସ,୨୮।୩

କରୋନା ପାଇଁ ବନ୍ଦ ହୋଇଗଲା କାମ। ଏବେ ପାଖରେ ଖାଦ୍ୟ ନାହିଁ କି ପଇସା ବି ନାହିଁ। ଘରକୁ ଫେରିବା ପାଇଁ ଗାଡ଼ି ମଧ ଚାଲୁନି। ଏଭଳି ପରିସ୍ଥିତିରେ ଅନ୍ୟ ଉପାୟ ନ ପାଇ ପାଦରେ ଚାଲିଚାଲି ରାୟଗଡ଼ା ଜିଲାର ରାମନାଗୁଡ଼ାରୁ ସୁଦୂର ନବରଙ୍ଗପୁର ଜିଲାର ଆମ୍ବାଗୁଡ଼ା ଅଭିମୁଖେ ଫେରୁଛନ୍ତି ୩ ଶ୍ରମିକ। ଦୂରତା ୨୧୧ କିମି।

ଉଲ୍ଲେଖଯୋଗ୍ୟ, ନବରଙ୍ଗପୁର ଜିଲା ଆମ୍ବାଗୁଡ଼ାରେ ୩ ଜଣ ଶ୍ରମିକ ୧୦ରୁ ୧୨ ଦିନ ତଳେ ରାୟଗଡ଼ା ଜିଲା ରାମନାଗୁଡ଼ାରେ ରାସ୍ତା କାମ ପାଇଁ ଆସିଥିଲେ। କିଛିଦିନ କାମ କରିଛନ୍ତି କି ନାହିଁ, ଦାଉ ସାଧିଲା କରୋନା ଆତଙ୍କ। କୋଭିଡ୍-୧୯ ସଂକ୍ରମଣରୁ ବର୍ତ୍ତିବା ପାଇଁ ସରକାର ଲକ ଡାଉନ ଘୋଷଣା କଲେ। ଫଳରେ ସବୁ ସଂସ୍ଥା


ରାୟଗଡ଼ା କପିଳାସ ଛକ ନିକଟରେ ୩ ଶ୍ରମିକ ଚାଲିଚାଲି ଯାଉଛନ୍ତି ।

### ଅର୍ଥ, ଖାଦ୍ୟ ଅଭାବ

ଓ କାମ ବନ୍ଦ ହୋଇଗଲା। ଶ୍ରମିକମାନେ ଯେଉଁ କାମ ପାଇଁ ଯାଇଥିଲେ, ତାହା ମଧ ବନ୍ଦ ପଡ଼ିଲା। କାମ ବନ୍ଦ ହୋଇଯିବାରୁ ଠିକାଦାର କିଛି ଟଙ୍କା ମଧ ଦେଇ ନ ଥିଲେ। ପାଖରେ ମଧ କିଛି ଅର୍ଥ ନ ଥିଲା। ତେଣୁ ସେଠାରେ ଅଧିକ ଦିନ ରହି ମଧ ହୋଇ ନ ଥାନ୍ତା। ଫେରିବାକୁ ଗାଡ଼ି ମୋଟର ମଧ ଚାଲୁ ନ ଥିଲା। ତେଣୁ ବାଧହୋଇ ୩ ଶ୍ରମିକ ଚାଲିଚାଲି ଗାଁକୁ ଫେରିବା ପାଇଁ ନିଷ୍ପତ୍ତି ନେଇ ବାହାରିଆସିଲେ। ରାୟଗଡ଼ାରୁ ଆମ୍ବାଗୁଡ଼ା ହେଉଛି ୨୧୧ କିମିର ବାଟ। ପାଖରେ ଥିବା ମାତ୍ର ୨୦୦ ଟଙ୍କା ଧରି ସେମାନେ ଚାଲିଚାଲି ଫେରୁଥିବା ବେଳେ ଶନିବାର ରାୟଗଡ଼ା ସହରର କପିଳାସ ଛକ ନିକଟରେ ପହଞ୍ଚିଥିଲେ। ସେଠାରେ କିଛି ସମୟ ବିଶ୍ରାମ ନେଇ ସେମାନେ ଆମ୍ବାଗୁଡ଼ାକୁ ଫେରିବେ।

# ବିଏଡ୍ କଲେଜରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର

ନବରଙ୍ଗପୁର,୨୮।୩(ବି.ପ୍ର.)

କରୋନା ଭାଇରସର ମୁକାବିଲା ପାଇଁ ନବରଙ୍ଗପୁର ଜିଲାରେ ଆଗୁଆ ବିଭିନ୍ନ ପଦକ୍ଷେପ ନେଇଛି ପ୍ରଶାସନ। ସ୍ଥାନୀୟ ବିଏଡ କଲେଜରେ ଏକ ଅସ୍ଥାୟୀ ମେଡିକାଲ ସ୍ଥାପନ ହେବ। ସେଥିରେ ୬ଶହ ଶଯ୍ୟା ରହିବ। ଏହାର ଦାୟିତ୍ୱ ସ୍ଥାନୀୟ ଖ୍ରୀଷ୍ଟିୟାନ ମେଡିକାଲକୁ ଦିଆଯିବ। ଏନେଇ ଏକ

### ୧୦ ମୋବାଇଲ ଭ୍ୟାନ ବୁଲିବ ୮୬୮ ଗାଁ

ଚୁକ୍ତି ମଧ ହେବ । ୧୦ଟି ମୋବାଇଲ ଭ୍ୟାନ୍ ୧୮୯ ପଞ୍ଚାୟତର କ୍ୱାରାଣ୍ଟାଇନ ସେଣ୍ଟର ଓ ୮୬୮ ରାଜସ୍ୱ ଗାଁକୁ ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରିବ। ଏହାସହ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ନିକଟରେ ରିପୋର୍ଟ ଦାଖଲ କରିବ ବୋଲି ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଆୟୋଜିତ ଟାସ୍କ ଫୋର୍ସ ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦୁଇଟି ଭେଣ୍ଟିଲେଟର, ୨ଟି ଇକୋ, ୧ ଲକ୍ଷ ମାସ୍କ, ୫୦ ହଜାର ଏନ୍-୯୫ ମାସ୍କ, ୧ ହଜାର ଲିଟର ସାନିଟାଇଜର ବିନା ଟେଣ୍ଡରରେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ କିଣାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାର ଆନୁମାନିକ ମୂଲ୍ୟ ୮୧ ଲକ୍ଷ ଟଙ୍କା ହେବ।

### ପେନ୍‌ସନରୁ ୧୫ ହଜାର ଦେଲେ ଅବସରପ୍ରାପ୍ତ ଶିକ୍ଷକ

ନବରଙ୍ଗପୁର,୨୮।୩(ବି.ପ୍ର.):

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦର ମହକୁମା ନୂଆସାହିର ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ନିଜ ପେନସନରୁ ୧୫ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ସେହି ଏହି ରାଶି ଜିଲାପାଳ ଡ. ଅଜିତ କୁମାର ମିଶ୍ରଙ୍କୁ ଚେକ ଆକାରରେ ଦେଇଛନ୍ତି।

# ବେପାର ଆଗ, ସାମାଜିକ ଦୂରତ୍ୱ ପଛକଥା

ନନ୍ଦପୁର,୨୮।୩(ଡି.ଏନ୍.ଏ.)

କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ସାରା ଦେଶ ଲକ ଡାଉନରେ ଥାଇ ସାମାଜିକ ଦୂରତ୍ୱକୁ ଆପଣାଇଛି। ଏଥିପାଇଁ ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡ଼ିଦେଲେ ଅନ୍ୟ ସବୁ ବ୍ୟବସାୟ, ଆମଦାନୀ ରପ୍ତାନି ଉପରେ କଟକଣା ଲାଗିଛି। କିନ୍ତୁ କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥିବା ପଞ୍ଚାୟତ ମହକୁମା ଓ ଲମତାପୁଟ ବ୍ଲକ ସଗର ଗ୍ରାମରେ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଛି। ସଂଗରୋଧ ଓ ସାମାଜିକ ଦୂରତ୍ୱକୁ ଅବମାନନା କରି ବାହାର ରାଜ୍ୟର ବ୍ୟବସାୟୀ ଏଠାକୁ ଆସି ପଣସ କିଣି ବାହାର ରାଜ୍ୟକୁ ରପ୍ତାନି କରୁଛନ୍ତି। ପଣସ ବେପାରରେ ସକାଳୁଠାରୁ

### କରୋନା ଗାଇଡଲାଇନ ଉଲ୍ଲଂଘନ କରି ପଣସ ବିକୁଛନ୍ତି ବାହାର ରାଜ୍ୟ ବେପାରୀ


ପଣସ ପସରା ମେଲିଛନ୍ତି ବାହାର ରାଜ୍ୟର ବେପାରୀ ।

ରାତି ଦଶଟା ପର୍ଯ୍ୟନ୍ତ ଲୋକଙ୍କ ସମାଗମ ହେଉଛି। ପଣସ ନେବା ପାଇଁ ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶରୁ ଟ୍ରକ ନେଇ ଡ୍ରାଇଭରମାନେ ଆସୁଛନ୍ତି। ସାମାଜିକ ଦୂରତ୍ୱ ରଖିବା ବଦଳରେ ଏମାନେ ଅନ୍ୟ ରାଜ୍ୟରୁ ଆସି ଏଠାରେ ଆଡ୍ଡା ଜମାଇବା ଦ୍ୱାରା କରୋନା ସଂକ୍ରମଣ ଆଶଙ୍କା ବଢ଼ୁଛି। ଏନେଇ ଶୁକ୍ରବାର ସନ୍ଧ୍ୟାରେ ଥିବା ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ବ୍ୟବସାୟୀଙ୍କୁ ଗହଳି ନ କରିବା ପାଇଁ ତାଗିଦ କରିଛନ୍ତି। ଏନେଇ ନନ୍ଦପୁର ପୋଲିସକୁ ମଧ ଅବଗତ କରାଯାଇଛି। ବ୍ୟବସାୟୀମାନେ ଆଗକୁ ଯଦି ଏପରି ଖିଲାପ କରିବେ, ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନନ୍ଦପୁର ଏସ୍‌ଡିପିଓ ତପନ କୁମାର ମହାନନ୍ଦ କହିଛନ୍ତି।

## ଜିଲା ଚିଠି
## ମୟୂରଭଞ୍ଜ

### ସୁଧାର ଆସୁନି

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଶିକ୍ଷା ବ୍ୟବସ୍ଥାରେ କୌଣସି ସୁଧାର ଆସୁନଥିବା ଅଭିଯୋଗ ହୋଇଛି। ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ଶିକ୍ଷା ଗ୍ରହଣ ନିମନ୍ତେ ସରକାରୀ ବିଦ୍ୟାଳୟକୁ ପଠାଉଥିବା ବେଳେ ସେଠାରେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଉପଯୁକ୍ତ ଶିକ୍ଷା ବଦଳରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ କେଉଁଠି ଖଟାଉଛନ୍ତି ତ ଆଉ କେଉଁଠି ଅକଥନୀୟ ଦଣ୍ଡ ଦେଉଛନ୍ତି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲା ଶିକ୍ଷା ବିଭାଗ ସଂପୃକ୍ତ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଅଧିକାଂଶ ସମୟରେ ଗଣଶିକ୍ଷା ବିଭାଗ ଉପରେ ଦାୟିତ୍ୱ ଲଦି ବିଭାଗୀୟ ଅଧିକାରୀମାନେ ଖସିଯାଉଛନ୍ତି। କାଦୁଅକୁ ଯିବି କାହିଁକି, ଗୋଡ଼ ଧୋଇବି କାହିଁକି ନ୍ୟାୟ ଆପଣାଇ ନେଇଛି ଜିଲା ଶିକ୍ଷା କାର୍ଯ୍ୟାଳୟ। ଫଳରେ ଶିକ୍ଷକମାନେ ବିଦ୍ୟାଳୟରେ ସେମାନଙ୍କ ମନମୁଖି କାର୍ଯ୍ୟ କରୁଛନ୍ତି। କିଛିଦିନ ତଳେ ବାରିପଦା ସହରର ଏକ ସ୍କୁଲରେ ଜଣେ ପ୍ରଧାନ ଶିକ୍ଷୟିତ୍ରୀ କେତେଜଣ ଛାତ୍ରକୁ ଆଣ୍ଠେଇଥିବା ଭିଡିଓ ଭାଇରାଲ୍ ହୋଇଥିଲା। ଏ ନେଇ ଥାନାରେ ମଧ ଅଭିଯୋଗ ହୋଇଥିଲା। ହେଲେ ଶିକ୍ଷା ବିଭାଗ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଗଣଶିକ୍ଷା ବିଭାଗକୁ ରିପୋର୍ଟ ଦେଇ ଚୁପ୍ ହୋଇ ବସିଥିଲା। ପ୍ରାୟ ୨ ମାସ ତଳେ କୁଳିଅଣା ଅଞ୍ଚଳର ଏକ ସ୍କୁଲର ଜଣେ ଶିକ୍ଷକ ଛାତ୍ରମାନଙ୍କୁ ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ପଠାଇଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ଏବେ ବିଭାଗ ଚୁପ୍ ବସିଛି। ସେହିଭଳି ଅନ୍ୟ ଏକ ବିଦ୍ୟାଳୟର ଛାତ୍ରମାନେ ଜଣେ ଶିକ୍ଷକଙ୍କ ଦେହରେ ତେଲ ମାଲିସ କରୁଥିବା ଭିଡିଓ ଭାଇରାଲ୍ ହୋଇଥିଲା। ତାଙ୍କ ବିରୋଧରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। କରୋନା କଟକଣା ଯୋଗୁ ଏବେ ସମସ୍ତ ବିଦ୍ୟାଳୟ ବନ୍ଦ ରହିଛି। ଏହି ପରିପ୍ରେକ୍ଷୀରେ ସମସ୍ତ ଛାତ୍ରଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଘରେ ପହଞ୍ଚାଇବାର ବ୍ୟବସ୍ଥା କରିବା କଥା। ହେଲେ ରାସଗୋବିନ୍ଦପୁର ବ୍ଲକର ଜଣେ ପ୍ରଧାନ ଶିକ୍ଷକ ବେପରୁଆ ଭାବେ ସମସ୍ତ ଛାତ୍ରଙ୍କୁ ବସ୍‌ରେ ବସାଇ ଦେଇଥିଲେ। ବାରିପଦାରେ ପିଲାମାନେ ବାଟବଣା ହୋଇଯାଇଥିବା ବେଳେ କେତେଜଣ ବ୍ୟକ୍ତି ସେମାନଙ୍କୁ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ। ଏମିତି କେତେଜଣ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଯୋଗୁ ଦିନକୁ ଦିନ ଅଭିଭାବକଙ୍କ ଭରସା ସରକାରୀ ସ୍କୁଲ ଉପରୁ ତୁଟିବାରେ ଲାଗିଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅଭିଭାବକଙ୍କ ପାଖରେ ଅର୍ଥର ଅଭାବ ରହିଛି। ସେମାନେ ନିଜ ପିଲାମାନଙ୍କୁ ଘରୋଇ ଶିକ୍ଷାନୁଷ୍ଠାନକୁ ନ ପଠାଇ ସରକାରୀ ସ୍କୁଲରେ ପଢ଼ାଇ ଏଭଳି ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଏ ଦିଗର ଜିଲା ଶିକ୍ଷା ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଗୁରୁତ୍ୱାରୋପ କରିଛନ୍ତି।

– ରଞ୍ଜନ କୁମାର ପ୍ରଧାନ

# ଆନ୍ଧ୍ରରେ ଫସିଛନ୍ତି ୪୦ ଶ୍ରମିକ

ନବରଙ୍ଗପୁର,୨୮।୩ବି.ପ୍ର)–

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଓ ଫଟାଗୁଡାର ୪୦ରୁ ଊର୍ଦ୍ଧ୍ୱ ଶ୍ରମିକ ଆନ୍ଧ୍ରର ହାଇଦ୍ରାବାଦରେ ଫସି ରହିଛନ୍ତି। ଏହି ଶ୍ରମିକମାନଙ୍କ ଘର ତେନ୍ତୁଳିଖୁଣ୍ଟି ବ୍ଲକ ପରଜାବାରଙ୍ଗପଦର ପଞ୍ଚାୟତର ଖାତିଗୁଡା ଓ ଲମତାଗୁଡା ପଞ୍ଚାୟତର ଫଟାଗୁଡା ଗ୍ରାମରେ ବୋଲି ଜଣାପଡିଛି। ଏହି ଶ୍ରମିକମାନେ ସେଠାରେ ହିରୋ ମୋଟର୍ସ କମ୍ପାନୀରେ କାମ କରୁଥିଲେ। ସେମାନେ ନିଆଁପୁର ଛକରେ ଥିବା ଜଣେ ମାଲିକଙ୍କ ୨ଟି ୱାର୍କଶପ୍‌ରେ କାମ କରୁଥିଲେ। ସେମାନଙ୍କୁ କମ୍ପାନୀ

### ଫେରିବାକୁ ପାଉନି ସାହସ

ମାଲିକ ଗାଡି ବ୍ୟବସ୍ଥା କରିଦେବେ ଗ୍ରାମକୁ ଚାଲିଯିବାକୁ କହୁଛନ୍ତି। ମାତ୍ର ବାଟରେ ହଇରାଣ ହେବା ଆଶଙ୍କାରେ ଆସିବାକୁ ସାହସ କରୁନାହାନ୍ତି। ପୁରୁଷୋତ୍ତମ ଗଉଡ, ଶିବ ଗଉଡ, ରଘୁନାଥ ମୁଦୁଲି, ରାଜେନ୍ଦ୍ର ନାଗ, ଲକ୍ଷ୍ମଣ ଟାକ୍ରି, ସିମାଞ୍ଚଳ ଟାକ୍ରିଙ୍କ ସହ ୪୦ରୁ ଊର୍ଦ୍ଧ୍ୱ ଶ୍ରମିକ ସେଠାରେ ଫସି ରହିଛନ୍ତି। ରାଜ୍ୟ ସରକାର ସେମାନଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ସନ୍ଦିଗ୍ଧଙ୍କ ରିପୋର୍ଟ ନେଗେଟିଭ

### ଆଶ୍ୱସ୍ତ ହେଲା କୋରାପୁଟ ଜିଲା ପ୍ରଶାସନ

ଜୟପୁର,୨୮।୩(ଡି.ଏନ୍.ଏ.)

କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳର ଜଣେ କରୋନା ସନ୍ଦିଗ୍ଧଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ସେ ଓ ଅନ୍ୟମାନେ ଆଶ୍ୱସ୍ତ ହୋଇଛନ୍ତି। ଜୟପୁର ଜିଲା ଚିକିତ୍ସାଳୟ ୯ଜଣଙ୍କ ରକ୍ତ ଓ ଗଳାର କଲଚର ଭୁବନେଶ୍ୱର ଆଞ୍ଚଳିକ ମେଡିକାଲ ରିସର୍ଚ୍ଚ ସେଣ୍ଟରକୁ ପଠାଇଥିଲା। ସେଥିରେ ସେମିଳିଗୁଡ଼ା ଅଞ୍ଚଳର ସନ୍ଦିଗ୍ଧଙ୍କ ନମୁନା ମଧ ରହିଥିଲା। ତେବେ ପରୀକ୍ଷା ରିପୋର୍ଟରେ ତାଙ୍କ ଶରୀରରେ କାରୋନା ଭୂତାଣୁର ସନ୍ଧାନ ମିଳି ନ ଥିବା ଜଣାପଡ଼ିଛି। ତାଙ୍କର ନେଗେଟିଭ ରିପୋର୍ଟ ଆସିବା ପରେ କୋରାପୁଟ ଜିଲା ପ୍ରଶାସନ ମଧ ଆଶ୍ୱସ୍ତ ହୋଇଛି। ସେହିପରି ଅନ୍ୟ ୮ ଜଣଙ୍କଠାରେ ମଧ କୌଣସି ଲକ୍ଷଣ ଦେଖାଯାଇ ନାହିଁ। ତେଣୁ ଜରୁରିକାଳୀନ ପରୀକ୍ଷା କରାଯିବ ନାହିଁ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସେହିପରି ଜୟପୁର ସହରରେ ଦୈନିକ ପନିପରିବା ବଜାରକୁ ମୁଖ୍ୟରାସ୍ତାକୁ ଉଠାଇ ଦିଆଯାଇଛି। ଏଠାରେ ସାମାଜିକ ଦୂରତ୍ୱ ରଖାଯାଇ ବିକ୍ରି ପାଇଁ ୧୨୦ଟି ଅସ୍ଥାୟୀ ଦୋକାନ ଖୋଲାଯାଇଛି। କିନ୍ତୁ ସାଧାରଣ ଲୋକେ ଏହି ସାମାଜିକ ଦୂରତ୍ୱକୁ ମାନୁ ନ ଥିବା ଦେଖିବାକୁ ମିଳୁଛି।

# ଅନ୍ୟ ପାଇଁ ଖାଦ୍ୟ ଅଭିଯାନରେ ସ୍ୱେଚ୍ଛାସେବୀ

ଜୟପୁର,୨୮।୩(ଡି.ଏନ୍.ଏ.)

କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ଚାରିଆଡ଼େ ଯେତେବେଳେ ଲକ୍‌ଡାଉନ୍ ପରିସ୍ଥିତି, ସେତେବେଳେ ଅସହାୟ ବ୍ୟକ୍ତି, ଭିକ୍ଷୁକ, ବୁଲା ଗାଇଗୋରୁ ଓ ଅନ୍ୟ ପ୍ରାଣୀମାନଙ୍କ ସମସ୍ୟା ବଢ଼ିଯାଇଛି। ଏମାନେ ଖାଇବେ କ'ଣ ? ଏଭଳି ପରିସ୍ଥିତିରେ ସେମାନଙ୍କ ପେଟକୁ ଆହାର ଦେବା ପାଇଁ ଆଗେଇ ଆସିଛନ୍ତି ଅନେକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ।

କୋରାପୁଟ ଜିଲା ଜୟପୁର କୃଷ୍ଣଚନ୍ଦ୍ର ପାଠାଗାର ଓଡ଼ିଆ ସମାଜ ପକ୍ଷରୁ ପୂର୍ବାହ୍ନରେ ୪ ଘଣ୍ଟା ଯାଏ ବଜାରରୁ ବର୍ଜ୍ୟ ପନପିରବା, କୋବି ନାଡ଼ ଓ ଅନ୍ୟ ସାମଗ୍ରୀ ସଂଗ୍ରହ କରାଯାଇଥିଲା। ସେ ସବୁକୁ ଶନିବାର ମୁଖ୍ୟରାସ୍ତାର ୪ଟି ସ୍ଥାନରେ ଗାଇଙ୍କ ପାଇଁ ଆହାର ଭାବେ ଦିଆଯାଇଛି। ସେହିପରି କୁକୁରଙ୍କ ପାଇଁ


ଅସହାୟଙ୍କୁ ଖାଦ୍ୟ ବଣ୍ଟାଯାଉଛି ।

ଭାତ ଓ କ୍ଷୀର ଦେବା ପାଇଁ କହିଛନ୍ତି ପାଠାଗାର ସଂପାଦକ ରାମାନନ୍ଦ ମିଶ୍ର। ବୁଲା ଗାଇ ଓ କୁକୁର ପାଇଁ ପୌରସଂସ୍ଥା ମୁଖ୍ୟରାସ୍ତାରେ ୪ରୁ ୫ଟି କୁଣ୍ଡ ଦେଇଥିଲା। ସେଥିରେ ପାଣି ରଖିବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟର ସ୍ଥାନୀୟ ଶାଖା ପକ୍ଷରୁ ଜୟପୁର

- ସହରର ବୁଲା ଗାଈ, କୁକୁରଙ୍କୁ ଖାଦ୍ୟ ଦେବ ଓଡ଼ିଆ ସମାଜ
- ଅସହାୟ, ଭିକ୍ଷୁକଙ୍କୁ ଖାଦ୍ୟ ବାଣ୍ଟିଲା ବିଜୁ ଶ୍ରମିକ ସାମ୍ମୁଖ୍ୟ

ସହରରେ ଭିକ୍ଷୁକ ଓ ଅସହାୟଙ୍କୁ ରନ୍ଧାଖାଦ୍ୟ ଭାବେ ଭାତ ଓ ଡାଲମା ଦିଆଯାଇଛି। ଶ୍ରମିକ ସାମ୍ମୁଖ୍ୟର ତିନି ଜଣ ସଦସ୍ୟ ଦିଗାମ୍ବର ସାମଲ, ହରିଶ୍ଚନ୍ଦ୍ର ସାହୁ ଓ ମାନସ ସାହୁ ସାଇକେଲରେ ରନ୍ଧନ ଖାଦ୍ୟ କାଗଜ ପ୍ଲେଟରେ ନେଇ ସହରର ମୁଖ୍ୟରାସ୍ତା ଓ ସାହିବସ୍ତିର ବାହାରେ ବୁଲୁଥିବା ଅସହାୟ, ମାନସିକ ଅସୁସ୍ଥ ଓ ଭିକ୍ଷୁକମାନଙ୍କୁ ଦେଇଥିଲେ। ସେମାନଙ୍କୁ ହାତ ଧୁଆଇ ଖାଇବାକୁ ଦିଆଯାଇଥିଲା।

## ଲକ୍‌ଡାଉନ୍ ବେଳର ଦୃଶ୍ୟ


ଟିକିରି ବଜାରର ବିଭିନ୍ନ ଦୋକାନରେ ସାମାଜିକ ଦୂରତ୍ୱ ପାଇଁ ପୋଲିସ, ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରେଖାଙ୍କନ କରାଯାଉଛି।


ଦାମନଯୋଡ଼ି ଅଞ୍ଚଳ ମାଥାଲପୁଟ ଓସିସି କଲୋନୀର ଯୁବ ସ୍ୱେଚ୍ଛାସେବୀ ସାହିରାସ୍ତାକୁ ବନ୍ଦ କରିଛନ୍ତି।


ବୈପାରୀଗୁଡ଼ା ବ୍ଲକ କେନ୍ଦୁପଦା ଛକରେ ଯୁବକମାନେ ପ୍ରବେଶ ନିଷେଧ କରିଛନ୍ତି।

ଧରିତ୍ରୀ DHARITRI
ରବିବାର, ମାର୍ଚ୍ଚ ୨୯, ୨୦୨୦



**ସଂକ୍ଷେପରେ**

## ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ରାୟଗଡ଼ା ଅଫିସ/ଟିକିରି, ୨୮।୩ (ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ତଳମାଲିଗାଁ ନିକଟରୁ ଜଣେ ଯୁବକଙ୍କ କ୍ଷତ ବିକ୍ଷତ ମୃତଦେହ ଉଦ୍ଧାର କରାଯାଇଛି । ତାଙ୍କ ନାଁ ଡମ୍ବୁରୁ ଝୋଡ଼ିଆ। ଘର ଖୁରି ଗ୍ରାମରେ ବୋଲି ଜଣାପଡିଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଡମ୍ବୁରୁ କିଛି ଜରୁରୀ କାମ ପାଇଁ ତଳମାଲିଗାଁ ଯାଇଥିଲେ। ସନ୍ଧ୍ୟା ହୋଇଯାଇଥିଲେ ମଧ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ତଳମାଲିଗାଁରୁ ଡ଼ମ୍ବୁରୁଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏନେଇ ପରିବାର ଲୋକେ କାଶୀପୁର ଥାନାରେ ଜଣାଇଥିଲେ। ଏହାକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କାଶୀପୁର ଡାକ୍ତରଖାନାକୁ ପଠାଇଛି । ଡମ୍ବରୁଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ତେବେ କେହି ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଟିକିରି,୨୮।୩(ଡି.ଏନ୍.ଏ.): ବିଦ୍ୟୁତ୍ ଆଘାତରେ ରାୟଗଡ଼ା ଜିଲା ଟିକିରି ଥାନା ଅଧୀନ ଥୁଟିବର କଲୋନୀରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ କଲୋନୀର ସୁଶାନ୍ତ ଝୋଡ଼ିଆ(୧୯)। ଶୁକ୍ରବାର ରାତିରୁ ଘରେ ବିଦ୍ୟୁତ୍ କଟିଥିବାବେଳେ ଶନିବାର ସକାଳେ ସେ ଏହା ସଜାଡୁଥିଲେ। ଏହି ସମୟରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ପାଇ ଟିକିରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନା କେସ୍ ନଂ. ୬/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଟିକିରି ଆଇଆଇସି ସୁଜ୍ଞାନୀ ସାହୁ ସୂଚନା ଦେଇଛନ୍ତି।

## ଗଛରୁ ପଡ଼ି ମୃତ୍ୟୁ

ଦୁର୍ଗୀ,୨୮।୩: ରାୟଗଡ଼ା ଜିଲା ଦୁର୍ଗୀ ନିକଟସ୍ଥ ରିଙ୍ଗବାଇ ଗ୍ରାମରେ ଦୁଃଖଦ ଘଟଣା ଘଟିଯାଇଛି। ଶନିବାର ସକାଳୁ ମାଲି ପ୍ରାସ୍କାଙ୍କ ଦ୍ୱିତୀୟ ପୁତ୍ର ଅନି ପ୍ରାସ୍କା ନିଜ ଜମିରେ ଥିବା ତେନ୍ତୁଳି ଗଛରେ ଚଢ଼ି ତେନ୍ତୁଳି ତୋଳୁଥିଲେ। ଦୁର୍ଭାଗ୍ୟବଶତଃ ଗଛର ଡାଳ ଭାଙ୍ଗିଯିବା ଯୋଗୁ ସେ ତଳେ ପଡ଼ିଯାଇଥିଲେ। ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ ବିଷମକଟକ ପୋଲିସ ଆସି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଗଜପତିରେ ଫସିଛନ୍ତି ବାହାର ଜିଲାର ଶ୍ରମିକ

ପାରଳାଖେମୁଣ୍ଡି,୨୮।୩(ସ୍ୱ.ପ୍ର.)


ଲକ୍‌ଡାଉନ୍ ଯୋଗୁ ଫସି ରହିଥିବା ଶ୍ରମିକ ।

ଲକ୍‌ଡାଉନ ଜାରି ହେବା ପରେ ନୟାଗଡ଼ ଜିଲାର ୭ଜଣ ଶ୍ରମିକ ଗଜପତି ଜିଲାରେ ଫସିରହିଛନ୍ତି। ଏମାନେ ସମସ୍ତେ ଏକ ଘରୋଇ ଠିକାସଂସ୍ଥା ଦ୍ୱାରା ରାସ୍ତା ନିର୍ମାଣ କାମରେ ନିୟୋଜିତ ହୋଇଥିଲେ। କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗଜପତି ଜିଲାରେ ଗତ ୨୫ ତାରିଖ ମଧ୍ୟରାତ୍ରିରୁ ଲକଡାଉନ ଜାରି କରାଯାଇଥିଲା। ତେଣୁ ସମସ୍ତ ରାସ୍ତା ସିଲ କରାଯିବା ସହ ଗାଡ଼ି ମୋଟର ମଧ ଏହି ସମୟରେ ବନ୍ଦ ରହିଛି । ତେବେ ଏହି ୭ ଜଣ ଶ୍ରମିକ ଲକଡାଉନ ଯୋଗୁ ନିଜ ଘରକୁ ଫେରିପାରୁ ନାହାନ୍ତି। ସେମାନେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବେତଖଲି ଗ୍ରାମର ରମାକାନ୍ତ ପ୍ରଧାନ, ଟୁନା ସାହୁ, ସଞ୍ଜୟ ନାୟକ, ପ୍ରକାଶ ଚନ୍ଦ୍ର ସାହୁ, ସମୀର ସ୍ୱାଇଁ, ସନ୍ତୋଷ ପ୍ରଧାନ, ସୁମନ ସାହୁ । ଏମାନେ ସମସ୍ତେ ଠିକାଦାର ବି. ମନୋଜ କୁମାରଙ୍କ ସହ ଯୋଗାଯୋଗ କରି କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ନିୟୋଜିତ ବେଳେ ଏମାନଙ୍କର ସମସ୍ତ ଭଲମନ୍ଦ ଉକ୍ତ ଠିକାଦାରୀ ସଂସ୍ଥା ବୁଝିବେ ବୋଲି କୁହାଯାଇଥିଲା । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଉକ୍ତ ଠିକାସଂସ୍ଥା ପକ୍ଷରୁ ଏମାନଙ୍କୁ କୌଣସି ସହଯୋଗ ମିଳୁ ନ ଥିବା ଜଣାପଡ଼ିଛି। ୨୦ଦିନ ହେବ ଏମାନଙ୍କର କାମ ବନ୍ଦ ରହିଛି ଓ ଏମାନେ ବର୍ତ୍ତମାନ ସ୍ଥିତିରେ ଘରକୁ ଯାଇ ନିଜ ପରିବାର ସହ ମିଶିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଛି।

# ୧୫ ଯାଯାବର ପରିବାରକୁ ସହାୟତା ଦେଲା ପ୍ରଶାସନ

ବୈପାରୀଗୁଡ଼ା,୨୮।୩(ଡି.ଏନ୍.ଏ.)

'ଧରିତ୍ରୀ'ରେ ଖବର ପ୍ରକାଶ ପରେ ବୈପାରୀଗୁଡା ବ୍ଲକ ସଦରରେ ତମ୍ବୁ ତଳେ ଭୋକ ଉପାସରେ ଥିବା ୧୫ ଯାଯାବର ପରିବାରଙ୍କୁ ଜିଲା ପ୍ରଶାସନ ସହାୟତା ଦେଇଛି। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଅସହାୟ ପରିବାରଙ୍କୁ ରନ୍ଧାଖାଦ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ବିଡିଓ ଅଭିମନ୍ୟୁ କବି ଶତପଥୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଧିରାଜ ସାହୁ ଅସ୍ଥାୟୀ କ୍ୟାମ୍ପକୁ ଯାଇ ସେମାନଙ୍କୁ ଭେଟିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ବେଳେ ଜଣାପଡ଼ିଥିଲା ଯେ ସେମାନେ ବହୁଦିନ ତଳୁ ସେମାନେ ଓଡ଼ିଶାରେ ରହୁଥିବା କାରଣରୁ ସେମାନଙ୍କଠାରୁ କରୋନା ସଂକ୍ରମଣର ଆଶଙ୍କା ନାହିଁ। ସେମାନେ ନିଜେ ରାନ୍ଧି ଖାଇବାକୁ ୧ କୁଇଣ୍ଟାଲ ଚାଉଳ ଓ ୧ ହଜାର ୫ ଶହ ଟଙ୍କା ଦିଆଯାଇଛି। ସେହିପରି ବ୍ଲକ ସିଡିପିଓ ଆର୍. ଜ୍ଞାନସୁନ୍ଦରୀଙ୍କ ନିର୍ଦ୍ଦେଶକ୍ରମେ ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀ ଶିଶୁ ଓ ଗର୍ଭବତୀଙ୍କୁ ଛତୁଆ, ଶୁଖିଲା ଖାଦ୍ୟ ଦିଆଯାଇଛି।

## ସୁନିଶ୍ଚିତ ହେଉନି ହୋମ୍ କ୍ୱାରାଣ୍ଟାଇନ୍

ବଲାଙ୍ଗୀର ଅଫିସ, ୨୮।୩

କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟ କରାଯାଉଛି। ଏଭଳି ସ୍ଥିତିରେ ସାମାଜିକ ଦୂରତ୍ୱ, ହୋମ୍ ଆଇଶୋଲେସନ୍ ଓ ହୋମ୍ କ୍ୱାରାଣ୍ଟାଇନ୍ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ତେବେ ବଲାଙ୍ଗୀର ଜିଲାରେ ସବୁଠୁ ଅଧିକ ବିପଜ୍ଜନକ ସ୍ଥିତିରେ ଗାଁ ଗୁଡିକ ରହିଥିବା ଖବର ମିଳୁଛି । ଇତିମଧ୍ୟରେ ରାଜ୍ୟ ବାହାରେ କାମ କରୁଥିବା ୨୦୪୩ ଜଣ ଦାଦନ ଶ୍ରମିକ ଜିଲାର ବିଭିନ୍ନ ଗାଁକୁ ଫେରିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଏହି ସମସ୍ତଙ୍କ ପଞ୍ଜୀକରଣ କରାଯାଇ ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ ବା ହୋମ୍ ଆଇଶୋଲେସନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି । ଯେଉଁ ଗାଁକୁ ରାଜ୍ୟ ବାହାର ଦାଦନ ଶ୍ରମିକ ଫେରିଛନ୍ତି ସେଠାରେ ସାମାଜିକ ଦୂରତ୍ୱ ଓ କରୋନା ସଂକ୍ରମଣରୁ ରକ୍ଷା ପାଇବା ଉପାୟ ଅବଲମ୍ବନ କରିବାକୁ କୁହାଯାଇଛି । ମାତ୍ର ଏସବୁ ପରାମର୍ଶ ବାସ୍ତବ ରୂପେ ପାଳନ ହେଉଛି କି ନାହିଁ ତାହା ନିରୀକ୍ଷଣ କରାଯାଉ ନାହିଁ। ଏଭଳି ସ୍ଥିତିରେ କରୋନା ସଂକ୍ରମଣକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ବାସ୍ତବ ସ୍ଥିତି ଦେଖିବାକୁ ଗଲେ ଦାଦନ ଶ୍ରମିକମାନେ ଅତ୍ୟନ୍ତ ଗରିବ ହୋଇଥିବାରୁ ସେମାନଙ୍କ ରହିବା ପାଇଁ ଉପଯୁକ୍ତ ବାସସ୍ଥାନ ନାହିଁ କହିଲେ ଚଳେ। ଅଧିକାଂଶ ଦାଦନ ଶ୍ରମିକ ଛାଟିମାଟିର ଘରେ ରହିଥାନ୍ତି । ସ୍ୱତନ୍ତ୍ର ଘର ନଥିବାରୁ ହୋମ୍ ଆଇସୋଲେସନ୍ କଷ୍ଟକର ବ୍ୟାପାର । ଏହାଛଡା ଅଧିକାଂଶ ଲୋକଙ୍କ ଘର ଭିତରେ ପାଇଖାନା କି ଗାଧୁଆ ଘର ନଥିବାରୁ ଗାଁ ପୋଖରୀରେ ସ୍ନାନଶୌଚ କାର୍ଯ୍ୟ ସମ୍ପାଦନ ହୋଇଥାଏ ।

# ଲକ୍‌ଡାଉନ ବେଳେ ଆଳୁ ଚୋରା ଚାଲାଣ

ମାଲକାନଗିରି,୨୮।୩(ଡି.ଏନ୍.ଏ.)


ଚୋରାଚାଲାଣ ବେଳେ ଧରାପଡିଥିବା ଟ୍ରକ ।

ଲକ୍‌ଡାଉନ୍‌ର ସୁଯୋଗ ନେଇ ଆଳୁ କଳାବଜାର କରାଯାଉଥିବାବେଳେ ଖାଉଟି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିସ୍ଥିତିରେ ନ୍ୟସ୍ତସ୍ୱାର୍ଥ ବ୍ୟବସାୟୀ ଆଳୁ ଅନ୍ୟତ୍ର ଚାଲାଣ କରିବା ସମୟରେ ପୋଲିସ ଓ ପ୍ରଶାସନ ଦ୍ୱାରା ଧରାପଡ଼ିଛନ୍ତି। ଶୁକ୍ରବାର ମଧ୍ୟରାତ୍ରରେ ଉପଜିଲାପାଳ ରାମେଶ୍ୱର ପ୍ରଧାନ, ତହସିଲଦାର ଡ. ଗୁଣନିଧି ନାୟକ ଓ ଜିଲା ସଦର ଥାନା ଆଇଆଇସି ରାମପ୍ରସାଦ ନାଗ ପାଟ୍ରୋଲିଂ କରିବା ସମୟରେ ରିକ୍ଲାମେସନ କଲୋନୀଠାରେ ଏକ ୪୦୭ ଟ୍ରକ୍ (ଓଆର୍ ୧୦ଏଫ୍-୬୯୬୪)କୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରେ ଆଳୁ ବୋଝେଇ ହୋଇଥିବା ଏବଂ ଏହା ଅନ୍ୟତ୍ର ଚୋରାଚାଲାଣ କରାଯାଉଥିବା ଜଣାପଡ଼ିବା ପରେ ଟ୍ରକ୍ ଜବତ କରାଯିବା ସହ ଆଳୁ ଯୋଗାଣ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏଥିସହ ଘଟଣାରେ ସମ୍ପୃକ୍ତ ଆଳୁ ହୋଲସେଲର୍ ହରିପଦ ସରକାର ଓ ଟ୍ରକ୍ ଚାଳକ ଚିରଞ୍ଜୀବ ଚକ୍ରବର୍ତ୍ତୀଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏପରିକି ଏକ ଘରୋଇ ଆମ୍ବୁଲାନ୍ସରେ ମଧ ଆଳୁ ଚାଲାଣ ହେଉଥିବାବେଳେ ଚାଳକ ପୋଲିସକୁ ଦେଖି ଖସି ଚାଲିଯିବାକୁ ଉଦ୍ୟମ କରୁଥିଲେ। ଉକ୍ତ ଆମ୍ବୁଲାନ୍ସକୁ ମଧ ଠାବ କରାଯାଇଥିବାବେଳେ ଆମ୍ବୁଲାନ୍ସର ମାଲିକ ଏବଂ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି।

**ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ**

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶୀତ ଶୀତ ବୋଲି ନ ବୋଲ ମାଇପେ**
**ଶୀତ କି ମଣିଷ ଖାଏ,**
**ଶୀତକୁ ନ ମାନି ପାଇଟି କଲେଲୋ**
**ଶୀତ ବୋପାଘର ଯାଏ ।**

ଶୀତକୁ ଡରି ଅନେକେ କାମଦାମ କରି ନ ଥାନ୍ତି। ଘୋଡ଼ିଘାଡ଼ି ହୋଇ ଗୋଟିଏ ଜାଗାରେ ବସି ରହିବାକୁ ଉଚିତ ମଣିଥାନ୍ତି। ତେବେ ଶୀତକୁ ନ ଡରି ନିଜ ଦୈନନ୍ଦିନ କାର୍ଯ୍ୟ କରିବା ଦ୍ୱାରା ଶୀତ ଛାଡ଼ି ଚାଲି ଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସୁନା ଚିହ୍ନେ ବଣିଆ**
**ଗୁଣ ଚିହ୍ନେ ଗୁଣିଆ।**

ସୁନାଗହଣା କାରବାର କରୁଥିବା ବଣିଆ ସୁନାରେ କେତେ ପରିମାଣର ଖାଦ ମିଶିଛି କି ନାହିଁ ବା ସୁନା ଅସଲି ନା ନକଲି ତାହା ନିର୍ଭୁଲ ଭାବେ ଜାଣିପାରିଥାଏ। ସେହିପରି ଯାହା ପାଖରେ ଗୁଣ ବା ପ୍ରତିଭା ଥାଏ ସେହି ବ୍ୟକ୍ତି ଶ୍ରେଷ୍ଠ ବୋଲାଇଥାନ୍ତି। ଆଦର ସମ୍ମାନ ପାଇବା ସହ ପ୍ରଶଂସା ସାଉଁଟିଥାନ୍ତି। ଗୁଣି ବ୍ୟକ୍ତି ଗୁଣର ମହତ୍ତ୍ୱକୁ ଠିକ୍ ଚିହ୍ନି ପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଅନ୍ୟ ରାଜ୍ୟର ମାଓବାଦୀ ମାଲକାନଗିରି ଜଙ୍ଗଲରେ ବୁଲୁଥିବା ସନ୍ଦେହ

ମାଲକାନଗିରି,୨୮।୩ (ଡି.ଏନ୍.ଏ.)

ବର୍ତ୍ତମାନ କରୋନା ଦେଶବ୍ୟାପୀ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଏହି ରୋଗରୁ ମୁକ୍ତି ପାଇବା ପାଇଁ ମାଓବାଦୀମାନେ ଅନ୍ୟ ରାଜ୍ୟରୁ ଚାଲି ଆସି ମାଲକାନଗିରିର ବିଭିନ୍ନ ଜଙ୍ଗଲରେ ରହୁଥିବା ସନ୍ଦେହ କରାଯାଉଛି। ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳର ଗ୍ରାମବାସୀ ମାଓବାଦୀଙ୍କ ସଂସ୍ପର୍ଶରେ ନ ଆସିବା ଏବଂ ସେମାନଙ୍କ ସଭାରେ ଯୋଗ ନଦେବା, ସେମାନଙ୍କୁ ଆବଶ୍ୟକ ସାମଗ୍ରୀ, ନଦେବା, ସରକାରଙ୍କ ଜାରି ନିୟମାବଳୀ ମାନିବା ସହ ନିଜ ଘରେ ରହିବା ପାଇଁ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଇ ସଚେତନ ନାଗରିକ ମଞ୍ଚ ଅନୁରୋଧ କରିଛି। ଯଦି କୌଣସି ମାଓବାଦୀ ମାଲକାନଗିରିର ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ଥାନ୍ତି ତେବେ ସେମାନେ ଗ୍ରାମ ଗ୍ରାମ ବୁଲି ସଭା ସମିତି ନ କରିବା, ପ୍ରଶାସନକୁ ସହଯୋଗ କରି ନିଜେ ରୋଗମୁକ୍ତ ହେବା, ବନାଞ୍ଚଳବାସୀ କିପରି ରୋଗମୁକ୍ତ ରହିବେ ସେଥିପାଇଁ ସହଯୋଗ କରିବା, ନିଜ ଜୀବନକୁ ରକ୍ଷା କରିବା ଲାଗି ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମଞ୍ଚ ପରାମର୍ଶ ଦେଇଛି।

# ତାମିଲନାଡୁରେ ଫସିଥିବା ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜିଲା ପ୍ରଶାସନର ତତ୍ପରତା

ମାଲକାନଗିରି,୨୮।୩ (ଡି.ଏନ୍.ଏ)

ତାମିଲନାଡୁରେ ମାଲକାନଗିରି ଜିଲାର ୧୦ଜଣ ଶ୍ରମିକ ଫସିଥିବା ଖବର ଶନିବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ସେମାନଙ୍କୁ ଉଦ୍ଧାର କରିବା ଲାଗି ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ସେମାନେ ଫସି ରହିଥିବା ଏକ ଭିଡିଓ ମାଧ୍ୟମରେ ଜଣାଇଥିଲେ। ଏହାକୁ ପ୍ରଶାସନ ଗୁରୁତର ସହ ନେଇ ସମ୍ପୃକ୍ତ ଶ୍ରମିକମାନଙ୍କ ଠିକଣା ଏବଂ ଟେଲିଫୋନ ନମ୍ବର ଧରିତ୍ରୀ ଖବରଦାତାଙ୍କଠାରୁ ସଂଗ୍ରହ କରି ସେମାନଙ୍କ ସହ ଜିଲା ଶ୍ରମ ଅଧିକାରୀ ମଦନମୋହନ ପାଇକ ଯୋଗାଯୋଗ କରିଛନ୍ତି। ସେମାନେ କିପରି ମାଲକାନଗିରିକୁ ଫେରିବେ ସେଥିପାଇଁ ତାମିଲନାଡୁ ସରକାରଙ୍କ ସହ ଯୋଗାଯୋଗ କରାଯାଇ ଡାକ୍ତରୀ ପରୀକ୍ଷା ପରେ ସେମାନଙ୍କୁ ମାଲକାନଗିରି ଅଣାଯିବା ବ୍ୟବସ୍ଥା କରାଯିବ ବୋଲି ପାଇକ କହିଛନ୍ତି।

# ଆତ୍ମସମର୍ପଣ କଲେ ମାଓବାଦୀ ତୁଳସୀ

ଜୟପୁର,୨୮।୩(ଡି.ଏନ୍.ଏ./ନି.ପ୍ର.)

- ୨୦ରୁ ଉର୍ଦ୍ଧ୍ୱ ମାମଲାରେ ସମ୍ପୃକ୍ତ
- ୪ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିଲା

ଆନ୍ଧ୍ର-ଓଡ଼ିଶା ବର୍ଡର୍ ସ୍ପେଶଲ ଜୋନାଲ କମିଟିର ମାଓବାଦୀ ତୁଳସୀ ଉଲ୍ଲାକା ଶନିବାର କୋରାପୁଟ ଏସ୍‌ପି ମୁକେଶ୍ ଭାମୋଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ କୋରାପୁଟ ଜିଲା ନାରାୟଣପାଟଣା ଏରିଆ କମିଟି ମେମ୍ବର ଥିଲେ। ତୁଳସୀଙ୍କ ଘର ନାରାୟଣପାଟଣା ଥାନା ବାସନାପୁଟ ଗ୍ରାମରେ। ତାଙ୍କ ନାମରେ ଗୁଳି ବିନିମୟ, ପୋଲିସ ଓ ସାଧାରଣ ଲୋକଙ୍କୁ ହତ୍ୟା, ରାସ୍ତା ଅବରୋଧ ଓ ନିଆଁ ଲଗାଇବା ଭଳି ୨୦ ସଙ୍ଗୀନ ମାମଲା ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି। ତାଙ୍କ ମୁଣ୍ଡ ପାଇଁ ୪ ଲକ୍ଷ ଟଙ୍କା ପୁରସ୍କାର ରାଶି ମଧ ଘୋଷଣା କରାଯାଇଥିଲା। ତୁଳସୀ ୨୦୧୦ ଡିସେମ୍ବରରେ ୧୫ ବର୍ଷ ବୟସରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ସେଠାରେ ତାଙ୍କୁ ମିଲିଟାରି ତାଲିମ ସହ ୩୦୩ ରାଇଫଲ୍ ଚଳାଇବା ଶିକ୍ଷା ଦିଆଯାଇଥିଲା। ଏହା ପରଠାରୁ ସେ କୋରାପୁଟ ଜିଲାରେ ଘଟିଥିବା ଅନେକ ହିଂସାକାଣ୍ଡରେ ତାଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି।

# ୪୭ ଗିରଫ, ଶତାଧିକ ବାଇକ ଜବତ

ଜୟପୁର,୨୮।୩(ନି.ପ୍ର.)

**ବଢ଼ିଲା ଲକ୍‌ଡାଉନ୍ କଟକଣା**

କୋରାପୁଟ ଜିଲାରେ କଠୋର ନିଷ୍ପତ୍ତି ନେଇଛି ପୋଲିସ ଓ ଜିଲା ପ୍ରଶାସନ। କରୋନାକୁ ନେଇ କଟକଣା ଜାରି କରାଯାଇଥିବାବେଳେ ଦୈନିକ ବଜାରେ ଭିଡ଼ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିଥିଲା। ଫଳରେ ସାମାଜିକ ଦୂରତ୍ୱକୁ ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ଦୈନିକ ବଜାରକୁ ମୁଖ୍ୟ ରାସ୍ତାକୁ ସ୍ଥାନାନ୍ତର କରାଯାଇଛି। ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ ଗୋଲେଇ ଚିହ୍ନ କରାଯାଇଛି। ବ୍ୟବସାୟୀମାନେ ଆଳୁ ଗଚ୍ଛିତ କରି କଳାବଜାର କରୁଥିବା ଯୋଗୁ ଯୋଗାଣ ବିଭାଗ ପକ୍ଷରୁ ଗ୍ରାହକଙ୍କୁ ପିଆଜ କିଲୋ ୩୨ ଓ ଆଳୁ କିଲୋ ୨୩ ଟଙ୍କାରେ ବିକ୍ରି କରାଯାଉଛି। ପ୍ରତ୍ୟେକ ଗ୍ରାହକଙ୍କୁ ୨ କେଜି ଲେଖାଏ ଆଳୁ ଦିଆଯାଉଛି। ଅନ୍ୟପକ୍ଷରେ ଲକ୍‌ଡାଉନକୁ ଦୃଷ୍ଟିରେ ରଖି ସହରରେ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ହେଲେ ସରକାର ତଥା ପ୍ରଶାସନର ନିର୍ଦ୍ଦେଶକୁ ନ ମାନି କୋରାପୁଟ ଜିଲାରେ ୪୭ ଜଣ ଗିରଫ ହୋଇଛନ୍ତି। ପରିବା ବଜାରରେ ଗହଳି କରୁଥିବା ନେଇ ସେମିଳିଗୁଡ଼ା ପୋଲିସ ୪୧ ଜଣଙ୍କୁ ଗିରଫ କରିଛି। ସେହିପରି ନିୟମ ଉଲ୍ଲଂଘନ କରି କୁନ୍ଦୁରା ପୋଲିସ ଦ୍ୱାରା ୬ ଜଣ ଗିରଫ ହୋଇଥିବାବେଳେ ୪ ଗାଡ଼ି ଜବତ କରାଯାଇଛି। ଜୟପୁର ଟାଉନ୍ ପୋଲିସ ଦ୍ୱାରା ୧୮ ଗାଡ଼ି ଜବତ କରାଯାଇଥିବାବେଳେ ବୋରିଗୁମ୍ମାରେ ମଧ ୪୭ ବାଇକ୍ ଜବତ ହୋଇଛି। ଗାଡ଼ି ମାଲିକମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଲକ୍‌ଡାଉନ୍ ସମୟରେ କଳାବଜାର

କାଲିମେଳା,୨୮।୩(ଡି.ଏନ.ଏ)

କରୋନା ଭୂତାଣୁଠାରୁ ରକ୍ଷା ପାଇବା ଲାଗି ସାମାଜିକ ଦୂରତା ଏକମାତ୍ର ମାଧ୍ୟମ। ଏହାକୁ କଡାକଡି ପାଳନ କରିବା ଲାଗି ସରକାର ଗୁରୁତ୍ୱାରୋପ କରି ସମଗ୍ର ଦେଶରେ ତାଲାବନ୍ଦ ବା ଲକଡାଉନ ଘୋଷଣା କରିଛନ୍ତି । ଏହା ଆସନ୍ତା ଏପ୍ରିଲ ୧୫ ପର୍ଯ୍ୟନ୍ତ ବଳବତ୍ତର ରହିବ । ତେବେ ଆଦିବାସୀ ବହୁଳ ମାଲାକନଗିରି ଜିଲାର କାଲିମେଳା ବ୍ଲକରେ ଏହି ଲକଡାଉନର ସୁଯୋଗ ନେଇ କେତେକ ଅସାଧୁ ବ୍ୟବସାୟୀ ଅତ୍ୟାବଶ୍ୟକୀୟ ଖାଉଟି ସାମଗ୍ରୀର କଳାବଜାର କରିବାକୁ ପଛାଉନାହାନ୍ତି। ଏନେଇ ଅଭିଯୋଗ ଆସିବା ପରେ ଶନିବାର ତହସିଲଦାର ଅଲୋକ କୁମାର ଅନୁଗୁଳିଆ କାଲିମେଳା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଦୋକାନ ଉପରେ ଚଢାଉ କରଛନ୍ତି। ଲକଡାଉନ ସମୟରେ ଅତ୍ୟବଶ୍ୟକୀୟ ସାମଗ୍ରୀ ମିଳୁଥିବା ଦୋକାନଗୁଡ଼ିକ ଖୋଲା ରହିବ ବୋଲି ସରକାର ଘୋଷଣା କରିଥିବା ବେଳେ କେତେକ ବ୍ୟବସାୟୀ ବିଭିନ୍ନ ସାମଗ୍ରୀର ଦର ଧାର୍ଯ୍ୟ ଦରଠାରୁ ଅଧିକ ନେଉଛନ୍ତି। ଏହା ଜଣାପଡିବା ପରେ ଶନିବାର କାଲିମେଳା, ଏମଭି-୯୦ ଅଞ୍ଚଳର କେତେକ ଦେକାନ ଉପରେ ଚଢାଉ କରାଯାଇଛି।

## ହାଇଦ୍ରାବାଦ, ପୁଣେରୁ ଫେରିବା ଅପେକ୍ଷାରେ ୫୨ଶ୍ରମିକ

ଲୋଇସିଂହା, ୨୮।୩(ଡି.ଏନ.ଏ.)

ସମଗ୍ର ଦେଶରେ ୨୧ଦିନର ଲକ୍‌ଡାଉନ୍ ଘୋଷଣା ପରେ ହାଇଦ୍ରାବାଦ ଓ ପୁନେକୁ କାମ କରିବାକୁ ଯାଇଥିବା ବଲାଙ୍ଗୀର ଓ ବରଗଡ ଜିଲାର ୫୨ ଦାଦନ ଶ୍ରମିକ ଘରକୁ ଫେରି ପାରୁ ନାହାନ୍ତି। ସମସ୍ତ ଯାତାୟତ ମାଧ୍ୟମ ବ୍ୟାହତ ହୋଇଥିବାରୁ ସେମାନେ ସେହିଠାରେ ଅଟକି ରହି ଭୋକଉପାସରେ ଦିନ କାଟୁଛନ୍ତି। ଏବେ ସେମାନେ ଉଦ୍ଧାର ପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ଲୋଇସିଂହା ଥାନା ଅନ୍ତର୍ଗତ ବୁରୋଭାଡି, ଆମାମୁଣ୍ଡା ଓ ଡୁମେରପାଲି ଗାଁର ଶତ୍ରୁଘ୍ନ ରାଏ, ସଂପତି ଜାଲ, ବସନ୍ତ ଜାଲ, ପିଣ୍ଟୁ ରାଏ, ଶ୍ରୀପତି ଜାଲ,ଜିତେନ୍ଦ୍ର ସାହୁ, ଅନୀଲ ମିର୍ଦ୍ଧା, ହେମନ୍ତ ବାଗ, ସୂର୍ଯ୍ୟ ସେଠ, ଚନ୍ଦ୍ର ସେଠ, ଅକ୍ଷୟ ପ୍ରଧାନ ଓ ବୁଲା ସେଠ ପ୍ରମୁଖଙ୍କ ସହ ୧୨ରୁ ଉର୍ଦ୍ଧ୍ୱ ଶ୍ରମିକ ହାଇଦ୍ରାବାଦର ଏକ ହୋଟେଲରେ କାମ କରୁଥିଲେ।

# ଘର ମାଲିକ, ଆମେରିକା ଫେରନ୍ତା ଯୁବକଙ୍କ ନାଁରେ ମାମଲା

ଗୁଣପୁର,୨୮।୩(ଡି.ଏନ୍.ଏ.)

କରୋନା ମହାମାରୀ ମୁକାବିଲା ପାଇଁ କେନ୍ଦ୍ର ସରକାର ୨୧ ଦିନର କଟକଣା ଲାଗୁ କରିଛନ୍ତି। ସମଗ୍ର ଦେଶକୁ ଲକ ଡାଉନ କରାଯାଇଛି। କିନ୍ତୁ ରାୟଗଡ଼ା ଜିଲା ଗୁଣପୁରଠାରେ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଛି। ବିଭିନ୍ନ ସ୍ଥାନରେ ଲୋକେ ବାହାରକୁ ବାହାରି ଲକ୍‌ଡାଉନକୁ ଅମାନ୍ୟ କରୁଛନ୍ତି। ସକାଳ ସମୟରେ ଶହଶହ ଲୋକ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ ଜମା ହେଉଛନ୍ତି। ବିଭିନ୍ନ ବାହାନରେ ସେମାନେ ଗାଡ଼ି ଚଳାଚଳ କରୁଛନ୍ତି। ଲୋକଙ୍କୁ ଏତେମାତ୍ରାରେ ସଚେତନ କରାଯାଉଥିଲେ ମଧ ସେମାନେ ବୁଝିବାକୁ ନାରାଜ। ଅନ୍ୟପକ୍ଷରେ ପୋଲିସ ଶନିବାର ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗରେ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ପୁରୁଣା ଗୁଣପୁର ଜଗନ୍ନାଥ ମନ୍ଦିର ନିକଟ ଅଞ୍ଚଳରେ ନେତ୍ରାନନ୍ଦ ନାୟକ ୨୦ ଜଣ ଶ୍ରମିକଙ୍କୁ ନେଇ ଘର ନିର୍ମାଣ କାମ କରୁଥିଲେ। ବାରଣ ସତ୍ତ୍ୱେ ସେ ଘରକାମ କରୁଥିବାରୁ ତାଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ କହିଛନ୍ତି। ସେହିଭଳି ଗତ ୧୬ ଫେବୃୟାରୀରୁ ଗୁଣପୁରର ଦେଓନଗର ଅଞ୍ଚଳକୁ ଆମେରିକାରୁ ଫେରିଥିବା ଜଣେ ଯୁବକ ଦୀର୍ଘ ଦିନ ହେବ ନାମ ପଞ୍ଜିକରଣ କରି ନାହାନ୍ତି। ତାଙ୍କ ସ୍ୱାସ୍ଥ୍ୟଭଲ ଥିଲେ ମଧ ୧୪ ଦିନ କ୍ୱାରାଣ୍ଟାଇନରେ ନ ରହି ନିୟମ ଉଲ୍ଲଂଘନ କରି ବୁଲାବୁଲି କରୁଥିଲେ। ତାଙ୍କ ନାମରେ ମଧ ମାମଲା ହୋଇଛି। ସେହିପରି ସ୍ୱାସ୍ଥ୍ୟ ବିଭାଗ ଗୁଣପୁର ଅଞ୍ଚଳର ୫ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିବା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡ. ରମେଶ ଚନ୍ଦ୍ର ସାହୁ କହିଛନ୍ତି।

# ହରିୟାଣାର ୧୦ ବଞ୍ଜାରା ପରିବାରଙ୍କୁ ସହାୟତାର ହାତ ବଢାଇଲା ରୋଟାରି କ୍ଲବ

ମାଲକାନଗିରି,୨୮।୩ (ଡି.ଏନ୍.ଏ.)


ସହାୟତା ଦେବାକୁ ପହଞ୍ଚିଛନ୍ତି ରୋଟାରି କ୍ଲବ ସଦସ୍ୟ ।

ମାଲକାନଗିରି ଜିଲା ସଦର ମହକୁମାରେ ହରିୟାଣାର ୧୦ଟି ପରିବାର ଦୀର୍ଘ ଏକବର୍ଷ ହେଲା ବିଭିନ୍ନ ସ୍ଥାନରେ ରହି କାଗଜଫୁଲ ଓ ଜଡିବୁଟି ବିକ୍ରି କରି ଜୀବନ ବିତାଉଥିଲେ। ବର୍ତ୍ତମାନ କରୋନା ଯୋଗୁ ଜିଲାରେ କୌଣସି ଗାଡିମୋଟର ଯାତାୟାତ କରୁନାହିଁ। ସାରା ଦେଶରେ ବସ୍ ସେବା, ରେଳସେବା ବନ୍ଦ ରହିଛି। ଏପରି ସ୍ଥଳେ ଭୋକ ଉପାସରେ ଥିବା ଏହି ବଞ୍ଜାରାମାନଙ୍କୁ ମାଲକାନଗିରି ଜିଲା ରୋଟାରି କ୍ଲବ ସହାୟତାର ହାତ ବଢାଇଛି। ଶନିବାର ରୋଟାରି କ୍ଲବ ସଭାପତି ସୁରେନ୍ଦ୍ର ପାଢୀଙ୍କ ନେତୃତ୍ୱରେ କ୍ଲବର ୧୦ ସଦସ୍ୟ ଏବଂ ମାଲକାନଗିରି ଥାନା ଆଇଆଇସି ରାମ ପ୍ରସାଦ ନାଗ ଜୟପୁରିଆଗୁଡା ନିକଟରେ ଅସ୍ଥାୟୀ ତମ୍ବୁରେ ରହୁଥିବା ୧୦ ପରିବାରଙ୍କୁ ଅଟା, ତେଲ, ବିସ୍କୁଟ୍ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ଯେ ପର୍ଯ୍ୟନ୍ତ କଟକଣାଜନିତ ଅଚଳାବସ୍ଥା ଦୂର ହୋଇନାହିଁ ସେ ପର୍ଯ୍ୟନ୍ତ ରୋଟାରି କ୍ଲବ ପକ୍ଷରୁ ଏମାନଙ୍କ ଦୈନିକ ଖାଦ୍ୟପେୟ ବ୍ୟବସ୍ଥା କରାଯାଉଥିବ ବୋଲି ପାଢୀ କହିଛନ୍ତି।



“କୋଭିଡ୍-୧୯ ପାଇଁ ସାରା ବିଶ୍ୱରେ ଏବେ ସଙ୍କଟଜନକ ସ୍ଥିତି ଉପୁଜିଛି। ଦାଦନ ଶ୍ରମିକଙ୍କୁ ବର୍ତ୍ତମାନ ଯଦି ଖାଦ୍ୟ ଉପଲବ୍ଧ ନ ହୁଏ ତେବେ ଏଥିଲାଗି ଦଙ୍ଗାସ୍ଥିତି ଉପୁଜିପାରେ ।

– ପ୍ରଣବ ସେନ୍, ପୂର୍ବତନ ମୁଖ୍ୟ ପରିସଂଖ୍ୟାନବିତ୍



“ଅର୍ଥବ୍ୟବସ୍ଥାର ଚ୍ୟାଲେଞ୍ଜି ସ୍ଥିତିକୁ ବିଚାର କରି ରିଜର୍ଭ ବ୍ୟାଙ୍କ ବିହୀତ ପଦକ୍ଷେପ ଗ୍ରହଣ କରିଛି। କେନ୍ଦ୍ରୀୟ ବ୍ୟାଙ୍କର ବିଭିନ୍ନ ପଦକ୍ଷେପ ଅର୍ଥ ବ୍ୟବସ୍ଥାକୁ କରୋନା ପ୍ରଭାବ ବିରୋଧରେ ଲଢିବା ଲାଗି ସହାୟତା କରିବା ନେଇ ଆଶାବାଦୀ ।

– ସିଏଚ୍.ଏସ୍.ଏସ୍.ମଲ୍ଲିକାର୍ଜୁନ ରାଓ, ସିଇଓ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ

# ନଗଦ ଉପଲବ୍ଧରେ ହେବନି ଅସୁବିଧା

**ନୂଆଦିଲ୍ଲୀ, ୨୮। ୩:** ବର୍ତ୍ତମାନ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଥିବା ବେଳେ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇଯାଇଛି। ବ୍ୟାଙ୍କ ଜରୁରିକାଳୀନ ସେବା ମଧ୍ୟରେ ରହିଥିବାରୁ ଶାଖାଗୁଡିକୁ ବନ୍ଦ କରାଯାଇନାହିଁ। ବର୍ତ୍ତମାନ ଲକ୍‌ଡାଉନ ଯୋଗୁ ବଜାରରେ ନଗଦ ଉପଲବ୍ଧତା ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିଛି। ଏହି ପ୍ରସଙ୍ଗକୁ କେନ୍ଦ୍ର ସରକାର ଉପଲବ୍ଧି କରିବା ସହ ଲୋକଙ୍କୁ ଠିକ୍ ସମୟରେ ଯେଭଳି ନଗଦ ଉପଲବ୍ଧ ହେବ ସେ ନେଇ ପଦକ୍ଷେପ ନେବେ ବୋଲି ଜଣାପଡିଛି। ଏହି ପ୍ରସଙ୍ଗରେ ବ୍ୟାଙ୍କଗୁଡିକ ସହ ଆଲୋଚନା କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ସୂଚନା ଦେଇଛନ୍ତି। ବ୍ୟାଙ୍କଗୁଡିକ ନଗଦ ପ୍ରବାହକୁ ଜାରି ରଖିବା ସହ ସମସ୍ତଙ୍କ ନିକଟରେ ନଗଦ ଉପଲବ୍ଧ କରାଇବାକୁ ବ୍ୟାଙ୍କଗୁଡିକ

## ବ୍ୟାଙ୍କଗୁଡିକ ସହ ଆଲୋଚନା କରିବେ ସୀତାରାମନ



ସହ ଆଲୋଚନା କରିବେ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି।

ଏହାବାଦ କ୍ୟାଶ୍ ନେବା ଆଣିବା ଦିଗରେ ରାଜ୍ୟ ସ୍ତରରେ ଯେଭଳି କୌଣସି ଅସୁବିଧା ନ ହୁଏ ତାଙ୍କୁ ମଧ୍ୟ ସରକାର ଧ୍ୟାନରେ ରଖିଛନ୍ତି। କ୍ୟାଶ, ବ୍ୟାଙ୍କର, ଭେଣ୍ଡର ଏବଂ ବ୍ୟାଙ୍କ ମିତ୍ରମାନଙ୍କ ପାଇଁ କାର୍ଯ୍ୟ କ୍ଷେତ୍ରରେ କୌଣସି ଅସୁବିଧା ନ ହେଲା ଭଳି ବିକଳ୍ପ ବାହାର କରିବା ନିମନ୍ତେ ରାଜ୍ୟଗୁଡିକ ସହ ଆଲୋଚନା କରିବା ଲାଗି ଅର୍ଥମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। କରୋନା ଲକ୍‌ଡାଉନ ଯୋଗୁ ଲୋକମାନଙ୍କ ସୁବିଧା ଲାଗି ସରକାର ବ୍ୟାଙ୍କ ଖାତାରେ ଅର୍ଥ ପ୍ରଦାନ ସହ ଗରିବ ଲୋକ, ଦିବ୍ୟାଙ୍ଗ, ବିଧବା, କୃଷକ, ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କ ଲାଗି ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଘୋଷଣା କରିଛନ୍ତି। ବର୍ତ୍ତମାନର କଷ୍ଟ ସମୟରେ ମଧ୍ୟ ଲୋକଙ୍କୁ ବ୍ୟାଙ୍କ ସେବା ଯୋଗାଇ ଦେଉଥିବାରୁ ସୀତାରାମନ ବ୍ୟାଙ୍କ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ (ଆଇବିଏ) ସୂଚନା ମୁତାବକ ଶୁକ୍ରବାର ୧.୦୫ ଲକ୍ଷ ବ୍ୟାଙ୍କ ଶାଖା ଖୋଲା ରହିଥିଲା। ବ୍ୟାଙ୍କ ଶନିବାର ଏବଂ ରବିବାର ବନ୍ଦ ରହିବ। ଅତି ଜରୁରୀ ନ ହେଲେ ବ୍ୟାଙ୍କ ଶାଖା ନ ଆସିବା ଏବଂ ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ଲୋକଙ୍କୁ ଆଇବିଏ ପକ୍ଷରୁ ନିବେଦନ କରାଯାଇଛି। ଏହାବାଦ କାଉଣ୍ଟରକୁ ସ୍ପର୍ଶ ନ କରିବା, ନେଣ ଦେଶ ପୂର୍ବରୁ ଏବଂ ପରେ ବ୍ୟାଙ୍କ କର୍ମଚାରଙ୍କଠାରୁ ଠିକ୍ ଦୂରତ୍ୱ ବଜାୟ ରଖିବା ନେଇ ଆଇବିଏ ନିବେଦନ କରିଛି। ବ୍ୟାଙ୍କ ଶାଖାରେ ଭିଡ ନ ଜମାଇବା, ଧାଡିରେ ୧ରୁ ୧.୫ ମିଟର ଦୂରତା ବଜାୟ ରଖିବା ଏବଂ ଶାଖାରେ ଗୋଟିଏ ଥର ୫ରୁ ୬ ଗ୍ରାହକ ପ୍ରବେଶ କରିବା ଲାଗି କୁହାଯାଇଛି। କାଶ ଏବଂ ଥଣ୍ଡା ଲକ୍ଷଣ ରହିଥିଲେ ବ୍ୟାଙ୍କକୁ ନେଣଦେଣ ଲାଗି ନ ଆସିବା ବରିଷ୍ଠ ନାଗରିକ ଏବଂ ଶିଶୁ ମାନେ ଶାଖା ନ ଆସିବାକୁ ଆଇବିଏ ନିବେଦନ କରିଛି। ଶାଖାରେ ପ୍ରବେଶ କରିବା ବେଳେ ଆବଶ୍ୟକ କାଗଜ ପତ୍ର ସହ ଗ୍ଲୋବସ, ସାନିଟାଇଜର, ମାସ୍କ ବ୍ୟବହାର କରି ଶାଖାରେ ପ୍ରବେଶ କରିବାକୁ ନିୟମ ରହିଥିବା ଜଣାପଡିଛି।



## ମୋରାଟୋରିୟମରେ ସାମିଲ କ୍ରେଡିଟ କାର୍ଡ ଇଏମ୍‌ଆଇ

**ନୂଆଦିଲ୍ଲୀ, ୨୮।୩:** ବର୍ତ୍ତମାନ ସାରାଦେଶରେ ଏବେ ଲକ୍‌ଡାଉନ ଘୋଷଣା ହୋଇଥିବା ବେଳେ ଲୋକଙ୍କୁ ବିଭିନ୍ନ ଋଣ କ୍ଷେତ୍ରରେ କିସ୍ତି ବା ଇଏମ୍‌ଆଇ ପ୍ରଦାନରେ ରିଜର୍ଭ ବ୍ୟାଙ୍କ ଆଗାମୀ ୩ ମାସ ଲାଗି କୋହଳ ବ୍ୟବସ୍ଥା କରାଯାଇଛି। ଏହା ସମସ୍ତ ପ୍ରକାରର ଟର୍ମ ଲୋନ ଉପରେ କାର୍ଯ୍ୟକାରୀ ହେବ। ଏହି ଘୋଷଣାକୁ କ୍ରେଡିଟ କାର୍ଡ ଇଏମ୍‌ଆଇ ବାଦ ଦିଆଯାଇଥିବା ଏକ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୋରାଟୋରିୟମ ମଧ୍ୟରେ କ୍ରେଡିଟ କାର୍ଡ ଇଏମ୍‌ଆଇ ସାମିଲ ରହିଥିବା ସୂଚନା ଦିଆଯାଇଛି। ଏହା ଫଳରେ କ୍ରେଡିଟ କାର୍ଡ ଲୋନ ନେଇଥିବା ବ୍ୟକ୍ତି ବ୍ୟକ୍ତିଙ୍କୁ ଇଏମ୍‌ଆଇ କ୍ଷେତ୍ରରେ ଆଶ୍ୱସ୍ତି ମିଳିଛି। ଏହାବାଦ ସମସ୍ତ ପ୍ରକାରର ରିଟେଲ ଋଣ, କ୍ରେଡିଟ କାର୍ଡ ବକେୟା, କମ୍ପାନୀଗୁଡିକୁ ପ୍ରଦାନ କରାଯାଇଥିବା ଋଣ, କୃଷି ଋଣ ଭଳି ଅନ୍ୟ କେତେକ ଋଣକୁ ମୋରାଟୋରିୟମ ମଧ୍ୟରେ ସାମିଲ କରାଯାଇଛି। ଏହି ସମୟରେ ବକେୟା ରାଶି ଉପରେ ସୁଧ ଲାଗିବ ବୋଲି କୁହାଯାଇଛି। ସୁଧରେ କୌଣସି ପ୍ରକାରର ଛାଡ କରାଯାଇନାହିଁ।

## ଲକ୍‌ଡାଉନରୁ କୃଷି ଆନୁଷଙ୍ଗିକ କ୍ଷେତ୍ର ବାଦ୍

**ନୂଆଦିଲ୍ଲୀ ୨୮। ୩:** କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର କାର୍ଯ୍ୟକଳାପକୁ ଲକ୍‌ଡାଉନରୁ ବାଦ୍ ଦିଆଯାଇଛି। ରବି ଫସଲ ଅମଳକୁ ଠିକ୍ ଭାବେ ପରିଚାଳନା କରାଇବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇଥିବା କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଶନିବାର ସୂଚନା ଦେଇଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ଦେଶର ଖାଦ୍ୟ ନିରାପତ୍ତା ବଜାୟ ରଖାଯାଇ ପାରିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଲକ୍‌ଡାଉନ ଯୋଗୁ କୃଷକମାନେ ଯେଭଳି କୌଣସି ସମସ୍ୟା ସାମ୍ନା ନ କରନ୍ତି ତାକୁ ଧ୍ୟାନରେ ରଖାଯାଇଛି। ସରକାରଙ୍କ ନିର୍ଦ୍ଦେଶକୁ ବିଭିନ୍ନ ମନ୍ତ୍ରଣାଳୟ ଏବଂ ରାଜ୍ୟଗୁଡିକ ଠିକ୍ ଭାବେ ପାଳନ କରିବା ଲାଗି କୁହାଯାଇଛି। କୃଷକ ଏବଂ ଫାର୍ମ ଅର୍ଗାନାଇଜେଶନଗୁଡିକର ଦାବି ଆଧାରରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ତୋମାର କହିଛନ୍ତି। କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ, କଷ୍ଟମ ହାୟାରିଂ ସେଣ୍ଟର, କୃଷି ଉତ୍ପାଦନକାରୀ, ମଣ୍ଡି, ପ୍ରକ୍ୟୋରମେଣ୍ଟ ଏଜେନ୍ସିଗୁଡିକ ଲକ୍‌ଡାଉନ ପରିସରରୁ ବାହାରେ ଅଛନ୍ତି। ସେହିଭଳି ସାର ଦୋକାନଗୁଡିକ ଖୋଲିବା ଲାଗି କୁହାଯାଇଛି। ଏହାବାଦ ବର୍ତ୍ତମାନ ସାର, କୀଟନାଶକ ଉତ୍ପାଦନ ପାଇଁ ଅନୁମତି ପ୍ରଦାନ କରାଯାଇଛି। କୃଷି କାର୍ଯ୍ୟ ଲାଗି ଫାର୍ମ ଯନ୍ତ୍ରାଂଶ ନେବା ଆଣିବା ଉପରେ ମଧ୍ୟ କଟକଣା ଲାଗିବ ନାହିଁ ବୋଲି ନିୟମ ରହିଛି।



## ପେମେଣ୍ଟ ଲାଗି ବିଦ୍ୟୁତ୍ ବିତରଣ କମ୍ପାନୀଙ୍କୁ ୩ମାସ ସମୟ

ବିଦ୍ୟୁତ୍ ଉତ୍ପାଦନ କମ୍ପାନୀଗୁଡିକୁ ବକେୟା ଦେୟ ପ୍ରଦାନ ଲାଗି ବିତରଣ କମ୍ପାନୀଙ୍କୁ ୩ ମାସ ଅଧିକ ସମୟ ଦିଆଯାଇଛି। ଲକ୍‌ଡାଉନ ସମୟରେ ବିତରଣ କମ୍ପାନୀଗୁଡିକ ଚବିଶ ଘଣ୍ଟିଆ ବିଦ୍ୟୁତ ଯୋଗାଣ କରିବା ଲାଗି ଏଭଳି ପଦକ୍ଷେପ ସମ୍ପର୍କରେ ସରକାର ଶନିବାର ଘୋଷଣା କରିଛନ୍ତି। ବିଦ୍ୟୁତ୍ ଉତ୍ପାଦନ କମ୍ପାନୀଙ୍କଠାରୁ ବିଦ୍ୟୁତ୍ ନେବାକୁ ହେଲେ ଲେଟର ଅଫ କ୍ରେଡିଟ ଜାରି କରିବା ଲାଗି ସରକାର ଗତ ବର୍ଷ ଅଗଷ୍ଟରେ ନିର୍ଦ୍ଦେଶ ଦେଇଥିଲେ। ଦିନିକିଆ ଅଗ୍ରୀମ ପେମେଣ୍ଟ ଦ୍ୱାରା ସୁବିଧା ନେବାକୁ ମଧ୍ୟ ବିତରଣ କମ୍ପାନୀଗୁଡିକୁ ବିକଳ୍ପ ପ୍ରଦାନ କରାଯାଇଥିଲା। ଏବେ ବିତରଣ କମ୍ପାନୀଗୁଡିକ ବୃହତ୍ତ ପରିମାଣର ବକେୟା ରଖିଛନ୍ତି। ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ଲାଗି ବିଦ୍ୟୁତ ମନ୍ତ୍ରଣାଳୟ ପକ୍ଷରୁ ପେମେଣ୍ଟ ସିକ୍ୟୁରିଟିକୁ ମଧ୍ୟ ୫୦%କୁ ହ୍ରାସ କରାଯାଇଛି। ବିଳମ୍ବ ଦେୟ ପ୍ରଦାନ କ୍ଷେତ୍ରରେ କୌଣସି ଜରିମାନା ଲାଗୁ ନ କରିବା ଏବଂ କମ୍ପାନୀଗୁଡିକୁ ୩ ମାସର ମୋରାଟୋରିୟମ୍ ଦେବାକୁ ବିଦ୍ୟୁତ ନିୟାମକ ସିଇଆର୍‌ସିକୁ କୁହାଯାଇଛି। ଏହାବାଦ ରାଜ୍ୟଗୁଡିକ ସମାନ ପରାମର୍ଶ ରାଜ୍ୟ ବିଦ୍ୟୁତ ନିୟାମକ କମିଶନକୁ ଦେବାକୁ କେନ୍ଦ୍ର ସରକାର କହିଛନ୍ତି। ବିଦ୍ୟୁତ୍ ଯୋଗାଣ ଯେଭଳି ନିରନ୍ତର ଭିତ୍ତିରେ ହେବ ତାକୁ ନଜରରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଶକ୍ତିମନ୍ତ୍ରୀ ଆର୍.କେ.ସିଂ ସୂଚନା ଦେଇଛନ୍ତି।



## ନିରନ୍ତର କୋଇଲା ଯୋଗାଣ ନେଇ ପଦକ୍ଷେପ

ଲକ୍‌ଡାଉନ ସମୟରେ ଜରୁରୀକ୍ଷେତ୍ରଗୁଡିକୁ ନିରନ୍ତର କୋଇଲା ଯୋଗାଣ ଜାରି ରଖିବା ଲାଗି କୋଇଲା ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏବେ ଦେଶର ଶକ୍ତି ଉତ୍ପାଦନକାରୀ ପ୍ଲାଣ୍ଟଗୁଡିକରେ ୪୧.୮ ନିୟୁତ ଟନ୍ କୋଇଲା ଗଚ୍ଛିତ ରହିଛି। ଏହା ଆଗାମୀ ୨୪ ଦିନ ଲାଗି ଜରୁରୀ ଆବଶ୍ୟକତା ମେଣ୍ଟାଇ ପାରିବ।କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲାଦ ଜୋଷୀ କହିଛନ୍ତି ଯେ, ଜରୁରୀ କ୍ଷେତ୍ରଗୁଡିକ ଯେଭଳି କୋଇଲା ଯୋଗାଣ ବାଧାପ୍ରାପ୍ତ ନ ହୁଏ ତାକୁ ଧ୍ୟାନରେ ରଖି କାର୍ଯ୍ୟକରିବା ଦିଗରେ ମନ୍ତ୍ରଣାଳୟ ସଜାଗ ରହିଛି। ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ମାନେ ସ୍ଥିତି ଉପରେ ପ୍ରତ୍ୟକ୍ଷ ଭାବେ ନଜର ରଖିଛନ୍ତି। କୋଇଲା ସଚିବ ଅନୀଲ କୁମାର ଜୈନ ଭିଡିଓକନଫରେନ୍ସ ଯୋଗେ ବୈଠକ କରିବା ସହ ଅଂଶୀଦାରଙ୍କ ସହ ଆଲୋଚନା କରିଛନ୍ତି। ସ୍ଥିତି ଉପରେ ମନ୍ତ୍ରଣାଳୟ ଦୈନିକ ଭିତ୍ତିରେ ରିପୋର୍ଟ ସଂଗ୍ରହ କରୁଛି।



# ସମ୍ପୂର୍ଣ୍ଣ ଟିକେଟ ବାତିଲ ଅର୍ଥ ଫେରାଇବ ରେଳୱେ

### ଅଣଏସି ଟ୍ରେନ୍‌ରେ ଆସିବ ଆଇସୋଲେଶନ ୱାର୍ଡ

କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ରୋଗୀଙ୍କ ଲାଗି ରେଳୱେ ପକ୍ଷରୁ ଏକ ପ୍ରଟୋଟାଇପ ବା ପ୍ରତୀକାତ୍ମକ ଆଇସୋଲେଶନ ୱାର୍ଡ ମାନୁଫାକଚର କରାଯାଇଛି। କରୋନା ରୋଗୀଙ୍କୁ ଚିକିତ୍ସା ଲାଗି ଅଣ ଏସି ଟ୍ରେନର କୋଚ୍‌କୁ ଏଭଳି ୱାର୍ଡରେ ରୂପାନ୍ତରିତ କରାଯାଇଛି ବୋଲି ଶନିବାର ରେଳୱେ ପକ୍ଷରୁ ସୂଚନା ରହିଛି। କରୋନା ପାଇଁ ସର୍ବୋତ୍ତମ ଚିକିତ୍ସା ପଦ୍ଧତି ଉନ୍ନତୀକରଣ ହେଲେ ରେଳୱେ ଆଗାମୀ ଦିନରେ ପ୍ରତି ଜୋନରେ ୧୦ କୋଚ୍ ବିଶିଷ୍ଟ ରେକ୍ ନିୟୋଜିତ କରିବ ବୋଲି ରେଳପଥ ପକ୍ଷରୁ ସୂଚନା ରହିଛି। ଆବଶ୍ୟକ ମୁତାବକ ଏହି କୋଚ୍‌ଗୁଡିକ ଦ୍ୱାରା ସେବା ଯୋଗାଣ ହେବ ବୋଲି ଉତ୍ତର ରେଳୱେର ମୁଖପାତ୍ର ଦୀପକ କୁମାର ସୂଚନା ଦେଇଛନ୍ତି।

**ନୂଆଦିଲ୍ଲୀ, ୨୮।୩:** କୋଭିଡ-୧୯ ସଂକ୍ରମଣକୁ ରୋକିବା ଲାଗି ଏବେ ସାରା ଦେଶରେ ପାସେଞ୍ଜର ଟ୍ରେନ ଚଳାଚଳକୁ ବନ୍ଦ କରାଯାଇଛି। ସମସ୍ତ ରେଳଯାତ୍ରୀଙ୍କ ଟିକେଟକୁ ଆଗାମୀ ଏପ୍ରିଲ ୧୪ ଯାଏ ବାତିଲ କରି ଦିଆଯାଇଛି। ୨୧ ମାର୍ଚ୍ଚରୁ ଏପ୍ରିଲ ୧୪ ପର୍ଯ୍ୟନ୍ତ ଯାତ୍ରା ଅବଧିର ସମସ୍ତ ଟିକେଟ ବାବଦ ଅର୍ଥ ସମ୍ପୂର୍ଣ୍ଣ ଭାବେ ଫେରସ୍ତ କରିବା ଲାଗି ଭାରତୀୟ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଟିକେଟ ଅର୍ଥ ଫେରସ୍ତ ନିୟମରେ ଛାଡ ଜାରି ରଖିବା ଲାଗି ମାର୍ଚ୍ଚ ୨୧ରେ କାର୍ଯ୍ୟକାରୀ ହୋଇଥିବା ନିର୍ଦ୍ଦେଶ ଅଧୀନ ଏହି ଅତିରିକ୍ତ ପଦକ୍ଷେପ ହାତକୁ ନିଆଯିବ। ୨୭ ତାରିଖ ପୂର୍ବରୁ ବାତିଲ ହୋଇଥିବା ଟିକେଟ ଅର୍ଥ ଫେରିପାଇବା ଲାଗି ଯାତ୍ରୀଙ୍କୁ ଟିକେଟ ଜମା ରସିଦ ବା ଟିଡିଆର୍ ଦେବାକୁ ପଡିବ। ରିଫଣ୍ଡ ବାଲାନ୍ସ ଅର୍ଥ ପାଇବା ଲାଗି ପୂରଣ ହୋଇଥିବା ଫର୍ମ ଯେକୌଣସି ଜୋନାଲ ରେଳୱେ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ କିମ୍ବା ମୁଖ୍ୟ ଦାବି ଅଧିକାରୀଙ୍କୁ ୨୧ ଜୁନ ସୁଦ୍ଧା ଜମା କରିବାକୁ ହେବ। ବ୍ୟବହାରିକ ଉପଯୋଗ ଲାଗି ଉଦ୍ଦିଷ୍ଟ ଫର୍ମ ରେଳପଥ ପକ୍ଷରୁ ପ୍ରଦାନ କରାଯିବ। ଏହା ମାଧ୍ୟମରେ ଯାତ୍ରୀ ଟିକେଟ ରଦ୍ଦ କରିବା ସମୟରେ କଟାଯାଇଥିବା ଅର୍ଥ ରାଶି ଫେରିପାଇବାକୁ ସୁବିଧା ଲାଭ କରିପାରିବେ। ୨୭ ତାରିଖ ପୂର୍ବରୁ ବାତିଲ ହୋଇଥିବା ଟିକେଟ ପାଇଁ ସମ୍ପୂର୍ଣ୍ଣ ଦେୟ ପ୍ରଦାନ କରାଯିବ। ଯେଉଁ ଆକାଉଣ୍ଟ ଦ୍ୱାରା ଯାତ୍ରୀଙ୍କ ଟିକେଟ ବୁକିଂ ହୋଇଥିଲା ସେଥିରେ ବାଲାନ୍ସ ରିଫଣ୍ଡ ରାଶି ଜମା କରିଦିଆଯିବ। ରିଫଣ୍ଡ ରାଶି ପ୍ରଦାନ କରିବା ଲାଗି ଆଇଆର୍‌ସିଟିସି ଏକ ଚାର୍ଟ ପ୍ରସ୍ତୁତ କରିବ। ଟିକେଟ ବାତିଲ ଅର୍ଥ ଫେରାଇବା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ରେଳପଥ ପକ୍ଷରୁ ସୂଚନା ରହିଛି।



# ଟାଟା ସନ୍ସ ଦେଲା ୧୦୦୦ କୋଟି

**ନୂଆଦିଲ୍ଲୀ, ୨୮। ୩:** କୋଭିଡ ଲଢେଇ ଲାଗି ସାରା ଦେଶର ଉଦ୍ୟୋଗପତି ନିଜର ଯୋଗଦାନ ରଖୁଛନ୍ତି। କରୋନା ମୁକାବିଲା ଲାଗି ଟାଟା ଟ୍ରଷ୍ଟ ପକ୍ଷରୁ ୫୦୦ କୋଟି ଟଙ୍କା ପ୍ରଦାନ ନେଇ ଘୋଷଣା କରାଯାଇଛି। ଟାଟା ଗ୍ରୁପର ସେବା ନିବୃତ୍ତ ଅଧ୍ୟକ୍ଷ ରତନ ଟାଟା କହିଛନ୍ତି ଯେ, ଜରୁରିକାଳୀନ ସେବା ଲୋକଙ୍କ ନିକଟରେ ଶୀଘ୍ର ପହଞ୍ଚିବାର ଆବଶ୍ୟକତା ରହିଛି। ଏହାବାଦ ଟାଟା ସନ୍ସ ପକ୍ଷରୁ ୧୦୦୦ କୋଟି ଟଙ୍କା ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ମୋଟ ଭାବେ କହିବାକୁ ଟାଟା ସମୁଦାୟ ମୋଟ ୧୫୦୦ କୋଟି ଟଙ୍କା

## କୋଭିଡ୍-୧୯ ମୁକାବିଲା



ପ୍ରଦାନ ନେଇ ଘୋଷଣା କରିଛି। ସେହିଭଳି ସମ୍ଭାବ୍ୟ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସୋନାଲିକା ଟ୍ରାକ୍ଟର ପକ୍ଷରୁ ଏହାର କର୍ମଚାରୀଙ୍କୁ ମାର୍ଚ୍ଚ ମାସ ପାଇଁ ୨୦ ଦିନର ଅଗ୍ରୀମ ବେତନ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ରାଷ୍ଟ୍ରାୟତ୍ତ ଜଳ ବିଦ୍ୟୁତ ନିଗମ ପକ୍ଷରୁ କରୋନା ମୁକାବିଲା ଲାଗି ୪.୫ କୋଟି ଟଙ୍କା ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଥିବା ଏହାର ସିଏମ୍‌ଡି ଏ.କେ.ସିଂ ସୂଚନା ଦେଇଛନ୍ତି।

# ୧୫୦ କୋଟିର ପାଣ୍ଠି ଗଠନ କଲା ଆଇଟିସି



**ନୂଆଦିଲ୍ଲୀ, ୨୮। ୩:** କରୋନା ମୁକାବିଲା ପଦକ୍ଷେପ ସ୍ୱରୂପ ପ୍ରମୁଖ ବାଣିଜ୍ୟିକ ଗ୍ରୁପ ଆଇଟିସି ପକ୍ଷରୁ ୧୫୦ କୋଟି ଟଙ୍କାର ପାଣ୍ଠି ଘୋଷଣା କରାଯାଇଛି। କମ୍ପାନୀ ଏହାର ‘ନେଶନ ଫାଷ୍ଟ ସବ୍‌ସାଥ ବଢେ’ କାର୍ଯ୍ୟକ୍ରମ ଅଧୀନ ସମାଜର ନିଷ୍ପେଷିତ ବର୍ଗର ଲୋକଙ୍କ ନିରନ୍ତର ବିକାଶ ଲାଗି ଏଭଳି ପାଣ୍ଠି ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛି। କରୋନାର ବିଭିନ୍ନ ଚ୍ୟାଲେଞ୍ଜ ବିରୋଧରେ ଲଢିବା ଲାଗି କମ୍ପାନୀ କେନ୍ଦ୍ର ସରକାରଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଥିବା କହିଛି। ବିଭିନ୍ନ ରାଜ୍ୟର ଜିଲା ପ୍ରଶାସନ ସହ ମିଳିତ ହୋଇ ସ୍ୱାସ୍ଥ୍ୟ, ହେଲଥ ଇକୋସିଷ୍ଟମ ସହ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଥିବା ଆଇଟିସି ଲିମିଟେଡର ଅଧ୍ୟକ୍ଷ ସଞ୍ଜୀବ ପୁରୀ ସୂଚନା ଦେଇଛନ୍ତି।

## ଲେୟାନ ଗ୍ଲୋବାଲର ସତର୍କତା ପଦକ୍ଷେପ

**ନୂଆଦିଲ୍ଲୀ, ୨୮। ୩:** କୋଭିଡ-୧୯ ଲଢେଇକୁ ଜୋରଦାର କରିବା ସହ ଲେୟାନ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ସତର୍କତା ପଦକ୍ଷେପ ହାତକୁ ନିଆଯାଇଥିବା ସୂଚନା ରହିଛି। ଭାଇରସର ପ୍ରତିରୋଧ ଦିଗରେ ସରକାର ଜାରି କରିଥିବା ବିଭିନ୍ନ ସତର୍କତା ପଦକ୍ଷେପକୁ ପାଳନ କରାଯାଉଛି ବୋଲି ଲେୟାନ ଗ୍ଲୋବାଲର ଏମ୍‌ଡି ମନୋଜ ଜ୍ଞାନଚନ୍ଦାନୀ ସୂଚନା ଦେଇଛନ୍ତି। କର୍ମଚାରୀଙ୍କ ଲାଗି ୱାର୍କଫ୍ରମ ହୋମ ସୁବିଧା, ଅନଲାଇନରେ ଅଧିକ କାର୍ଯ୍ୟ କରିବା ନେଇ ପ୍ରୋତ୍ସାହନ, ଯାତ୍ରା ଉପରେ ରୋକ ଏବଂ ଭିଡିଓ କନଫରେନ୍ସିଂ ଦ୍ୱାରା ଯୋଗାଯୋଗ ରଖିବା ନେଇ କର୍ମଚାରୀଙ୍କୁ କୁହାଯାଇଛି। କମ୍ପାନୀର କାର୍ଯ୍ୟାଳୟ, ମାନୁଫାକଚରିଂ ୟୁନିଟ, ଷ୍ଟୋର ଏବଂ ଡିପୋଗୁଡିକରେ ସତର୍କତା ଅବଲମ୍ବନ କରାଯାଇଛି। ସାନିଟାଇଜେଶନ, ସାନିଟାଇଜର ଏବଂ ମାସ୍କ ବ୍ୟବହାର, କର୍ମଚାରୀ ତଥା ଅଂଶୀଦାରଙ୍କ ଲାଗି ସଚେତନତା ସୃଷ୍ଟି କରାଯାଉଛି। ବର୍ତ୍ତମାନ ଯୋଗାଣ ଚେନ୍ ଗଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ଚ୍ୟାଲେଞ୍ଜିଂ ସ୍ଥିତିରେ ସମସ୍ତେ କିଭଳି ନିରାପଦରେ ରହିପାରିବେ ତାକୁ ଧ୍ୟାନରେ ରଖାଯାଇଛି ବୋଲି ଜ୍ଞାନଚନ୍ଦାନୀ ମତବ୍ୟକ୍ତ କରିଛନ୍ତି।



**OFFICE OF THE MUNICIPAL COUNCIL, BELPAHAR**
Ph.: 06645-250458, Fax: 06645-250236, E-mail: nacbelpahar@gmail.com
No.: 838 Dt.27.03.2020

**QUOTATION CALL NOTICE**

Sealed quotations are invited from the interested reputed / registered transport agencies / suppliers / service providers / firms / contractors for supply of Tractor with Water Tanker (5000 Ltr. Capacity) including driver to this Municipality for supply drinking water during summer inside Belpahar Municipality Area, which shall conform to the terms and conditions (Annexure-I) for official use. The firm desirous to supply the same may submit their quotation along with Xerox copy of PAN and GST registration certificate. The DTCN with detailed term and conditions can be obtained from the office of the undersigned on payment of Rs.1,000.00 (Rupees one thousand) only in cash (Non-refundable) from Dt.28.03.2020 to Dt.03.04.2020 during office hours. Bids with all relevant documents shall be received in the Belpahar Municipality office in specified tender box on Dt.04.04.2020 upto 1.00 P.M. and which will be opened on same date at 4.00 P.M. in presence of bidders or their authorized representatives. Who may be present at the time of opening of the quotations. If the office happens to be closed on the date of the receipt & opening of the quotation as specified the tender will be received & opened on the next working day at the same time & venue. Further details and necessary documents can be seen/down loaded from the Municipality website www.belpaharmunicipality.co.in.
The authority reserve the right to accept or reject any or all quotations without assigning any reason thereof.

Sd./- Executive Officer, Belpahar Municipality

**OFFICE OF THE CHIEF DISTRICT MEDICAL & PHO-cum-DMD, CUTTACK**
**Department of Health & Family Welfare**
**Government of Odisha**
Adv.No.4009 Date: 27.03.2020

**SHORT TENDER CALL NOTICE FOR SUPPLY OF COVID 19 ITEMS**

Sealed tenders are invited from authorized distributers for supply of COVID-19 ITEMS under CDM&PHO, Cuttack. The details of term and conditions of tender are available at the official website **www.cuttack.nic.in**. The bidders have to download the tender paper from website to participate in the tender. The undersigned reserves the right to reject any or all the tenders without assigning any reason. Available of tender paper 29.03.2020 to 01.04.2020, Last date of submission of paper 01.04.2020, Time - 12.00 P.M., Opening of tender (Technical Bid) 01.04.2020, 3.30 P.M. Submission of tender paper through Speed Post / Registered Post only /courier/ by hand.

Sd./- Chief District Medical & PHO cum DMD, Cuttack

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |




ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କସିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

**HINDUSTAN FINANCE LIMITED**
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ଘର ମାଲିକ ଭଡ଼ା ମାଗିଲେ ଜେଲ୍ ସହ ଜରିମାନା

ସାରା ଦେଶରେ କରୋନା ଯୋଗୁ ଲକ୍‌ଡାଉନ୍ ରହିଛି। ଏଥିଯୋଗୁ ଲୋକମାନେ ବାହାରକୁ ବାହାରି ପାରୁ ନ ଥିବାବେଳେ କେତେକ ନିଜର ଜୀବିକା ମଧ ହରାଇ ସାରିଲେଣି। ଇତିମଧରେ ଉତ୍ତରପ୍ରଦେଶର ନଏଡାରେ ରହୁଥିବା ଭଡାଟିଆଙ୍କ ପାଇଁ ଜିଲାପାଳ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏକ ମାସ ପର୍ଯ୍ୟନ୍ତ ଭଡାଟିଆଙ୍କଠାରୁ ଭଡା ନେଇପାରିବେ ନାହିଁ ବୋଲି ସହରର ସମସ୍ତ ଘର ମାଲିକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଘର ମାଲିକ ଏହି ନିର୍ଦ୍ଦେଶକୁ ପାଳନ ନ କରନ୍ତି , ତେବେ ସେମାନଙ୍କୁ ଜରିମାନା ସହ ୨ବର୍ଷର ଜେଲ୍ ଦଣ୍ଡାଦେଶ ଭୋଗିବାକୁ ପଡ଼ିପାରେ।



# ଦିଲ୍ଲୀକୁ ଫେରିଲା ନିର୍ମଳ ଆକାଶ

**ନୂଆଦିଲ୍ଲୀ:** କିଛି ଦିନ ପୂର୍ବରୁ ବିପଦଜନକ ଅବସ୍ଥାକୁ ଆସିଯାଇଥିବା ଦିଲ୍ଲୀର ବାୟୁମଣ୍ଡଳ ଏବେ ସ୍ୱଚ୍ଛ ହେବାରେ ଲାଗିଛି। ଦୀର୍ଘ ବର୍ଷ ପରେ ନିର୍ମଳ ଆକାଶ ଦେଖିବାକୁ ପାଇଛନ୍ତି ଦିଲ୍ଲୀବାସୀ। ରାସ୍ତାରେ ଯାନବାହନ ଚଳାଚଳ ନିଷିଦ୍ଧ, ବିଭିନ୍ନ ଶିଳ୍ପ, କଳକାରଖାନା ଆଦି ବନ୍ଦ ଯୋଗୁ ଏହା ସମ୍ଭବ ହୋଇପାରିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ବାୟୁ ଗୁଣବତ୍ତା ମାପକ) ୬୯ ରହିଥିବା ଜଣାପଡିଛି। ଏକ୍ୟୁଆଇ ୫୦ରୁ ୧୦୦ ମଧରେ ରହିବା ନିରାପଦ ହୋଇଥାଏ। କିନ୍ତୁ ମାର୍ଚ୍ଚ ୨୨ରେ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ ୧୯୧ ରହିଥିଲା। ବାୟୁ ଗୁଣବତ୍ତା ବଢାଇବା ପାଇଁ ଦିଲ୍ଲୀ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଇଥିଲା। ଏପରିକି ରାସ୍ତାରେ ଯୁଗ୍ମ-ଅଯୁଗ୍ମ ଗାଡ଼ି ଚଳାଚଳ କରିବାକୁ ସରକାର ନିୟମ ଜାରି କରିଥିଲେ। ଏହା ସତ୍ତ୍ୱେ ବାୟୁ ଗୁଣବତ୍ତା ମାନକ ସୁରକ୍ଷିତ ଜୋନ ମଧକୁ ଆସିପାରି ନ ଥିଲା। ହେଲେ ଏବେ କରୋନା ଯୋଗୁ ସମସ୍ତ ଦେଶ ଲକଡାଉନ ରହିଥିବାରୁ ଏହା ସମ୍ଭବ ହୋଇପାରିଥିବା ପରିବେଶବିତ୍ ପ୍ରକାଶ କରିଛନ୍ତି। ସେଭଳି ଗହଳି କିମ୍ବା ଗାଡ଼ିମୋଟର ଚଳାଚଳ କରା ନ ଯିବା କାରଣରୁ ଆସନ୍ତା ୨ ସପ୍ତାହ ମଧରେ ଏୟାର କ୍ୱାଲିଟିରେ ଆହୁରି ଉନ୍ନତି ପରିଲକ୍ଷିତ ହେବ ବୋଲି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି। ଏବେ ସୋସିଆଲ ମିଡିଆରେ ଏହାକୁ ନେଇ ଚର୍ଚ୍ଚା ଜୋର ହୋଇଛି। କେତେଜଣ ଟୁଇଟର ଆକାଉଣ୍ଟଧାରୀ କରୋନା କଟକଣା ଯୋଗୁ ଏପରି ହୋଇଛି ବୋଲି କହିଥିବା ଦେଖିବାକୁ ମିଳିଛି। ୧୯୮୦ ଓ ପ୍ରାରମ୍ଭିକ ୯୦ ଦଶକର ନିର୍ମଳ ଆକାଶ ଦିଲ୍ଲୀରେ ଦେଖାଯାଇଛି ବୋଲି ଏନ୍‌ଜିଓ ଗ୍ରୀନ ସର୍କଲର ଫାଉଣ୍ଡର ଭି. ସିଲଭା ରାଜନ କହିଛନ୍ତି। ଶୁକ୍ରବାର ଦିଲ୍ଲୀରେ ଅପରାହ୍ନରେ ବର୍ଷା ଯୋଗୁ ବାୟୁମଣ୍ଡଳ ଆହୁରି ସ୍ୱଚ୍ଛ ହୋଇପାରିଥିବା ବୋର୍ଡ ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ୫ ମିନିଟ୍‌ରେ ଚିହ୍ନଟ ହେବେ କରୋନା ପଜିଟିଭ୍

**ୱାଶିଂଟନ:** କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ପୃଥିବୀରେ ବଢ଼ିବାରେ ଲାଗିଛି। କରୋନା ପଜେଟିଭ୍‌ଙ୍କୁ ଚିହ୍ନଟ କରିବା ପାଇଁ ଲ୍ୟାବ୍‌ରେ କରାଯାଉଥିବା ସ୍ୱାବ୍ ପରୀକ୍ଷାରେ ଅଧିକ ସମୟ ଲାଗୁଥିବାରୁ ଅସୁବିଧା ହେଉଛି। ତେବେ ଆମେରିକାର ଏବୋଟ୍ ଲ୍ୟାବ୍ ପକ୍ଷରୁ ଏକ ପୋର୍ଟେବୁଲ୍ ଟେଷ୍ଟ କିଟ୍ ତିଆରି କରାଯାଇଛି। ଏହା ଦ୍ୱାରା ମାତ୍ର ୫ ମିନିଟରେ କରୋନା ପଜେଟିଭ୍‌ଙ୍କୁ ଚିହ୍ନଟ କରାଯାଇପାରିବ। ଏନେଇ ଏବୋଟ୍ ଲ୍ୟାବ୍ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏହି ପୋର୍ଟେବୁଲ୍ କିଟ୍‌କୁ ଆମେରିକା ଫୁଡ୍ ଆଣ୍ଡ ଡ୍ରଗସ୍ ଆଡମିନିଷ୍ଟ୍ରେଶନର ସ୍ୱୀକୃତି ମଧ ମିଳିଛି। ଆସନ୍ତା ସପ୍ତାହଠାରୁ ଏହି କିଟ୍‌କୁ ହସ୍ପିଟାଲକୁ ଯୋଗାଇ ଦିଆଯିବ। ଟୋଷ୍ଟର ଆକାରର ଏହି କିଟ୍‌ରେ ମଲିକ୍ୟୁଲାର ଟେକ୍ନୋଲୋଜିର ଉପଯୋଗ କରାଯାଇଛି। ଏହା କରୋନା ନେଗେଟିଭ୍ ରେଜଲ୍ଟ ମାତ୍ର ୧୩ ମିନିଟରେ ଦେବାକୁ ସକ୍ଷମ ବୋଲି ଏବୋଟ୍‌ର ଅଧକ୍ଷ ତଥା ମୁଖ୍ୟ ପରିଚାଳନା ଅଧିକାରୀ ରବୋର୍ଟ ଫୋର୍ଡ ସୂଚନା ଦେଇଛନ୍ତି। ତେବେ ଏହାକୁ ଭାରତକୁ ରପ୍ତାନୀ କରାଯିବ କି ନାହିଁ ସେ ନେଇ କୌଣସି ତଥ୍ୟ ମିଳିପାରି ନାହିଁ।



# ସାଇକେଲରେ ୪ଦିନ

**ଗୋରଖପୁର:** ଘଡ଼ି ସନ୍ଧି ମୁହୂର୍ତ୍ତରେ ପରିବାର ଲୋକଙ୍କ ଠାରୁ ଦୂରେଇ ରହିବା କେତେ କଷ୍ଟକର ସେକଥା ଯିଏ ଅନୁଭବ କରିଛି ସେ କହିପାରିବ। ସେଥିପାଇଁ ତ ଦିବ୍ୟାଙ୍ଗ ହୋଇ ବି ସାଇକେଲରେ ୬୭୫ କିଲୋମିଟର ଦୂରତା ଅତିକ୍ରମ କରି ଗାଁକୁ ଫେରିଛନ୍ତି ଦିଲୀପ କୁମାର। ସାଇକେଲରେ ପୂରା ୪ଦିନ ଧରି ଯାତ୍ରା କରିଛନ୍ତି ସତ କିନ୍ତୁ ଘରେ ପହଞ୍ଚିବା ପରେ ବେଶ୍ ଖୁସି ହୋଇ ପଡ଼ିଛନ୍ତି।



ଉତ୍ତରପ୍ରଦେଶ ଗୋରଖପୁରର ରାଜଭର ଗାଁରେ ରହନ୍ତି ଆନନ୍ଦ କୁମାର। ଛୋଟବେଳୁ ତାଙ୍କର ଗୋଟିଏ ଗୋଡ଼ରେ ଭଲଭାବେ ସେ ଚାଲିପାରନ୍ତି ନାହିଁ। କିନ୍ତୁ ପରିବାର ଚଳାଇବା ପାଇଁ ୧୦ ବର୍ଷ ହେଲାଣି ସେ ଦିଲ୍ଲୀରେ ରହି କାମ କରୁଥିଲେ। ଏବେ ପୂରା ଦେଶରେ ଲକ୍ ଡାଉନ୍ ଘୋଷଣା ହୋଇଯିବା ଫଳରେ ତାଙ୍କ କାମ ବି ବନ୍ଦ ହୋଇଗଲା। କିନ୍ତୁ ଏତେ ଦିନ ବାହାରେ ରହି ତାଙ୍କ ପାଖରେ ଖାଇବା ପିଇବା ନିମନ୍ତେ ବହୁ ଅସୁବିଧା ହେଲା, ତା ଛଡା ଏଭଳି ଏକ ଭୟଙ୍କର ବିପଦ ସମୟରେ ସେ ଘର ଲୋକଙ୍କ ପାଖକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିଲେ। ମାତ୍ର କୌଣସି ଗାଡ଼ି ଚାଲୁ ନ ଥିବାରୁ ସେ ନିରୁପାୟ ହୋଇ ସାଇକେଲରେ ଆସିବାକୁ ସ୍ଥିର କଲେ। ଶେଷରେ ସାଇକେଲରେ ଆରମ୍ଭ ହୋଇଥିଲା ଯାତ୍ରା, ଆଉ ପୂରା ଚାରିଦିନର ଯାତ୍ରା ପରେ ସେ ନିଜ ଗାଁରେ ପହଞ୍ଚିଥିଲେ। ସବୁଠୁ ବଡ଼ କଥା ହେଉଛି ଦିଲ୍ଲୀପ ୪ଦିନ ଧରି ଯାତ୍ରା କରିଥିଲେ ବି ମାତ୍ର ଗୋଟିଏ ଦିନ ଏକ ସ୍ଥାନରେ ଭୋଜନ କରିବାର ସୁବିଧା ପାଇଥିଲେ। ବାକି ତିନି ଦିନ ତାଙ୍କୁ କୌଣସି ସ୍ଥାନରେ ବି ଖାଦ୍ୟ ମିଳି ନଥିଲା। କେବଳ ପାଣି ପିଇ ସେ ଘରକୁ ଫେରିଥିଲେ।

## କରୋନା ପ୍ରଭାବ

# ଜାପାନରେ ସାଲାନା ଟ୍ରକ୍ ଗାର୍ଡେନ ପ୍ରତିଯୋଗିତା ସ୍ଥଗିତ

**ଟୋକିଓ:** ସମଗ୍ର ବିଶ୍ୱରେ କରୋନା ତା'ର କାୟା ବିସ୍ତାର କରିବାରେ ଲାଗିଛି। ଚାଇନା ପରେ ଇଟାଲୀ ଏବଂ ସ୍ପେନ୍‌ରେ କରୋନା ତା'ର ସ୍ଥିତି ଜାହିର କରିବାରେ ଲାଗିଛି। ଏଥିଲାଗି ସମଗ୍ର ବିଶ୍ୱ ଏକପ୍ରକାର ଲକ୍‌ଡାଉନ୍ ହୋଇରହିଛି। କରୋନା ଭାଇରସ୍ ସଂକ୍ରମଣ ଯୋଗୁ ଜାପାନରେ ହେବାକୁ ଥିବା ସାଲାନା ଟ୍ରକ ଗାର୍ଡେନ ପ୍ରତିଯୋଗିତା ବାତିଲ କରାଯାଇଛି। ଏହି ପ୍ରତିଯୋଗିତାରେ ସ୍ଥାନୀୟ ଚାଷୀମାନେ ନିଜ ନିଜ ଟ୍ରକକୁ ଅତି ସୁନ୍ଦର ଭାବେ ଗଛରେ ସଜେଇ ପ୍ରସ୍ତୁତ କରିଥାନ୍ତି। ଜାପାନ ଫେଡେରେଶନ ଅଫ ଲ୍ୟାଣ୍ଡସ୍କେପିଂର କଣ୍ଟ୍ରାକ୍ଟର୍ସମାନେ ଏହି ପ୍ରତିଯୋଗିତା ଆୟୋଜନ କରିଥାନ୍ତି। ତେବେ ଏହି ଟ୍ରକଗୁଡ଼ିକୁ ଏସିଆ ମହାଦେଶରେ ଜିନିଷପତ୍ର, ଖାଦ୍ୟ ଏବଂ ଖଣିଜ ପରିବହନ ପାଇଁ ବ୍ୟବହାର କରାଯାଏ। କିନ୍ତୁ ଜାପାନରେ ଏହା ସମ୍ପୂର୍ଣ୍ଣ ଭିନ୍ନ। ସେଠାରେ ଏହି ଟ୍ରକରେ ଲ୍ୟାଣ୍ଡସ୍କେପ, ୱାଟରଫଲ୍(ଛୋଟ ଛୋଟ ଜଳପ୍ରପାତ), ବାମ୍ବୋ ଗାର୍ଡେନ, ଆକ୍ୱାରିୟମ ଭଳି ସଜୀବ ଦୃଶ୍ୟ ମଧ ପ୍ରସ୍ତୁତ କରାଯାଏ। ଏହି ପ୍ରତିଯୋଗିତା ଗତବର୍ଷ ଏପ୍ରିଲରେ ହୋଇଥିଲା। ଚଳିତ ବର୍ଷ ଏପ୍ରିଲରେ ଏହା ହେବାକୁ ଥିବାବେଳେ କରୋନା ସଂକ୍ରମଣ ଲାଗି ଏହି ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଛି।

ଏଥିରେ ଯେଉଁ ପ୍ରତିଯୋଗୀମାନେ ନିଜ ନିଜ ଟ୍ରକକୁ ଆକର୍ଷଣୀୟ ଭାବେ ସଜାଇଥାନ୍ତି ତାଙ୍କ ମଧରୁ ଜଣଙ୍କୁ ବିଜେତା ଘୋଷଣା କରାଯାଇଥାଏ ଏବଂ ସୌନ୍ଦର୍ଯ୍ୟ ଆଧାରରେ ବେଷ୍ଟ ମୋବାଇଲ ଲ୍ୟାଣ୍ଡସ୍କେପର ଭାବେ ପୁରସ୍କୃତ କରାଯାଇଥାଏ। ଏହି ପ୍ରତିଯୋଗିତା ମାଧମରେ ଜାପାନିଜ୍‌ମାନଙ୍କୁ ଗୋଟିଏ ସ୍ଥାନରେ ବିଭିନ୍ନ ପ୍ରକାର ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ପରିବେଶ ଦେଖିବାକୁ ମିଳିଥାଏ। ଏହି ଦୃଶ୍ୟ ଅତ୍ୟନ୍ତ ମନୋରମ। ଏହାକୁ ଦେଖିବାକୁ ବହୁଲୋକଙ୍କ ଗହଳି ମଧ ହୋଇଥାଏ। ଏଥିରେ ଟ୍ରାଡିଶନାଲ ଜାପାନୀ ଗାର୍ଡେନ ସହ ମଡର୍ନ ଗାର୍ଡେନ ମଧ ରହିଛି।



# କରୋନା ପାଇଁ ଶୋ' ବାତିଲ କଲେ ରହମାନ



**ମୁମ୍ବାଇ:** କରୋନା ଯୋଗୁ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଏ.ଆର.ରହମନ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛନ୍ତି। ଚଳିତବର୍ଷ ମେ ଓ ଜୁନ୍‌ରେ ଉତ୍ତର ଆମେରିକାରେ ତାଙ୍କର କିଛି କାର୍ଯ୍ୟକ୍ରମ ରହିଥିଲା। ଏଗୁଡ଼ିକୁ ସେ ଆସନ୍ତା ବର୍ଷ ପର୍ଯ୍ୟନ୍ତ ବାତିଲ କରି ଦେଇଛନ୍ତି। ସେ ଟୁଇଟ କରି ଏ ବାବଦରେ ସୂଚନା ଦେଇଛନ୍ତି। ଉତ୍ତର ଆମେରିକାର ଫ୍ୟାନମାନଙ୍କ ଉଦ୍ଦେଶ୍ୟରେ ରହମନ କହିଛନ୍ତି, ସେତେବେଳେ ଆମେ ଏକାଠି ହେବା ଓ ସଙ୍ଗୀତର ଆଦାନପ୍ରଦାନ କରିବା। ମୁଁ ଏନେଇ ନିୟମିତ ବ୍ୟବଧାନରେ ଆପଣମାନଙ୍କୁ ଅପ୍‌ଡେଟ୍ କରିବି। ସମସ୍ତେ ଭଲରେ ରୁହନ୍ତୁ ବୋଲି ମୁଁ ପ୍ରାର୍ଥନା କରୁଛି। ସେ ଆଉ ମଧ କହିଛନ୍ତି ଯେ, ବର୍ତ୍ତମାନ ସମୟ ଆସିଛି ଯେତେବେଳେ ଆମ ସମସ୍ତଙ୍କୁ ଆମ ପରିବାର ସହିତ ଆମ ଘରେ ରହିବାକୁ ପଡ଼ିବ। ତେଣୁ ମୋ ପ୍ରଶଂସକ, ପରିବାର, ବ୍ୟାଣ୍ଡ ପାଇଁ ମୁଁ ଏହି ଗସ୍ତକୁ ବାତିଲ କରୁଛି। ମହାମାରୀ କରୋନା ଭୂତାଣୁ ମୁକାବିଲା ଲାଗି ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଏହା କଡ଼ାକଡ଼ି ଭାବେ ପାଳନ କରାଯିବ। ପରିସ୍ଥିତିରେ ସୁଧାର ଆଣିବା ଲାଗି ସମସ୍ତଙ୍କ ପ୍ରୟାସ ଏକାନ୍ତ ଜରୁରୀ। ସମସ୍ତେ ଏହାକୁ ମାନିବାକୁ ସେ ନିବେଦନ ମଧ କରିଛନ୍ତି।

# ଲକ୍‌ଡାଉନ୍‌କୁ ଶ୍ରଦ୍ଧାଙ୍କ ବେଖାତିର

**ନୂଆଦିଲ୍ଲୀ:** ସମଗ୍ର ବିଶ୍ୱ ବର୍ତ୍ତମାନ କରୋନା ପାଇଁ ଚିନ୍ତିତ। ଆମେରିକା ଏବଂ ଇଟାଲୀରେ ସର୍ବାଧିକ କରୋନା ପଜିଟିଭ ଥିବାବେଳେ ଇଟାଲୀ କରୋନାରେ ମୃତ୍ୟୁସଂଖ୍ୟା ୮୦୦୦ ଟପିଗଲାଣି। ଏହି ଭାଇରସର ମୁକାବିଲା ଲାଗି ଭାରତରେ ୨୧ଦିନ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ଲକ୍‌ଡାଉନ୍ ସମସ୍ତଙ୍କ ଜୀବନରେ କିଛି ନା କିଛି ପ୍ରଭାବ ପକାଇଛି। ତେବେ ସେଥିରୁ ବାଦ୍ ପଡ଼ିନାହାନ୍ତି ଅଭିନେତ୍ରୀ ଅଭିନେତାମାନେ। ଛୋଟ ପରଦାରୁ ଆରମ୍ଭ କରି ବଡ଼ ପରଦାର ସେଲିବ୍ରିଟିମାନେ ନିଜ ନିଜର ଅନୁଭୂତି ସୋସିଆଲ ମିଡିଆ ସାଇଟ୍‌ଗୁଡ଼ିକରେ ଶେୟାର କରୁଥିବା ନଜର ଆସୁଛନ୍ତି। ଜି-ଟିଭିରେ ପ୍ରସାରିତ 'କୁଣ୍ଡଲୀ ଭାଗ୍ୟ' ଟେଲି ସିରିୟଲର ଶ୍ରଦ୍ଧା ଆର୍ଯ୍ୟା ଜଣେ ହିଟ୍ ଅଭିନେତ୍ରୀ ଭାବେ ପରିଚିତ। ସେ ନିଜ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଥ୍ରୋ ବ୍ୟାକ୍ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ସମୁଦ୍ର କୂଳରେ ଚାଲୁଥିବା ନଜର ଆସୁଛନ୍ତି। ସେ ଏକ ଧଳା ରଙ୍ଗର ଟପ୍ସ ସହ ଧଳା ରଙ୍ଗର ସ୍କର୍ଟ ପିନ୍ଧିଛନ୍ତି। ଏହି ଭିଡିଓକୁ ଶେୟାର କରି ସେ ଲେଖିଛନ୍ତି ଯେ, ଚାଲିଲାବେଳେ ଭାବୁଥିଲେ ଯେ, ଆଗରୁ କେତେ ସ୍ୱାଧୀନ ଭାବେ ଏଠାକୁ ସବୁ ବୁଲିବାକୁ ଆସୁଥିଲେ। କିନ୍ତୁ ବର୍ତ୍ତମାନ ସବୁଥିରେ କଟକଣା ଲଗାଇ ଦିଆଯାଇଛି। ଚାରିଆଡ ଯେପରି ଶୂନଶାନ ହୋଇପଡ଼ିଛି। ତାଙ୍କର ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଏହି ଭିଡିଓକୁ ୧ଲକ୍ଷ ୯୫ହଜାର ଥର ତାଙ୍କ ଫ୍ୟାନମାନେ ଦେଖିସାରିଛନ୍ତି। ଆଉ କେତେଜଣ ଏହି ଭିଡିଓକୁ ନେଇ ଉତ୍ତ୍ୟକ୍ତ ମଧ ହେଉଛନ୍ତି। ସାରାଦେଶରେ ଲୋକେ ଲକ୍‌ଡାଉନ୍‌କୁ ମାନିବାକୁ ନିବେଦନ କରାଯାଉଛି, ସଚେତନ ମଧ କରାଯାଉଛି। ଜରୁରିକାଳୀନ ସେବାଗୁଡ଼ିକ କେବଳ ଖୋଲାରହୁଛି। କିନ୍ତୁ ଶିକ୍ଷିତ ହୋଇଥିଲେ ମଧ କିପରି ସେ ଏହାକୁ ମାନୁନାହାନ୍ତି ତାହା ଅତ୍ୟନ୍ତ ଉଦ୍‌ବେଗଜନକ।


ଶ୍ରଦ୍ଧା ଆର୍ଯ୍ୟା




# ୪୫ ବର୍ଷରେ ଅକ୍ଷୟ ଖାନ୍ନା

**ମୁମ୍ବାଇ:** ବଲିଉଡ୍‌ର ରୋମାଣ୍ଟିକ୍ ଅଭିନେତା ଅକ୍ଷୟ ଖାନ୍ନା ଶନିବାର ୪୫ ବର୍ଷରେ ପଦାର୍ପଣ କରିଛନ୍ତି। ୧୯୭୫ ମାର୍ଚ୍ଚ ୨୮ରେ ସେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ପିତା ବିନୋଦ ଖାନ୍ନା ବଲିଉଡ୍‌ରେ ଥିବାରୁ ଅକ୍ଷୟଙ୍କର ମଧ ଫିଲ୍ମରେ ଅଭିନୟ କରିବାକୁ ଆଗ୍ରହଥିଲା। ୧୯୯୭ରେ ସେ ହିମାଳୟ ପୁତ୍ର ଫିଲ୍‌ରେ ଅଭିନୟ କରି ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଏହାପରେ ତାଙ୍କର ବର୍ଡର ଫିଲ୍ମ ମଧ ଆସିଥିଲା। ଅଭିନେତା ରଣଧୀର କପୁରଙ୍କ ପୁତ୍ରୀ କରିଶ୍ମା କପୁରଙ୍କ ସହିତ ଅକ୍ଷୟଙ୍କର ବିବାହ କରିବା ପାଇଁ ଯୋଜନା ହୋଇଥିଲା। ଏନେଇ ରଣଧୀର ଏବଂ ବିନୋଦ ଖାନ୍ନା ସାକ୍ଷାତ୍ ହୋଇ ଆଲୋଚନା କରିଥିଲେ। ତେବେ ଏଥିରେ କରିଶ୍ମାଙ୍କ ମାତା ବବିତା ବାଧା ଦେଇଥିଲେ। ବିବାହ ଅପେକ୍ଷା କରିଶ୍ମାଙ୍କ କ୍ୟାରିଅରକୁ ସେ ଅଧିକ ଗୁରୁତ୍ୱ ଦେଇଥିଲେ। ଫଳରେ ବିବାହ ଭାଙ୍ଗି ଯାଇଥିଲା। ପରବର୍ତ୍ତୀ ସମୟରେ କରିଶ୍ମା ଅନ୍ୟତ୍ର ବିବାହ କରିଥିଲେ ଏବଂ ତାଙ୍କର ଛାଡ଼ପତ୍ର ହୋଇଯାଇଥିଲା। ଅକ୍ଷୟ ଏପର୍ଯ୍ୟନ୍ତ ବିବାହ ନ କରି ଏକା ଏକା ରହିଛନ୍ତି।

# ଶୋକ କରିବାକୁ ଆସନ୍ତୁ ନାହିଁ



**ହିସାର:** ଲକ୍ ଡାଉନ୍ ପାଇଁ ଏବେ ଲୋକଙ୍କର ସାମାଜିକ ଚଳଣୀ ପୂରା ବନ୍ଦ ହୋଇଯାଇଛି। ସାହି ପଡ଼ିଶା ଲୋକେ ବି ପରସ୍ପର ଘରକୁ ଯିବା ଆସିବା ପାଇଁ ଭୟ କରୁଛନ୍ତି। ଏମିତିକି ଘରେ କାହାର ମୃତ୍ୟୁ ହେଇଗଲେ ବି ବନ୍ଧୁ ପରିଜନ ଆସିବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଖାଲି ସେତିକି ନୁହେଁ କିଛି ଲୋକେ ବି ଘରକୁ ନ ଆସିବା ପାଇଁ କଡ଼ା ତାଗିଦ କରୁଛନ୍ତି। ହରିୟାଣାର ହିସାର ଅଞ୍ଚଳରେ ଏଭଳି ଏକ ଘଟଣା ଏବେ ଚର୍ଚ୍ଚାର କାରଣ ପାଲଟିଛି। ଏଇ ଅଞ୍ଚଳର ସେକ୍ଟର ୯-୧୧ ନିବାସୀ ମୁକେଶ ଗୋୟଲଙ୍କର ଭାଇ ସଞ୍ଜୟଙ୍କର ଫୁଡ ପଏଜନିଂ ଯୋଗୁ ମୃତ୍ୟୁ ହୋଇଥିଲା। ସାଧାରଣତଃ କାହାର ମୃତ୍ୟୁରେ ସାହିପଡ଼ିଶା ତଥା ବନ୍ଧୁ ପରିଜନ ଶୋକ ପ୍ରକାଶ କରିବାକୁ ଆସିଥାନ୍ତି। କିନ୍ତୁ କରୋନା ପାଇଁ ଏବେ ଲକ୍ ଡାଉନ୍ ହୋଇଥିବାରୁ ଲୋକଙ୍କ ଗହଳି ନ ହେବା ପାଇଁ ସେ ତାଙ୍କ ଘରକୁ ଆସିବା ପାଇଁ ସମସ୍ତଙ୍କୁ ମନା କରିଥିଲେ। ଏକ ଅଭିନବ ଉପାୟ ଚିନ୍ତା କରିଥିଲେ। ସେ ଗେଟରେ ଏକ କାଗଜରେ ଲେଖିଥିଲେ ଯେ, ତାଙ୍କ ଘରକୁ ଶୋକ ପ୍ରକାଶ କରିବାକୁ କେହି ଆସନ୍ତୁ ନାହିଁ। ଆବଶ୍ୟକ ହେଲେ ଫୋନ କରି ଶୋକ ବାର୍ତ୍ତା ଦିଅନ୍ତୁ। ଆଉ କେହି ଯଦି ନିହାତି ଆସିବାକୁ ଚାହୁଁଛନ୍ତି ତାହେଲେ ଗେଟ୍ ବାହାରେ ରହି ଶୋକ ବାର୍ତ୍ତା ଦେଇ ଚାଲି ଯାଆନ୍ତୁ। ଏଭଳି ନିର୍ଦ୍ଦେଶକୁ କାଗଜରେ ଲେଖି ସେ ତାଙ୍କ ଗେଟରେ ଲଗାଇ ଦେଇଥିଲେ। ତେବେ ମୁକେଶଙ୍କର ଏଭଳି କାମକୁ ଅନେକେ ପ୍ରଶଂସା କରିଛନ୍ତି। କହିଛନ୍ତି କରୋନା ମୁକାବିଲା କରିବାରେ ତାଙ୍କର ଏହି ଉଦ୍ୟମ ସମସ୍ତଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ।

# ଛୁଟିରେ...



କରୋନା ମହାମାରୀ ବର୍ତ୍ତମାନ ସମସ୍ତଙ୍କ ଲାଗି ବିପଦ ସୃଷ୍ଟି କରିଛି । ଏହାର ସଂକ୍ରମଣ ରୋକିବା ଲାଗି ଆମ ଦେଶରେ ୨୧ ଦିନ କର୍ଫ୍ୟୁ ଲଗାଯାଇଛି ଏବଂ ସୁରକ୍ଷା ଦୃଷ୍ଟିରୁ ସମସ୍ତଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଉଛି। ତେବେ ଛାତ୍ରୀଛାତ୍ର ହୁଅନ୍ତୁ ଅବା କର୍ମଜୀବୀ ଯୁବତୀ ଯୁବକ ଏହିଦିନଗୁଡ଼ିକୁ ଛୁଟିଦିନ ଭାବି ଅଯଥା ନଷ୍ଟ ନ କରି ଏହାର ସଦୁପଯୋଗ କରିପାରିଲେ ଏହା ସଫଳତା ଆଣି ଦେବାରେ ସାହାଯ୍ୟ କରିବ...



ଜାଣି ରଖନ୍ତୁ ଏହି ଲମ୍ବା ତଥା ଅନିର୍ଦ୍ଦିଷ୍ଟ ଛୁଟି ସମୟରେ ଦୀର୍ଘ ସମୟ ଶୋଇବା, ଅନାବଶ୍ୟକ କାର୍ଯ୍ୟରେ ଟାଇମ୍‌ପାସ୍ କରିବା ପରିବର୍ତ୍ତେ କ'ଣ କଲେ ଭବିଷ୍ୟତରେ ଆପଣ ନିଶ୍ଚେ ଉପକୃତ ହୋଇପାରିବେ–

– ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିଜ ସହିତ ପରିବାର ଏବଂ ଅନ୍ୟମାନଙ୍କ ସୁରକ୍ଷା ଲାଗି ଘରେ ରୁହନ୍ତୁ।

– ଛୁଟି ଭାବି ଏହି ସମୟରେ ପାଠପଢ଼ା ପ୍ରତି ଆଦୌ ଅବହେଳା କରନ୍ତୁ ନାହିଁ। ବରଂ ଚାହିଁଲେ ପାଠ୍ୟପୁସ୍ତକ ସହିତ ଅଧିକ ଜ୍ଞାନ ଆହରଣ ଲାଗି ଅନ୍ୟ ବହି କିମ୍ବା ଇଣ୍ଟରନେଟ୍‌ରୁ ପଢ଼ିପାରିବେ।

– ଏହା ନିଜର ରୁଚି ଅନୁଯାୟୀ ବିଭିନ୍ନ ଶର୍ଟଟର୍ମ କୋର୍ସ କରିବାର ବେଷ୍ଟ ସମୟ। ହେଲେ ବର୍ତ୍ତମାନ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ବାହାରକୁ ବାହାରିବା ମନା ହୋଇଥିବାରୁ ଆପଣ ଚାହିଁଲେ ବିଭିନ୍ନ ଫ୍ରି କିମ୍ବା ପେଡ୍ ଅନ୍‌ଲାଇନ୍ ଶର୍ଟଟର୍ମ କୋର୍ସ ବି କରିପାରିବେ।

– ଅନେକଙ୍କର ଲେଖିବା ପ୍ରତି ରୁଚି ଥାଏ, ହେଲେ ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଭିତରେ ସମୟ ଅଭାବରୁ ସେମାନେ ଏହା କରିପାରନ୍ତି ନାହିଁ। ହେଲେ ଏବେ ଘରେ ରହି ନିରୋଳାରେ କିଛି ସମୟ ଭାବିବା ଏବଂ ନିଜ ଭାବନାକୁ କବିତା, ଗଳ୍ପ, ଉପନ୍ୟାସ ଆଦିର ରୂପ ଦେବା ଲାଗି ଏହା ସେମାନଙ୍କ ଲାଗି ସବୁଠୁ ଭଲ ସମୟ।

– ଯଦି ପେଣ୍ଟିଂ, ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରତି ରୁଚି ରହିଛି, ତେବେ ଏହି ସମୟରେ ଆପଣ ଏସବୁ କରପାରିବେ। ଏସବୁ ଶିଖିବା ଲାଗି ୟୁଟ୍ୟୁବ୍‌ରେ ଅନେକ ଭିଡିଓ ଉପଲବ୍ଧ। ଆପଣ ଚାହିଁଲେ ଶିଖିବା ଲାଗି ଉକ୍ତ ଭିଡିଓର ସାହାଯ୍ୟ ନେଇପାରିବେ।

– ସେହିପରି ଡ୍ୟାନ୍ସ, ମ୍ୟୁଜିକ୍, ସଙ୍ଗ୍ ଲଭରଙ୍କୁ ଅଭ୍ୟାସ କରିବା ଲାଗି ଏହି ଛୁଟି ସମୟ ବେଶ୍ କାମରେ ଆସିପାରିବ। ତେବେ ଯେଉଁମାନେ ବର୍ତ୍ତମାନ ଶିଖିବା ଲାଗି ବାହାରକୁ ଯାଇ କ୍ଲାସ୍ କରିବା ଅସମ୍ଭବ ଭାବି ଚୁପ୍ ରହିଯାଉଥିବେ, ସେମାନେ ଚାହିଁଲେ ୟୁଟ୍ୟୁବ୍‌ରୁ ନିଜ ଫେବରିଟ୍ ଷ୍ଟାର୍, କୋରିଓଗ୍ରାଫର, ମ୍ୟୁଜିସିଆନ୍, ସିଙ୍ଗର ଆଦିଙ୍କ ଭିଡିଓ ଦେଖି ନୂଆ ନୂଆ ଶୈଳୀ ଶିଖିବା ସହ ଅଭ୍ୟାସ କରିପାରିବେ।

– ରାନ୍ଧିବା ଅନେକଙ୍କର ପସନ୍ଦ ହୋଇଥିଲେ ହେଁ ପଢ଼ା, ଜବ୍ ଆଦି କାର୍ଯ୍ୟବ୍ୟସ୍ତତା ଭିତରେ ସେମାନେ ଏଥିପାଇଁ ସମୟ ପାଇ ନ ଥାନ୍ତି। ତେବେ ଏହା ସେମାନଙ୍କ ଲାଗି ବେଷ୍ଟ ଟାଇମ୍। କାରଣ ବର୍ତ୍ତମାନ ପ୍ରାୟ ସମସ୍ତଙ୍କ ଘରେ ପରିବାର ସଦସ୍ୟମାନଙ୍କୁ ଏକାଠି ସମୟ ବିତାଇବାର ସୁଯୋଗ ମିଳିଛି। ତେଣୁ ଏହି ସମୟରେ ଭଳିକି ଭଳି ଆଇଟମ୍ ରାନ୍ଧି ନିଜେ ଖାଇବା ସହ ପରିବାର ଲୋକଙ୍କୁ ବି ଖୁଆଇବାର ଆନନ୍ଦ ନେଇ ପାରିବେ। ତେବେ ମନେ ରଖନ୍ତୁ ଏଥିପାଇଁ ବାରମ୍ବାର ମାର୍କେଟ୍ କିମ୍ବା ସଉଦା ଦୋକାନ ଯିବାଠାରୁ ନିଜକୁ ଦୂରେଇ ରଖନ୍ତୁ। ଘରେ ଉପଲବ୍ଧ ଥିବା ସାମଗ୍ରୀରେ ହିଁ ଖାଦ୍ୟ ପ୍ରସ୍ତୁତ କରନ୍ତୁ। ଚାହିଁଲେ ୟୁଟ୍ୟୁବ୍‌ରୁ ମଧ୍ୟ ବିଭିନ୍ନ ସେଫ୍‌ଙ୍କ ଭିଡିଓ ଦେଖି ରେସିପି ଶିଖିପାରିବେ।

– ବ୍ୟସ୍ତବହୁଳ ଜୀବନଶୈଳୀରୁ କିଛି ସମୟ ଫାଙ୍କା ମିଳିଥିବାରୁ ନିଜ ଫିଟ୍‌ନେସ୍ ଲାଗି ବି ଏହାର ସଦୁପଯୋଗ କରିପାରିବେ। ଯୋଗ, ବ୍ୟାୟାମ, ପ୍ରାଣାୟାମ ଆଦି କରିପାରିବେ। ଏହା ଆପଣଙ୍କୁ ମାନସିକ ଏବଂ ଶାରୀରିକ ସ୍ତରରେ ଫିଟ୍ ରଖିବ। ଏଥିଯୋଗୁ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇବ।

–ପୌର୍ଣ୍ଣମାସୀ





## କ'ଣ କରନ୍ତି ଏମାନେ....



**ନମିତା ପ୍ରିୟଦର୍ଶିନୀ ସାହୁ** (ଆନନ୍ଦ ନଗର ପଟଣା, ଆଳି, କେନ୍ଦ୍ରାପଡ଼ା) ସାରା ଦେଶରେ ଯେଉଁ ମହାମାରୀ କରୋନା ଦେଖାଦେଇଛି, ସେଥିପାଇଁ ସରକାର ଲକ୍‌ଡାଉନ୍ କରିଦେଇଛନ୍ତି । ସେଥିଯୋଗୁ ସମସ୍ତେ ଘରେ ରହୁଛନ୍ତି । ମୋର କଲେଜ ବନ୍ଦ । ଏହି ସମୟରେ ଘରେ ରହି ପେଣ୍ଟିଂ କରିବା ସହିତ ବିଭିନ୍ନ ଡିଜାଇନ୍‌ର କ୍ରାଫ୍ଟ ମଧ୍ୟ ତିଆରି କରି ଘର ସଜାଉଛି । ମୋ ସାନ ଭାଇକୁ ଡ୍ରଇଂ କରିବାରେ ସାହାଯ୍ୟ କରୁଛି ।



**ଅଭିଜିତ୍ ସାହୁ** (ଚଣ୍ଡିମାତା କଲୋନୀ, ରସୁଲଗଡ଼, ଭୁବନେଶ୍ୱର)– କରୋନା ଭାଇରସ୍ ଦାଉରୁ ରକ୍ଷା ପାଇବା ପାଇଁ ସରକାର ସମସ୍ତଙ୍କୁ ଗୋଟିଏ ବାଟ ଦେଖାଇଛନ୍ତି ଯେ, ସମସ୍ତେ ଘରେ ରୁହ ବାହାରକୁ ଯମା ବାହାର ନାହିଁ । ମୁଁ ଏବେ ଘରେ ୟୁଟ୍ୟୁବ୍ ଦେଖି ବିଭିନ୍ନ ପ୍ରୋଜେକ୍ଟ କରୁଛି । ମୋତେ ୟୁ ଟ୍ୟୁବ ଦେଖି ବିଭିନ୍ନ ପ୍ରୋଜେକ୍ଟ ତିଆରି କରିବାକୁ ଭଲ ଲାଗେ । ଯେତେବେଳେ ମନ ଭଲ ନ ଲାଗେ ଗୀତ ଶୁଣେ ପ୍ରାକ୍ଟିସ ବି କରେ । ପ୍ରତିବର୍ଷ ଖରାଦିନ ଛୁଟିରେ ମଧ୍ୟ ପ୍ରୋଜେକ୍ଟ ତିଆରି କରେ।



**ନୀହାରିକା ମହାନ୍ତି,** (ବାଳକାଟି, ଭୁବନେଶ୍ୱର)– କରୋନାର ଭୟ କେବଳ ରାଜ୍ୟ କି ଦେଶ ନୁହେଁ, ସାରା ପୃଥିବୀରେ ଦେଖାଯାଇଛି । ସବୁଠାରେ ଲକ୍ ଡାଉନ୍ କରିଦିଆଯାଇଛି । ମୁଁ ଘରେ ରହି ୟୁଟ୍ୟୁବରୁ ଦେଖି ବିଭିନ୍ନ ପ୍ରକାର ରୋଷେଇ ଏକ୍ସପେରିମେଣ୍ଟ କରୁଛି। ପରିବାରର ସମସ୍ତଙ୍କୁ ଖାଇବାକୁ ଦେଉଛି । ଅନ୍ୟ ସମୟରେ କମ୍ପିଟେଟିଭ ପାଇଁ ମଧ୍ୟ ପଢ଼ାପଢ଼ି କରୁଛି।



**ସାହିଲ ସାମନ୍ତରାୟ,** (ଚୌଷଠିଯୋଗିନୀ, ଖୋର୍ଦ୍ଧା)– କରୋନାର ଭୟାବହତାକୁ ନେଇ ସରକାର ଯେମିତି ଚିନ୍ତିତ ସମଗ୍ର ଦେଶବାସୀ ବି ସେମିତି ଚିନ୍ତିତ। ଏହି ସମୟରେ ସମସ୍ତଙ୍କୁ ବାହାରକୁ ନ ଯାଇ ଘରେ ରହିବାକୁ କୁହାଯାଇଛି । ମୁଁ ଘରେ ମୋ ମା'ଙ୍କୁ ଘରକାମରେ ସାହାଯ୍ୟ କରୁଛି । ସନ୍ଧ୍ୟାରେ ବିଭିନ୍ନ ଗପବହି ପଢୁଛି ଓ ଟିଭି ଦେଖୁଛି।

## ଏ ସପ୍ତାହର ପ୍ରଶ୍ନ

୧– ଭାରତର ....... ଠାରେ ଡୋଗରୀ ଭାଷା ବ୍ୟବହାର କରାଯାଏ ?

୨– .................... ମନ୍ତ୍ରଣାଳୟ ଦ୍ୱାରା ପାସପୋର୍ଟ ରିନ୍ୟୁଓ୍ୱାଲ୍ ରିମାଇଣ୍ଡର ସର୍ଭିସ୍ ଆରମ୍ଭ କରାଯାଇଛି ?

୩– ୨୦୧୯ର ଏମ୍ ପି ବିର୍ଲା ମେମୋରିଆଲ୍ ଆଓ୍ୱାର୍ଡ ପାଇଥିବା ଭାରତୀୟ ବୈଜ୍ଞାନିକ ............ ?

୪– ଭାରତର ପ୍ରଥମ ଇଞ୍ଜିନ୍ ବିହୀନ ଟ୍ରେନ୍‌ର ନାମ........... ?

୫– ଉନ୍ନତି ପ୍ରକଳ୍ପ..........ର ବିକାଶ ଲାଗି କାର୍ଯ୍ୟକାରୀ କରାଯାଇଛି ?

## ଗତ ଥରର ଉତ୍ତର

୧ ରାଜସ୍ଥାନର କିଶନଗଡ଼

୨ ରୋବର୍ଟ ଆଲଡାର୍

୩ ବ୍ୟାଡ୍‌ମିଣ୍ଟନ

୪ ଶିର୍ଷୋ ବନ୍ଦୋପାଧ୍ୟାୟ

୫ ୧୯୪୯

## ଉତ୍ତର ଦାତା



ଶ୍ୱେତାଲିକା ପାଣିଗ୍ରାହୀ
ପୁରୀ



ଝୁମୁରୀ ମଲ୍ଲିକ
ଯାଜପୁର



ପ୍ରକାଶ ମହାରଣା
ନୟାଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବାଧିକ ଲୋକପ୍ରିୟ କାର୍ଟୁନ ଚ୍ୟାନେଲ୍




୧............ କାର୍ଟୁନ ନେଟ୍‌ଓ୍ୱର୍କ
୨............ ନିକ୍
୩............ ଡିସ୍‌ନୀ ଚ୍ୟାନେଲ୍
୪............ ଡିସ୍‌ନୀ ଏକ୍ସଡି
୫............ ନିକ୍‌ଟୁନ୍ସ
୬............ ହଙ୍ଗାମା
୭............ ବୁମେରାଙ୍ଗ୍
୮............ ଆନିମ୍ୟାକ୍ସ
୯............ ଫକ୍ସ
୧୦............ ପିବିଏସ୍ କିଡ୍ସ

## ଯୁ|ଥ୍|ଆ|ଲ|ର୍ଟ

# ପ୍ୟାକେଜ୍‌ଡ ଫୁଡ୍ ଖାଉଥିଲେ



**ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ଘରୋଇ ଖାଦ୍ୟ ପରିବର୍ତ୍ତେ ବାହାର ବିଶେଷକରି ଫାଷ୍ଟଫୁଡ୍ ଏବଂ ବିଭିନ୍ନ ପ୍ୟାକେଜ୍‌ଡ ଖାଦ୍ୟ ପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ହେଲେ ପାଟିକୁ ସ୍ୱାଦିଷ୍ଟ ଲାଗୁଥିବା ଏହି ରେଡି ଟୁ ଇଟ୍ ଫ୍ରୋଜନ୍ ଖାଦ୍ୟଗୁଡ଼ିକ ଯେ ଅପରପକ୍ଷେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ସେ ଦିଗରେ ସେମାନେ ସଚେତନ ନାହାନ୍ତି। ଯଦି ଆପଣ ବି ଏଭଳି ପ୍ୟାକେଜ୍‌ଡ ଫୁଡ୍ ଖାଉଛନ୍ତି ତେବେ ଜାଣି ରଖନ୍ତୁ ଏଥିରେ ଥିବା ବିଭିନ୍ନ ହାନିକାରକ ଉପାଦାନ ଏବଂ ଶରୀର ଉପରେ ସେଗୁଡ଼ିକର ପ୍ରଭାବ ସମ୍ପର୍କରେ...**





▶ଏହା ଶରୀରରେ ଅଧିକ ଚର୍ବି ଜମାକରି ମେଦବହୁଳତାକୁ ଡାକି ଆଣିଥାଏ। ଧୀରେ ଧୀରେ ଏହା ଧମନୀ ଭିତରେ ଜମା ହେବାରୁ ତାହା ସଂକୁଚିତ ହୋଇ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇପାରେ ନାହିଁ। ଏମିତିକି ଏହା ଯୋଗୁ ହୃଦ୍‌ଘାତର ଆଶଙ୍କା ବୃଦ୍ଧି ପାଇଥାଏ।

▶ଏଭଳି ଖାଦ୍ୟକୁ ଅଧିକ ଦିନ ରଖାଯିବା ଲାଗି ଅଧିକ ଲୁଣ, ତେଲ, ରଙ୍ଗ ଏବଂ ପ୍ରିଜର୍ଭେଟିଭ୍ ବ୍ୟବହାର କରାଯାଇଥାଏ, ଯାହାକି ସ୍ୱାସ୍ଥ୍ୟ ପ୍ରତି ଆଦୌ ହିତକର ନୁହେଁ। ବିଶେଷକରି ଏଭଳି ଖାଦ୍ୟର ପ୍ରାକୃତିକ ଫ୍ଲେଭର ବଜାୟ ରଖିବା ଲାଗି ବ୍ୟବହାର ହେଉଥିବା ମନୋସୋଡିଅମ ଗ୍ଲୁକାମେଟ୍ ଅନେକଙ୍କଠାରେ ମାଇଗ୍ରେନ୍ ସମସ୍ୟା ସୃଷ୍ଟି କରୁଛି।

▶କେବଳ ଏତିକି ନୁହେଁ ଏସବୁ ଖାଦ୍ୟରେ ମିଶାଯାଉଥିବା ଆର୍ଟିଫିସିଆଲ୍ ସୁଗାର, ସୋଡିଅମ ନାଇଟ୍ରେଟ୍, ମନୋସୋଡିଅମ ଗ୍ଲୁକାମେଟ୍ ବର୍ତ୍ତମାନ ଅନେକଙ୍କଠାରେ ସ୍କିନ୍ ଆଲର୍ଜି, କେଶ ଝଡ଼ିବା ବା ଚନ୍ଦାପଣ, ଡାଇବେଟିସ୍, ବ୍ଲଡ୍‌ପ୍ରେସର, ଲିଭର ସମସ୍ୟା, ପେଟ ସମସ୍ୟା, ମାନସିକ ଅନଗ୍ରସରତା ଏବଂ ସର୍ବୋପରି ହୃଦ୍‌ରୋଗ ସମସ୍ୟା ଉପୁଜାଉଥିବା ଦେଖିବାକୁ ମିଳୁଛି।

▶ଯେଉଁ ପ୍ୟାକେଜ୍‌ଡ ଫୁଡ୍‌ର ଇନ୍‌ଗ୍ରେଡିଏନ୍ସ ଲିଷ୍ଟରେ ମିନେରାଲ୍ସ, ଫାଇବର ଏବଂ ଭିଟାମିନ୍ସର ପରିମାଣ କମ୍ ହୋଇ ସ୍ୟାଚୁରେଟେଡ ଫ୍ୟାଟ୍, କ୍ୟାଲୋରୀ, ସୋଡିଅମ୍ ଆଦି ବେଶି ପରିମାଣରେ ଥିବ ତାହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ।

▶ସେହିପରି ଇନ୍‌ଗ୍ରେଡିଏନ୍ସ ଲିଷ୍ଟରେ ଯଦି କର୍ନ ସିରପ୍, କର୍ନ ସିରପ୍ ସଲିଡ୍ସ, ହାଇ ଫ୍ରୁକ୍ଟୋଜ୍ କର୍ନ ସିରପ୍ ଆଦି ମଧ୍ୟରୁ କିଛି ଲେଖାଥାଏ, ତେବେ ସେଥିରେ ଗ୍ଲୁକୋଜ୍ ବଦଳରେ ଫ୍ରୁକ୍ଟୋଜ୍ ବ୍ୟବହାର ହୋଇଛି। ଅର୍ଥାତ୍ ଏହାକୁ ଖାଇବା ଦ୍ୱାରା ଶରୀରରେ ଆର୍ଟିଫିସିଆଲ୍ ସୁଗାର ଯାଇ ମଧ୍ୟ ବିଭିନ୍ନ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି।

## ଜା|ଣ|ନ୍ତୁ|ଦୁ|ନି|ଆ

# ଗୁଆମ

**ପ୍ରଶାନ୍ତ ମହାସାଗରର ଉତ୍ତର–ପଶ୍ଚିମ ଭାଗରେ ରହିଛି ଆମେରିକାର ୫୪୪ ବର୍ଗ କିଲୋମିଟର ପରିମିତ ଏକ କ୍ଷୁଦ୍ର ଆଇଲାଣ୍ଡ ଗୁଆମ। ହାଗାତ୍ନା ଏହାର କ୍ୟାପିଟାଲ ହୋଇଥିବା ବେଳେ ସବୁଠାରୁ ଅଧିକ ଜନଗହଳି ସହର ହେଉଛି ଦେଦେଡୋ। ଜାଣନ୍ତୁ ଏହି ଆଇଲାଣ୍ଡ ସମ୍ପର୍କରେ କିଛି ରୋଚକ କଥା–**

– ଗୁଆମକୁ 'ଆଇଲାଣ୍ଡ ଅଫ୍ ଓ୍ୱାରିଅର୍ସ' ବୋଲି ମଧ୍ୟ କୁହାଯାଇଥାଏ।

– ପ୍ରଥମେ ଏହାର ନାମ ଟେରିଟୋରି ଅଫ୍ ଗୁଆମ ଏବଂ ପରବର୍ତ୍ତୀ ସମୟରେ ଏହାକୁ ପରିବର୍ତ୍ତନ କରାଯାଇ କେବଳ ଗୁଆମ୍ ରଖାଯାଇଥିଲା।

– ଏଠାରେ ଥିବା ବିଭିନ୍ନ ବେଳାଭୂମି ମଧ୍ୟରୁ 'ଦି ଗନ୍ ବିଚ୍'ରେ ସର୍ବାଧିକ ବିଚ୍ ବାର୍ ରହିଛି।

– ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଅନ୍ୟ ବେଳାଭୂମିରେ ବାଲି ଥିବାବେଳେ ଏଠାରେ ବାଲି ପରିବର୍ତ୍ତେ ଚାରିଆଡେ କେବଳ କୋରାଲ୍ ବା ପ୍ରବାଳ ଦେଖିବାକୁ ମିଳିଥାଏ। ଏମିତିକି ରାସ୍ତା ନିର୍ମାଣ ଲାଗି ମଧ୍ୟ ସିମେଣ୍ଟ ସହିତ ଏହି କୋରାଲ ମିଶ୍ରଣ କରାଯାଇଥାଏ।

– ଏହି କୋରାଲ୍ ରିଫ୍‌ରୁ ଗୁଆମ୍‌କୁ ବାର୍ଷିକ ୨୦ ମିଲିଅନ୍ ଡଲାରରୁ ଊର୍ଦ୍ଧ୍ୱ ରାଜସ୍ୱ ମିଳିଥାଏ।

– ଦେଶର ଅର୍ଥନୀତି ମୁଖ୍ୟତଃ ଏହାର ପର୍ଯ୍ୟଟନ ଏବଂ ଆମେରିକାର ସୈନ୍ୟବାହିନୀରୁ ଆସିଥାଏ।

– ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏଠାରେ ପ୍ରତି ମଣିଷ ଅନୁପାତରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ମାଟିଆ ରଙ୍ଗର ସାପ ଥିଲେ।

– ଏଠାରେ ବର୍ଷକୁ ମାତ୍ର ଦୁଇଟି 'ନ୍ୟାଶନାଲ ହଲିଡେ' ପାଳନ କରାଯାଏ।



ଗୁଆମ

ଧରିତ୍ରୀ
DHARITRI



## ସଂକ୍ଷେପରେ

### ଆମେରିକା ଅଲିମ୍ପିକ କ୍ରୀଡ଼ା ଆର୍ଥିକ ସଂକଟରେ

ଡେନଭର, ୨୮।୩ (ଏପି)
ଟୋକିଓ ଗେମ୍ସ ସ୍ଥଗିତ ଯୋଗୁ ୟୁଏସ୍ (ଯୁକ୍ତରାଷ୍ଟ୍ର ଆମେରିକା) ଟିମ୍‌ର ମେରୁଦଣ୍ଡ ବୋଲି କୁହାଯାଉଥିବା କ୍ରୀଡ଼ା ସଂଗଠନଗୁଡ଼ିକ ନାହିଁ ନ ଥିବା ଆର୍ଥିକ ସଂକଟରେ ପଡ଼ିଛନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ ଦେଶରେ ସମସ୍ତ କ୍ରୀଡ଼ାର ୮,୦୦୦ରୁ ଇଭେଣ୍ଟ ବାତିଲ ହୋଇଛି। ଏନ୍‌ଜିବି କାଉନ୍‌ସିଲ ତରଫରୁ ହୋଇଥିବା ଏକ ସର୍ଭେ ଅନୁସାରେ ଫେବୃୟାରୀରୁ ଜୁନ୍ ମଧ୍ୟରେ ୫୦ଟି ଜାତୀୟ ପରିଚାଳନା ପରିଷଦ (ଏନଜିବି) ମଧ୍ୟରୁ ୪୩ଟି ୧୨୧ ନିୟୁତ ଡଲାର ରାଜସ୍ୱ ହରାଇଛନ୍ତି। ଦେଶର ଅଲିମ୍ପିକ ଖେଳର ନିୟନ୍ତ୍ରକ ୟୁଏସ୍ ଅଲିମ୍ପିକ ଓ ପାରା ଅଲିମ୍ପିକ କମିଟି ସେମାନଙ୍କ ଆଥଲେଟ୍‌ମାନଙ୍କ ଲାଗି ମୋଟ ଆୟର ୮୦% ଖର୍ଚ୍ଚ କରିଥାନ୍ତି। ସେହିପରି ୟୁଏସ ଟେନିସ୍ ଆସୋସିଏଶନ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତାରୁ ବିପୁଳ ଉପାର୍ଜନ କରିଥାଏ। ଗତ ସିଜନର ହିସାବ ଅନୁସାରେ ଏନଜିବିଗୁଡ଼ିକର ମୋଟ ଆୟ ୬୮୫ ନିୟୁତ ଡଲାର ହୋଇଥିଲା। ସେ ତୁଳନାରେ ଏନ୍‌ଏଫ୍‌ଏଲ(ନ୍ୟାଶନାଲ ଫୁଟ୍‌ବଲ ଲିଗ୍) ଏବଂ ଏନ୍‌ବିଏ (ନ୍ୟାଶନାଲ ବାସ୍କେଟବଲ୍ ଆସୋସିଏଶନ)ର ମିଳିତ ଆୟ ପ୍ରାୟ ୮ ବିଲିୟନ ଡଲାରେ ରହିଥିଲା। ଅଧା ଏନ୍‌ଜିବି ଯଥେଷ୍ଟ କମ୍ ସଂଖ୍ୟାରେ କର୍ମଚାରୀ ରଖିଛନ୍ତି। ସେମାନଙ୍କ ବେତନ ବାବଦରେ ବାର୍ଷିକ ୫ ନିୟୁତ ଡଲାରରୁ ଅଧିକ ନୁହେଁ।

### ଗ୍ରାଉଣ୍ଡସ୍ମ୍ୟାନଙ୍କୁ ୮ଲକ୍ଷ ଟଙ୍କା

ମୁମ୍ବାଇ, ୨୮।୩ (ପି.ଟି.): କୋଭିଡ୍-୧୯ ଲକ୍‌ଡାଉନ୍ ଯୋଗୁ ମୁମ୍ବାଇର ବିଭିନ୍ନ ଖେଳପଡ଼ିଆରେ କାର୍ଯ୍ୟରତ ଗ୍ରାଉଣ୍ଡସ୍ମ୍ୟାନମାନେ କଠିନ ପରିସ୍ଥିତି ଦେଇ ଗତି କରୁଛନ୍ତି। ସେମାନଙ୍କୁ ସହାୟତା ପାଇଁ ୮ଟି ମୁମ୍ବାଇ ପ୍ରିମିୟର ଲିଗ୍ (ଏମ୍‌ପିଏଲ୍) ଦଳର ମାଲିକ ପ୍ରତ୍ୟେକ ୧ଲକ୍ଷ ଟଙ୍କା ଲେଖାଏଁ ଦାନ କରିଛନ୍ତି। କୋଭିଡ୍-୧୯ ଦେଖା ଦେବାପରେ ମୁମ୍ବାଇରେ କ୍ରୀଡ଼ା କାର୍ଯ୍ୟକଳାପ ବନ୍ଦ ରହିଛି। ଏପରିକି ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଏପ୍ରିଲ ୧୫ ପର୍ଯ୍ୟନ୍ତ ସେମାନଙ୍କର ସମସ୍ତ କାର୍ଯ୍ୟକଳାପ ସ୍ଥଗିତ ରଖିଛନ୍ତି। କୋଭିଡ୍-୧୯ ଲକ୍‌ଡାଉନ୍ ଯୋଗୁ ବିଭିନ୍ନ କ୍ଲବର ପଡ଼ିଆଗୁଡ଼ିକରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଗ୍ରାଉଣ୍ଡସ୍ମ୍ୟାନମାନେ ରୋଜଗାର ପନ୍ଥା ହରାଇଛନ୍ତି। ତେଣୁ ସେମାନଙ୍କୁ ଆର୍ଥିକ ସହାୟତାର ଆବଶ୍ୟକତା ରହିଛି ବୋଲି ଏମ୍‌ପିଏଲ୍ ଟିମ୍‌ଗୁଡ଼ିକର ମାଲିକମାନେ ଏମ୍‌ସିଏ ମୁଖ୍ୟ ବିଜୟ ପାଟିଲଙ୍କ ନିକଟକୁ ପଠାଇଥିବା ଏକ ଚିଠିରେ ଉଲ୍ଲେଖ କରିଛନ୍ତି।

# ପ୍ରସ୍ତୁତ ରୁହ: ବାତ୍ରା

ନୂଆଦିଲ୍ଲୀ, ୨୮।୩ (ପି.ଟି.)
ପରିସ୍ଥିତିରେ ସୁଧାର ଆସିଲେ କୋଭିଡ୍-୧୯ ଯୋଗୁ ସ୍ଥଗିତ ରହିଥିବା ଟୋକିଓ ଅଲିମ୍ପିକ୍ସ କ୍ୱାଲିଫିକେଶନ ଇଭେଣ୍ଟଗୁଡ଼ିକ ଅନୁଷ୍ଠିତ ହେବ। ହେବାକୁଥିବା ଟୁର୍ନାମେଣ୍ଟଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରିବା ଲାଗି ସମ୍ପୃକ୍ତ ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍)ଗୁଡ଼ିକୁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା କହିଛନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ ଟୋକିଓ ଗେମ୍ସ ୨୦୨୧କୁ ଘୁଞ୍ଚାଇ ଦିଆଯାଇଛି। ସମସ୍ତ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକର ମୁଖ୍ୟମାନେ ସେମାନଙ୍କ ଖେଳସୂଚୀ ନେଇ ପରସ୍ପର ମଧ୍ୟରେ ଆଲୋଚନା କରିବା ଉଚିତ। ଏହାଦ୍ୱାରା ଆଥଲେଟ୍‌ମାନଙ୍କ ପ୍ରସ୍ତୁତ କ୍ଷେତ୍ରରେ କୌଣସି ସମସ୍ୟା ଉପୁଜିବ ନାହିଁ। କରୋନା ଭାଇରସ୍ ଜନିତ ଭୟ ଦୂର ହେବା ପରେ ସ୍ଥଗିତ ହୋଇଥିବା ଇଭେଣ୍ଟଗୁଡ଼ିକ ନେଇ ନୂଆ ତାରିଖ ଘୋଷଣା ହେବ ବୋଲି ବାତ୍ରା କହିଛନ୍ତି। ବାତ୍ରା ଏହି ମର୍ମରେ ସମସ୍ତ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକର ସଭାପତି ଓ ସମ୍ପାଦକଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଅଲିମ୍ପିକ୍ସ ସ୍ଥଗିତ ନିଷ୍ପତ୍ତି ପରେ ଇଣ୍ଟରନ୍ୟାଶନାଲ ଅଲିମ୍ପିକ୍ସ କମିଟି (ଆଇଓସି) ସଭାପତି ଥୋମାସ ବ୍ୟାକ୍ ଏହାର ସଦସ୍ୟମାନଙ୍କୁ ଗୁରୁବାର ଏକ ଟେଲିକନଫରେନ୍ସ କଲ୍ କରିଥିଲେ। ବାତ୍ରା କେବଳ ଆଇଓସିର ଜଣେ ସଦସ୍ୟ ନୁହଁନ୍ତି, ଅନ୍ତର୍ଜାତୀୟ ହକି ମହାସଂଘ (ଆଇଏଫ୍‌ଏଚ୍)ର ଜଣେ ସଦସ୍ୟ ମଧ୍ୟ। ଚଳିତ ବର୍ଷ ଯେଉଁ କୋଚ୍‌ମାନଙ୍କ କାର୍ଯ୍ୟକାଳ ଶେଷ ହେଉଛି ସେମାନଙ୍କ ସହିତ ଚୁକ୍ତି ମିଆଦ ବୃଦ୍ଧି ପାଇଁ ଆଇଓଏ ଓ ଏନ୍‌ଏସ୍‌ଏଫ୍‌ଗୁଡ଼ିକ ଯୋଜନା ପ୍ରସ୍ତୁତ କରିବା ଉଚିତ ବୋଲି ବାତ୍ରା କହିଥିଲେ। ଟୋକିଓ ଗେମ୍ସ ଶେଷ ହେବା ପରେ ଅଗଷ୍ଟ ସୁଦ୍ଧା ଅଧିକାଂଶ କୋଚ୍‌ଙ୍କ କାର୍ଯ୍ୟକାଳ ଶେଷ ହେବାର ଥିଲା। ମାତ୍ର ଅଲିମ୍ପିକ୍ସ ଆସନ୍ତା ବର୍ଷକୁ ଘୁଞ୍ଚିଯାଇଛି। ତେଣୁ ସେମାନଙ୍କ ଚୁକ୍ତି ମିଆଦକୁ ବୃଦ୍ଧି କରିବା ଜରୁରୀ ହୋଇ ପଡ଼ିଛି। କୋଚ୍‌ଙ୍କ ବ୍ୟତୀତ ସପୋର୍ଟ ଷ୍ଟାଫ୍ ଏବଂ ହାଇପରଫର୍ମାନ୍ସ ଡାଇରେକ୍ଟରଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯିବା ଉଚିତ। ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ଆଇଓଏ ମୁଖ୍ୟ କହିଛନ୍ତି। ୨୦୨୧ ଅଲିମ୍ପିକ୍ସ ଲାଗି ଆଥଲେଟ୍‌ଙ୍କ ପ୍ରସ୍ତୁତି ପାଇଁ ଏକ ଟ୍ରେନିଂ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଉ। ବର୍ତ୍ତମାନ ଆଥଲେଟମାନଙ୍କ ଅବସ୍ଥିତି ଏବଂ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସମୟକୁ ସମୟ ରିପୋର୍ଟ ପ୍ରଦାନ କରିବାକୁ ପଡ଼ିବ ବୋଲି ବାତ୍ରା କହିଛନ୍ତି। ଏହି ଚିଠିର ଏକ ନକଲ ସେ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ନିକଟକୁ ପଠାଇ ଦେଇଛନ୍ତି। ଟୋକିଓ ଅଲିମ୍ପିକ୍ସ ପାଇଁ ଆଥଲେଟିକ୍ସ, ଆର୍ଚେରୀ, ବକ୍ସିଂ, ଅଶ୍ୱଚାଳନା, ହକି, ଶୁଟିଂ ଏବଂ ରେସ୍‌ଲିଂ ଆଦି ୭ଟି ଖେଳ ପାଇଁ ପାଖାପାଖି ୮୦ ଭାରତୀୟ ଆଥଲେଟ୍ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଏହି ସଂଖ୍ୟା ୧୨୦କୁ ଅତିକ୍ରମ କରିଯିବ ବୋଲି ଆଇଓଏ ଆଶା କରୁଛି।


ନରିନ୍ଦର ବାତ୍ରା





# କୋହଲିଙ୍କ ନୂଆ ହେୟାର ଷ୍ଟାଇଲ ବନେଇଲେ ଅନୁଷ୍କା

କରୋନା ଭାଇରସ ସଂକ୍ରମଣ ଯୋଗୁ ଏବେ ସବୁ ଖେଳ ବନ୍ଦ। ସାରା ଭାରତ ଲକ୍‌ଡାଉନ୍ ଥିବାରୁ ଆଥଲେଟମାନେ ଘରେ ବସି ସମୟ ବିତାଉଛନ୍ତି। ଅନେକ ହୋମ୍ ଆଇସୋଲେଶନରେ ମଧ୍ୟ ରହୁଛନ୍ତି। ଏପରି ଏକ ସମୟରେ ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲିଙ୍କ ହେୟାର ଷ୍ଟାଇଲ ବଦଳି ଯାଇଥିବା ପରିଲକ୍ଷିତ ହୋଇଛି। ସବୁଠାରୁ ମଜାଜନକ କଥା ହେଲା କୋହଲିଙ୍କ ଏହି ନୂଆ ହେୟାରଷ୍ଟାଇଲ ବନେଇଛନ୍ତି ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା। ଅନୁଷ୍କା ନିଜ ଇନ୍‌ଷ୍ଟାଗ୍ରାମରେ ଏପରି ଏକ ଭିଡିଓ ଛାଡ଼ିଛନ୍ତି। ଯେଉଁଥିରେ ସେ ନିଜେ ରୋଷେଇ ଘରେ ବ୍ୟବହାର ହେଉଥିବା କତୁରିରେ କୋହଲିଙ୍କ ଚୁଟି କାଟୁଥିବା ଦେଖିବାକୁ ମିଳୁଛି। ଏଥିରେ କୋହଲି ମଧ୍ୟ ବେଶ୍ ଖୁସିଥିବା ପରିଲକ୍ଷିତ ହୋଇଛି। ଚୁଟି କଟାଯିବାପରେ ଉଭୟ ଏହାକୁ ନେଇ ଆଲୋଚନା କରୁଛନ୍ତି। ଏହାପରେ କୋହଲି 'ବିଉଟିଫୁଲ ହେୟାରକଟ୍ ବାଇ ମାଇଁ ୱାଇଫ' ବୋଲି କହୁଥିବା ଭିଡିଓରେ ଦେଖିବାକୁ ମିଳୁଛି। ପ୍ରକାଶ ଯୋଗ୍ୟ ଯେ, ଶୁକ୍ରବାର କୋହଲି ଏକ ଭିଡିଓ ବାର୍ତ୍ତାରେ ସରକାରଙ୍କ ଲକ୍‌ଡାଉନ୍ ନିୟମକୁ କଡ଼ାକଡ଼ିଭାବେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ନିୟମକୁ ଅନେକ ପାଳନ କରୁ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ।

# ବିସିସିଆଇ ଦେଲା ୫୧କୋଟି

ନୂଆଦିଲ୍ଲୀ, ୨୮।୩ (ପି.ଟି.)
କୋଭିଡ୍-୧୯ ମହାମାରୀ ମୁକାବିଲା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶନିବାର ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୧କୋଟି ଟଙ୍କା ଦାନ କରିଛି। ଭାଇରସ୍‌ର ସଂକ୍ରମଣକୁ ରୋକିବା ଲାଗି ଦେଶରେ ୨୧ ଦିନିଆ ଲକ୍‌ଡାଉନ୍ କାର୍ଯ୍ୟକାରୀ କରାଯାଉଛି। ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟ ଶାହା, ସ୍ୱୀକୃତିପ୍ରାପ୍ତ ରାଜ୍ୟଆସୋସିଏଶନ ଏବଂ ବୋର୍ଡର କର୍ମକର୍ତ୍ତାମାନଙ୍କ ସହମତିରେ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ କରାଯାଇଥିବା ବିସିସିଆଇ ପକ୍ଷରୁ କୁହାଯାଇଛି।

## ଡୋପ୍: ଶଟ୍ ପୁଟର ନବୀନ ଚିକାରା ୪ ବର୍ଷ ବାସନ୍ଦ

ନୂଆଦିଲ୍ଲୀ, ୨୮।୩(ପି.ଟି.)
ଭାରତୀୟ ତାରକା ଶଟ୍‌ପୁଟର ନବୀନ ଚିକାରା ୪ ବର୍ଷ ବାସନ୍ଦ ହୋଇଛନ୍ତି। ୱାର୍ଲ୍ଡ ଆଥଲେଟିକ୍ସର ଇଣ୍ଟିଗ୍ରେଟେଡ ୟୁନିଟ୍ ତାଙ୍କୁ କ୍ରୀଡ଼ାରୁ ବାସନ୍ଦ କରିଛି। ୨୦୧୮ରେ ଅନୁଷ୍ଠିତ ଆଉଟ୍ ଅଫ୍ କମ୍ପିଟିସନ ଡୋପ୍ ଟେଷ୍ଟରେ ସେ ବିଫଳ ହୋଇଥିଲେ। ଫଳରେ ତାଙ୍କ ବିରୋଧରେ ଏହି କଡ଼ା ପଦକ୍ଷେପ ନିଆଯାଇଛି। ୨୩ ବର୍ଷୀୟ ଚିକାରା ନିଷିଦ୍ଧ ପଦାର୍ଥ ସେବନ କରି ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ଏବେ ତାଙ୍କ ବାସନ୍ଦ ଅବଧି ଆସନ୍ତା ଜୁଲାଇ ୨୭ ତାରିଖରୁ ଆରମ୍ଭ ହେବ ବୋଲି ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ତରଫରୁ କୁହାଯାଇଛି। କାନାଡାର ମଣ୍ଟ୍ରିଲରେ ଥିବା ବିଶ୍ୱ ନିଶା ନିବାରଣ ସଂସ୍ଥାର ଅନୁବନ୍ଧିତ ଲାବରେଟୋରିରେ ଚିକାରାଙ୍କ ନମୁନାରେ ନିଷିଦ୍ଧ ପଦାର୍ଥ ଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଉଲ୍ଲେଖଥାଉ କି, ଚିକାରା ୨୦୧୮ ଫେଡେରେଶନ କପ୍ ରୌପ୍ୟ ପଦକ ହାସଲ କରିଥିଲେ। ଏହି ବର୍ଷ ଆନ୍ତଃ ରାଜ୍ୟ ପ୍ରତିଯୋଗିତାରେ ସେ ରନର୍ସଅପ୍ ମଧ୍ୟ ହୋଇଥିଲେ। ୨୦୧୮ ନଭେମ୍ବରରେ ଚିକାରାଙ୍କ ଉପରେ ସାମୟିକ ବାସନ୍ଦାଦେଶ ଜାରି କରାଯାଇଥିଲା।

# ସୁରେଶ ରାଇନାଙ୍କ ସହାୟତା

ନୂଆଦିଲ୍ଲୀ, ୨୮।୩(ପି.ଟି.)
କରୋନା ଭାଇରସକୁ ରୋକିବା ଲାଗି ଦେଶରେ ଆରମ୍ଭ ହୋଇଥିବା ଲଢ଼େଇ ପାଇଁ ଭାରତୀୟ କ୍ରିକେଟର ସୁରେଶ ରାଇନା ୫୨ ଲକ୍ଷ ଟଙ୍କା ଦାନ କରିଛନ୍ତି। ଏଭଳି ସ୍ୱାସ୍ଥ୍ୟ ସଙ୍କଟ ସମୟରେ ଅନ୍ୟମାନେ ମଧ୍ୟ ସହାୟତାର ହାତ ବଢ଼ାଇବା ଉଚିତ ବୋଲି ସେ କହିଛନ୍ତି। ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ରାଇନାଙ୍କ ଅବଦାନ ସର୍ବାଧିକ। "କରୋନାରୁ ମୁକ୍ତି ପାଇଁ ଆମେ ସମସ୍ତେ ସହଯୋଗ କରିବା ଆବଶ୍ୟକ। କରୋନା ବିପକ୍ଷରେ ଲଢ଼େଇ ପାଇଁ ମୁଁ ୫୨ ଲକ୍ଷ ଟଙ୍କା ଦାନ କରୁଛି। ଏଥିରୁ ୩୧ ଲକ୍ଷ ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ ଏବଂ ୨୧ ଲକ୍ଷ ଟଙ୍କା ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ବିପର୍ଯ୍ୟୟ ରିଲିଫ ପାଣ୍ଠିକୁ ଯିବ। ଆପଣମାନେ ମଧ୍ୟ ନିଜ କର୍ତ୍ତବ୍ୟ ସମ୍ପାଦନ କରନ୍ତୁ" ବୋଲି ରାଇନା ଶନିବାର ଟୁଇଟ କରିଛନ୍ତି। ୩୩ ବର୍ଷୀୟ ବାମହାତୀ ବ୍ୟାଟ୍ସମ୍ୟାନ ରାଇନା ୨୦୦୫ରୁ ୨୦୧୮ ମଧ୍ୟରେ ଭାରତ ପାଇଁ ୧୮ ଟେଷ୍ଟ, ୨୨୬ ଦିନିକିଆ ଓ ୭୮ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ଇଣ୍ଡିଆନ ସୁପରଲିଗ୍‌ରେ ସେ ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଶୁକ୍ରବାର ଏଥିପାଇଁ ୫୦ ଲକ୍ଷ ଟଙ୍କା ଦାନ କରିଥିଲେ। ଭାଇରସ ସଂକ୍ରମଣରେ ଭାରତରେ ୨୧ଜଣ ଏବଂ ବିଶ୍ୱରେ ୨୮,୦୦୦ରୁ ଉର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି।


ସୁରେଶ ରାଇନା

# ମାଗଣା ଖାଦ୍ୟ ଯୋଗାଇଲେ ଅଲିମ

ଲାହୋର, ୨୮।୩(ପି.ଟି)
ପାକିସ୍ତାନର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏଲିଟ ପ୍ୟାନେଲ ଅମ୍ପାୟର ଅଲିମ ଦାର୍ ତାଙ୍କ ବଦାନ୍ୟତା ପାଇଁ ଚର୍ଚ୍ଚାକୁ ଆସିଛନ୍ତି। କରୋନା ଭାଇରସ୍ ସଂକ୍ରମଣ କାରଣରୁ ଚାକିରି ହରାଇଥିବା ବେକାର ଲୋକମାନଙ୍କୁ ସେ ତାଙ୍କ ରେଷ୍ଟୁରାଣ୍ଟରେ ମାଗଣାରେ ଖାଦ୍ୟ ଯୋଗାଇଛନ୍ତି। ପାକିସ୍ତାନରେ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ କରୋନା ଭାଇରସ ସଂକ୍ରମଣର ଶିକାର ହୋଇଛନ୍ତି। ଏବେ ପାକିସ୍ତାନରେ ଲକ୍ ଡାଉନ ଜାରି ହୋଇଛି। ଫଳରେ କେତେକ ଲୋକ ଚାକିରି ହରାଇଥିଲେ। ଲାହୋରର ପିଆ ରୋଡ୍‌ରେ ଦାରଙ୍କର ଏକ ରେଷ୍ଟୁରାଣ୍ଟ ରହିଛି। ଏହାର ନାମ ଡାରସ୍ ଡେଲିଟୋ ରଖାଯାଇଛି। ଯେଉଁମାନେ ରୋଜଗାର ହରାଇଛନ୍ତି ସେମାନେ ମୋ ରେଷ୍ଟୁରାଣ୍ଟକୁ ଆସି ମାଗଣାରେ ଖାଦ୍ୟ ଖାଇପାରିବେ ବୋଲି ଦାର ଟୁଇଟ କରି ଏକ ଭିଡିଓ ମେସେଜ୍‌ରେ କହିଛନ୍ତି। ଦାର ତାଙ୍କ କ୍ୟାରିୟରରେ ପାଖାପାଖି ୪୦୦ ଅନ୍ତର୍ଜାତୀୟ ମ୍ୟାଚ୍ ପରିଚାଳନା କରିଛନ୍ତି। ସେ ମଧ୍ୟ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି। ପାକିସ୍ତାନ ସମେତ ସାରା ବିଶ୍ୱ କରୋନା ଭାଇରସ୍ ଏକ ମହାମାରୀର ରୂପ ନେଇଛି ବୋଲି ଦାର କହିଛନ୍ତି। ଏହି ଭାଇରସର ସଂକ୍ରମଣକୁ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ମାନିବାକୁ ସେ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ପୂର୍ବରୁ ପୂର୍ବତନ ପାକିସ୍ତାନ କ୍ରିକେଟର ଶାହିଦ ଆଫ୍ରିଦି ମଧ୍ୟ କରୋନା ଭାଇରସ ବିପକ୍ଷ ଲଢେଇରେ ସାମିଲ ହୋଇଛନ୍ତି। ସେ ତାଙ୍କ ଫାଉଣ୍ଡେଶନ ମାଧ୍ୟମରେ ସମାଜମଙ୍ଗଳ କାର୍ଯ୍ୟ ଜାରି ରଖିଛନ୍ତି।


ଅଲିମ ଦାର୍

# ୨ ଅଲିମ୍ପିକ ଚାମ୍ପିୟନଙ୍କ ବିରୋଧରେ ଡୋପିଂ ଅଭିଯୋଗ

ମୋନାକୋ, ୨୮।୩ (ଏ.ପି.)
ଦୁଇ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତାଙ୍କ ସମେତ ୪ ରୁଷୀୟ ଆଥ୍‌ଲେଟଙ୍କ ବିରୋଧରେ ଡୋପିଂ ଅଭିଯୋଗ ଆସିଛି। ୨୦୦୮ ହାଇଜମ୍ପ ଚାମ୍ପିୟନ ଆନ୍ଦ୍ରେଇ ସିଲ୍‌ନୋଭ ଓ ୨୦୧୨ରେ ୪୦୦ମିଟର ହର୍ଡଲ୍ସ ଚାମ୍ପିୟନ ନାତାଲ୍ୟା ଆଣ୍ଟ୍ୟୁଖ୍ ନିଷିଦ୍ଧ ଦ୍ରବ୍ୟ ସେବନ କରିଛନ୍ତି ଅବା ବେନିୟମ ପଦ୍ଧତି ଅନୁସରଣ କରିଛନ୍ତି। ରୁଷିଆ ଡୋପିଂ ସ୍କାଣ୍ଡାଲର ତଦନ୍ତ କରୁଥିବା ନେଇ କାନାଡାର ଜଣେ ଆଇନଜୀବୀ ରିଚାର୍ଡ ମ୍ୟାକ୍‌ଲରେନ ୨୦୧୬ରେ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ନିକଟରେ ତାଙ୍କ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହାକୁ ଭିତ୍ତି କରି ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଉପରୋକ୍ତ ସୂଚନା ଦେଇଛି। ଏଆଇୟୁ କହିଛି ସିଲ୍‌ନୋଭ ନିଷିଦ୍ଧ ଷ୍ଟେରଏଡ୍ ବ୍ୟବହାର କରିଥିବା ସନ୍ଦେହ କରାଯାଉଛି। ଅନ୍ୟ ଯେଉଁ ଦୁଇ ଜଣ ଆଥ୍‌ଲେଟଙ୍କ ବିରୋଧରେ ଅଭିଯୋଗ ହୋଇଛି ସେମାନେ ହେଲେ ୨୦୦୬ରେ ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍ ୧,୫୦୦ ମିଟରରେ ଏକ ରୌପ୍ୟ ପଦକ ଜିତିଥିବା ୟେଲେନା ସୋଭୋଲେଭା ଏବଂ ଅବସରପ୍ରାପ୍ତ ହାମର ଥ୍ରୋୟର ଓକ୍‌ସାନା କୋନ୍ଦ୍ରାତ୍‌ୟେଭା।

# ସମସ୍ତଙ୍କୁ ଖୁସି କରି ହେବନି

**ଟୋକିଓ ଅଲିମ୍ପିକ୍ସ**

ପ୍ୟାରିସ,୨୮।୩ (ଏଏଫ୍‌ପି)
କୋଭିଡ-୧୯ ସଂକ୍ରମଣ କାରଣରୁ ଟୋକିଓ ୨୦୨୦ ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଛି। ଖୁବ୍‌ଶୀଘ୍ର ଏହି ମେଗା ଇଭେଣ୍ଟର ନୂଆ ତାରିଖ ଘୋଷଣା ହେବ ବୋଲି ଆଶା କରାଯାଉଛି। ତେବେ ଘୋଷିତ ହେବାକୁ ଥିବା ନୂଆ ତାରିଖ ସମସ୍ତଙ୍କୁ ଖୁସି ନ କରିପାରେ ବୋଲି ୱାର୍ଲ୍ଡ ଆଥଲେଟିକ୍ସ ଅଧ୍ୟକ୍ଷ ସେବାଷ୍ଟିଆନ କୋଏ କହିଛନ୍ତି। ଏ ନେଇ ସମସ୍ତଙ୍କୁ ଖୁସି କରିବା ଅସମ୍ଭବ ବୋଲି ସେ ସ୍ପଷ୍ଟ କରିଛନ୍ତି। ସବୁ କ୍ରୀଡ଼ା ଫେଡେରେଶନର ପରାମର୍ଶକୁ ଦୃଷ୍ଟିରେ ରଖି ତାରିଖ ଧାର୍ଯ୍ୟ କରିବା ସମ୍ଭବ ନୁହେଁ। ସବୁ ଫେଡେରେଶନ କୌଣସି ନିର୍ଦ୍ଦିଷ୍ଟ ସମୟରେ ସେମାନଙ୍କ ସମସ୍ୟା ଥିବା କଥା କହିଛନ୍ତି। ତେବେ ଆଗାମୀ ୨ ବର୍ଷ ମଧ୍ୟରେ ସବୁ ଫେଡେରେଶନ ଉଦାର ହେବାକୁ ସେ ନିବେଦନ କରିଛନ୍ତି। ୨୦୨୧ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍ ଚଳିତ ବର୍ଷ ଜୁଲାଇ ୨୪ରୁ ଅଗଷ୍ଟ ୯ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ କରୋନା ଭାଇରସ ସଂକ୍ରମଣ କାରଣରୁ ଏହି ଇଭେଣ୍ଟ ୨୦୨୧ ପର୍ଯ୍ୟନ୍ତ ସ୍ଥଗିତ ରହିଛି। ଅଲିମ୍ପିକ୍ସର ନୂଆ ତାରିଖ ୨୦୨୦ ପରେ ଆୟୋଜନ ହେବ। କିନ୍ତୁ ଏହା ୨୦୨୧ ଗ୍ରୀଷ୍ମ ପାର କରିବ ନାହିଁ ବୋଲି କୋଏ କହିଛନ୍ତି। ଅଲିମ୍ପିକ୍ସ ବସନ୍ତ ଋତୁରେ ଆୟୋଜନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ଜାପାନରେ ଗ୍ରୀଷ୍ମରେ ପ୍ରବଳ ଗରମ ଅନୁଭୂତ ହେବା ସହ ଆର୍ଦ୍ରତା ପରିଲକ୍ଷିତ ହୋଇଥାଏ। ଶୀଘ୍ର ଅଲିମ୍ପିକର ନୂଆ ତାରିଖ ଘୋଷଣା ନେଇ ଦାବି ହେଉଛି। ସବୁ ଦିଗକୁ ବିଚାର କରାଯାଇ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି କୋଏ ସ୍ପଷ୍ଟ କରିଛନ୍ତି।


ସେବାଷ୍ଟିଆନ କୋଏ

# ସ୍ଥାନ ବଜାୟ ରଖିବେ ଯୋଗ୍ୟ ଆଥଲେଟ

ପ୍ୟାରିସ୍, ୨୮।୩(ଏଏଫ୍‌ପି)
କୋଭିଡ-୧୯ ସଂକ୍ରମଣ ଲାଗି ୨୦୨୦ ଟୋକିଓ ଅଲିମ୍ପିକ୍ସ ସ୍ଥଗିତ ରହିଛି ଓ ଗୋଟିଏ ବର୍ଷ ଘୁଞ୍ଚିଯାଇଛି। ତେବେ ଏହା ସତ୍ତ୍ୱେ ଯେଉଁ ଆଥଲେଟ୍‌ମାନେ ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି ସେମାନେ ସ୍ଥାନ ବଜାୟ ରଖିବେ। ଅର୍ଥାତ୍ ୨୦୨୧ରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ ମଧ୍ୟ ଏମାନେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଅଲିମ୍ପିକ୍ସରେ ୧୧,୦୦୦ ଆଥଲେଟ୍ ଅଂଶଗ୍ରହଣ କରିବାର ଥିଲା। ଏମାନଙ୍କ ମଧ୍ୟରୁ ୫୭ ପ୍ରତିଶତ ଆଥଲେଟ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଥିଲେ। ତେଣୁ ଆସନ୍ତାବର୍ଷ ଯେତେବେଳେ ଅଲିମ୍ପିକ୍ସ ଆୟୋଜନ ହେବ ସେତେବେଳେ ଏହି ଆଥଲେଟ୍‌ମାନେ ଭାଗ ନେବା ନିଶ୍ଚିତ ବୋଲି କୁହାଯାଇଛି।

ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ଓ ୩୨ଟି ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ ଟେଲି କନ୍‌ଫରେନ୍ସ ମାଧ୍ୟମରେ ଗୁରୁବାର ଏ ସଂକ୍ରାନ୍ତରେ ସବିଶେଷ ଆଲୋଚନା କରିଥିଲେ। ଯେଉଁ ଆଥଲେଟ୍‌ମାନେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି ସେମାନଙ୍କ କ୍ୱାଲିଫିକେଶନକୁ ସମ୍ମାନ ଦିଆଯିବ ବୋଲି ଏଥିରେ ସହମତି ପ୍ରକାଶ ପାଇଥିଲା। ଆଇଓସି ଅଧ୍ୟକ୍ଷ ଥୋମାସ ବାକ୍ ପ୍ରଥମେ ଅଲିମ୍ପିକ୍ସ ଘୁଞ୍ଚିବା ନେଇ ସମସ୍ତଙ୍କୁ ବୁଝାଇଥିଲେ। ଏହାପରେ ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଆଥଲେଟ୍ ସ୍ୱତଃପ୍ରବୃତ୍ତ ଭାବେ ୨୦୨୧ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ସ୍ପଷ୍ଟ କରିଥିଲେ। କେବେ ଓ କିଭଳି ଖେଳାଳିମାନେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବେ ସେ ନେଇ ଚର୍ଚ୍ଚା ହୋଇଥିଲା। ତେବେ କେତେକ ଫେଡେରେଶନର ଆଥଲେଟ ଅଲିମ୍ପିକ୍ସ ପାଇଁ ଏପର୍ଯ୍ୟନ୍ତ ଯୋଗ୍ୟତା ହାସଲ କରିନାହାନ୍ତି। ତେବେ ଏଥିପାଇଁ ଅତିକମ୍‌ରେ ୩ ମାସର ସମୟ ଆବଶ୍ୟକ ବୋଲି ସେ କହିଛନ୍ତି।

ଟୋକିଓ ଅଲିମ୍ପିକ୍ସ ଜୁଲାଇ ୨୪ରୁ ଆରମ୍ଭ ହୋଇ ଅଗଷ୍ଟ ୯ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ବାକ୍ ଓ ଆୟୋଜକ ଦେଶ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଟେଲିଫୋନରେ କଥା ହେବା ପରେ ମିଳିତ ଭାବେ ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଞ୍ଚାଇବା ପାଇଁ ଐତିହାସିକ ନିଷ୍ପତ୍ତି ନେଇଥିଲେ। ସାରା ବିଶ୍ୱରେ ଶାନ୍ତି ବିରାଜମାନ ଥିବା ବେଳେ ପ୍ରଥମଥର ପାଇଁ ଅଲିମ୍ପିକ୍ସକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଅଲିମ୍ପିକ୍ସ ପୁଣି କେବେ ଆୟୋଜନ ହେବ ସେ ନେଇ କୌଣସି ତାରିଖ ଘୋଷଣା କରାଯାଇ ନାହିଁ। ତେବେ ୨୦୨୧ ଗ୍ରୀଷ୍ମ ପୂର୍ବରୁ ଅଲିମ୍ପିକ୍ସ ଆୟୋଜନ କରାଯିବ ବୋଲି ବାକ୍ କହିଛନ୍ତି।

ସାରା ବିଶ୍ୱରେ ବକ୍ସିଂ ଭଳି ଏକାଧିକ ଅଲିମ୍ପିକ କ୍ରୀଡ଼ାର କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟଗୁଡ଼ିକ ଆୟୋଜନରେ ବାଧା ସୃଷ୍ଟି ହୋଇଛି। ସେଲିଂରେ ୯୦ ପ୍ରତିଶତ ଖେଳାଳି ଯୋଗ୍ୟତା ହାସଲ କରିସାରିଛନ୍ତି। ଆଗାମୀ ୪ ସପ୍ତାହ ମଧ୍ୟରେ ୨୦୨୧ ଅଲିମ୍ପିକ୍ସର ନୂଆ ତାରିଖ ଧାର୍ଯ୍ୟ କରାଯିବ। ଅବଶ୍ୟ ବିଭିନ୍ନ ଫେଡେରେଶନ ସେମାନଙ୍କ ସୁବିଧା ଅନୁଯାୟୀ ଭିନ୍ନ ଭିନ୍ନ ତାରିଖ ନେଇ ପ୍ରସ୍ତାବ ଦେଇଛନ୍ତି।




**୨୦୨୧ ଅଲିମ୍ପିକ୍ସ**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ